52 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧/୨୦୨୬ (୧୬ ପୃଷ୍ଠା) | Bhubaneswar, Wednesday, April 1/2026 | Page 16 | ₹ 7.00 | DHENKANAL

୫୨ଶ ଭାଗ ୧୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 126 | ମୂଲ୍ୟ ₹୭/-



## ଭାଜପାରେ ଯୋଗଦେଲେ ଲିଆଣ୍ଡର ପେସ୍

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗଦେଇଛନ୍ତି ଭାରତର ଟେନିସ୍ କିମ୍ବଦନ୍ତୀ ଲିଆଣ୍ଡର ପେସ୍।

୧୪

୦୬

## ପୂର୍ବ ପ୍ରେମିକାଙ୍କ ସହ ରୋମାନ୍ସ

ଅଭିନେତା ନାଗାର୍ଜୁନଙ୍କ ୧୦୦ତମ ଚଳଚ୍ଚିତ୍ର 'କିଙ୍ଗ୍ ୧୦୦'ରେ ପୁଣିଥରେ ତବୁଙ୍କ ସହ ତାଙ୍କ ଯୋଡ଼ିକୁ ପରଦାରେ ଏକାଠି ଦେଖିବାକୁ ମିଳିବା






## ପବିତ୍ର ଓଡ଼ିଶା ଦିବସ-୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ–୨୦୨୬ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/25-26/0013

15001/13/2526



## ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଜୟ ଜଗନ୍ନାଥ!

ଆଜି ଓଡ଼ିଶା ଦିବସ । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅସ୍ମିତା ଓ ସ୍ୱାଭିମାନର ଦିବସ । ଏହି ଅବସରରେ ଓଡ଼ିଶା ତଥା ଦେଶ ଓ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ତ୍ୟାଗ ଓ ବଳିଦାନ ରଖିଥିବା ସମସ୍ତ ବରପୁତ୍ରମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଶା ଆଜି ନୂଆ ଆଶା, ନୂଆ ଭରସା ଓ ଗଭୀର ଆତ୍ମବିଶ୍ୱାସର ସହିତ ଆଗକୁ ବଢୁଛି । ୨୦୩୬ ସୁଦ୍ଧା ଆମେ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଛୁ । ଆଗାମୀ ଦଶ ବର୍ଷ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସଂକଳ୍ପର ବର୍ଷ ହେଉ ।

ଆସନ୍ତୁ, ଆମେ ସମସ୍ତେ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ ପାଇଁ ଦୃଢ଼ ସଂକଳ୍ପବଦ୍ଧ ହୋଇ କାମ କରିବା ।

*ବନ୍ଦେ ଉତ୍କଳ ଜନନୀ ।*

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା






## ୯୦ ବର୍ଷରେ ଓଡ଼ିଶା ଦିବସ




# ଆନ୍ଧ୍ର ନାବାଳିକାଙ୍କୁ ନିଶା ଦେଇ ଗଣବଳାତ୍କାର

**ବ୍ରହ୍ମପୁର,୩୧।୩ (ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ପୋଲିସ ଜିଲାରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ଗୋପାଳପୁର ବେଳାଭୂମି ଗଣବଳାତ୍କାର ଘଟଣାର ବର୍ଷେ ନ ପୂରୁଣୁ ବ୍ରହ୍ମପୁରରେ ଆଉ ଜଣେ ନାବାଳିକା ଗଣବଳାତ୍କାରର ଶିକାର ହୋଇଛନ୍ତି। ଆନ୍ଧ୍ରପ୍ରଦେଶର ଏହି ନାବାଳିକାଙ୍କୁ ନିଶାଦେଇ ଗଣବଳାତ୍କାର କରିଥିବା ୨ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ପୀଡ଼ିତାଙ୍କ ନାବାଳକ ସାଙ୍ଗଙ୍କୁ ମଧ୍ୟ ଧରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଲାଞ୍ଜିପଲ୍ଲୀ ଡିପସାହିର ଅର୍ଜୁନ ନାୟକ (୨୨) ଓ ଆଦିତ୍ୟ ନାୟକ (୧୯)। ପୀଡ଼ିତା ଓ ଅଭିଯୁକ୍ତମାନଙ୍କର ଡାକ୍ତରୀମାଇନା କରାଯାଇଛି। ପୀଡ଼ିତାଙ୍କୁ ସିଡବ୍ଲୁସିରେ ହାଜର

**୨ ଗିରଫ**

କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ଗୋଷାଣି ନୂଆଗାଁ ଥାନା ମାମଲା ନଂ. ୧୧୧/୨୬ରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ନାବାଳକ ସାଙ୍ଗଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି)ରେ ହାଜର କରାଯାଇଛି। ଏପରିକି ଆନ୍ଧ୍ରରେ ଯୌନ ନିର୍ଯାତନା ଦେଇଥିବା ପୀଡ଼ିତାଙ୍କ ସାବତ ବାପାଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜଣେ ଡିଏସ୍‌ପି ଏହି ଘଟଣାର ତଦନ୍ତ କରୁଛନ୍ତି। ଆନ୍ଧ୍ରପ୍ରଦେଶ ପୋଲିସକୁ ଏ ନେଇ ଖବର ଦିଆଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଗିରଫ ହେବେ ବୋଲି ପୋଲିସ କହିଛି। ପ୍ରକାଶ ଯେ, ନାବାଳିକାଙ୍କ ଘର ଆନ୍ଧ୍ରପ୍ରଦେଶରେ। ତାଙ୍କ ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଦ୍ୱିତୀୟ ବିବାହ କରିଥିଲେ। ସେମାନଙ୍କ ପାଖରେ ରହିବା ସମୟରେ ସାବତ ବାପା ଯୌନ ନିର୍ଯାତନା ଦେବାରୁ ନାବାଳିକା ଜଣଙ୍କ ଗତ ୨୪ ତାରିଖରେ ପ୍ରଶାନ୍ତି ଏକ୍ସପ୍ରେସ୍ ଯୋଗେ ବ୍ରହ୍ମପୁର ଚାଲି ଆସିଥିଲେ। ସେ ବ୍ରହ୍ମପୁର ରେଳ ଷ୍ଟେଶନରେ ଓହ୍ଲାଇ ୪ ନଂ. ପ୍ଲାଟଫର୍ମରେ ବୁଲାବୁଲି କରୁଥିଲେ। ପରେ ନିକଟସ୍ଥ ଏକ ଚା' ଦୋକାନରେ କାମ କରି ରହୁଥିଲେ। ଏହି ୪ ଦିନ ମଧ୍ୟରେ ସେଠାକାର ଜଣେ ନାବାଳକଙ୍କ ସହ ନାବାଳିକାଙ୍କ ପରିଚିତ ହୋଇଥିଲା। ଗତ ୨୯ ତାରିଖ ରାତିରେ ନାବାଳିକାଙ୍କ ସହ କଥା ହେବାକୁ ସାଙ୍ଗ ଜଣଙ୍କ ନିକଟସ୍ଥ ଏକ ପରିତ୍ୟକ୍ତ ଜାଗାକୁ ଡାକି ନେଇଥିଲେ। ସେଠାରେ ଥିବା ୨ ଅଭିଯୁକ୍ତ ଅର୍ଜୁନ ଓ ଆଦିତ୍ୟ କିଛି ନିଶାଦ୍ରବ୍ୟ ପିଇବାକୁ ଦେବାରୁ ନାବାଳକ ଜଣଙ୍କ ଶୋଇପଡ଼ିଥିଲେ। କିଛି ସମୟ ପରେ ନାବାଳିକା ଜଣଙ୍କ ମଧ୍ୟ ଅଚେତ ହୋଇଯିବାରୁ ଅଭିଯୁକ୍ତଦ୍ୱୟ ତାଙ୍କୁ ସେଠାରେ ବଳାତ୍କାରକରି ପଳାଇଥିଲେ। ନାବାଳିକା ଜଣଙ୍କ ପଡ଼ିରହିଥିବା ସ୍ଥାନୀୟ ଲୋକେ ଦେଖି ଥାନାରେ ଜଣାଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାରକରିବା ସହ ବୟାନ ରେକର୍ଡ କରିଥିଲା। ପୀଡ଼ିତାଙ୍କ ବୟାନ ଆଧାରରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ପରେ ତାଙ୍କ ନାବାଳକ ସାଙ୍ଗ ୨ ଅଭିଯୁକ୍ତଙ୍କୁ କାବୁ କରାଯାଇଥିବା ପୋଲିସ କହିଛି।

# ଟ୍ରାକ୍ଟର-ବାଇକ୍ ଧକ୍କା, ୨ ମୃତ

**ଦିଗପହଣ୍ଡି,୩୧।୩ (ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ଦିଗପହଣ୍ଡି-ଘୋଡ଼ାହାଡ଼ ଡ୍ୟାମ ମୁଖ୍ୟରାସ୍ତାର ଭୁଷୁଣ୍ଡା ଗ୍ରାମ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ପଥର ବୋଝେଇ ଟ୍ରାକ୍ଟର ଓ ବାଇକ୍ ଧକ୍କାହେବାରୁ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦିଗପହଣ୍ଡି ବ୍ଲକ ଚଷା ନିମଖଣ୍ଡି ପଞ୍ଚାୟତ ପାଳଝାଡି ଗାଁର ନିରଞ୍ଜନ ଗୌଡ଼(୨୮) ଓ ସୁମିତ କୁମାର ପଣ୍ଡା(୨୫)। ଉଭୟେ ଦିଗପହଣ୍ଡିରୁ ବାଇକ୍ (ନଂ. ଓଡ଼ି ୦୭ ଏପି ୬୩୦୭) ଯୋଗେ ଗାଁକୁ ଫେରୁଥିବା ବେଳେ ଭୁଷୁଣ୍ଡା ଗ୍ରାମ ନିକଟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଟ୍ରାକ୍ଟର (ନଂ. ଓଡ଼ି ୦୭ ଇ ୦୭୦୯) ଧକ୍କା ଦେଇଥିଲା। ନିରଞ୍ଜନ ଓ ସୁମିତ ରାସ୍ତା ଉପରେ ବାଇକ୍ ସହ ଛିଟକି ପଡ଼ିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଦିଗପହଣ୍ଡି ଥାନାରେ ସୁମିତଙ୍କ ମା' ସୁନୀତା କୁମାରୀ ପଣ୍ଡାଙ୍କ ଏତଲାକ୍ରମେ ନଂ. ୧୩୫/୨୬ରେ ମାମଲା ରୁଜୁ ହୋଇଛି। ପୋଲିସ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ୨ ମୃତଦେହ ଜବତକରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଟ୍ରାକ୍ଟରକୁ ଜବତ କରି ଥାନାକୁ ନିଆଯାଇଛି। ଟ୍ରାକ୍ଟର ଚାଳକ ଦିଗପହଣ୍ଡି ଥାନା ଚାଞ୍ଚଡାପଲ୍ଲୀ ଗ୍ରାମର ସରୋଜ ବିଷୋୟୀ ଫେରାର ଥିବା ଆଇଆଇସି କିଶୋର କୁମାର ସାମଲ କହିଛନ୍ତି।

# ମେଟ୍ରୋ ରେଳ ପ୍ରକଳ୍ପ ସ୍ଥଗିତ

**ଭୁବନେଶ୍ୱର,୩୧।୩(ବନ୍ଦନା ସେଠୀ)**

ଭୁବନେଶ୍ୱରରେ ପ୍ରସ୍ତାବିତ ମେଟ୍ରୋ ରେଳ ପ୍ରକଳ୍ପ ବର୍ତ୍ତମାନ ସ୍ଥଗିତ ରହିଛି। ଜାତୀୟ ମେଟ୍ରୋ ରେଳ ନୀତି (ନ୍ୟାଶନାଲ୍ ମେଟ୍ରୋ ରେଳ ପଲିସି) ସହ ଅନୁପାଳନ, ଆଶାଠାରୁ କମ୍ ଯାତ୍ରୀ ସଂଖ୍ୟା ଏବଂ ପ୍ରକଳ୍ପର ବୈଷୟିକ ଦିଗଗୁଡ଼ିକର ପୁନଃ ଅନୁଧ୍ୟାନ ପାଇଁ ସରକାର ଏହି ପ୍ରକଳ୍ପକୁ ସ୍ଥଗିତ ରଖିଛନ୍ତି। ମଙ୍ଗଳବାର ବିଧାନସଭାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ତେବେ ପ୍ରକଳ୍ପ ଉଦ୍ଦେଶ୍ୟରେ ଏକ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି। ଏଥିସହ ସରକାରଙ୍କ ଦ୍ୱାରା 'ସଷ୍ଟେନେବଲ ଅର୍ବାନ ମୋବିଲିଟି ଟ୍ରାନ୍‌ଜିଶନ ପ୍ଲାନ ଫର୍ ଓଡ଼ିଶା' ଶୀର୍ଷକ ଏକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନା ଓଡ଼ିଶାରେ ମେଟ୍ରୋ ରେଳ ସମେତ ସାମଗ୍ରିକ ସହରୀ ପରିବହନ ବ୍ୟବସ୍ଥାକୁ ଚୂଡ଼ାନ୍ତ ରୂପ ଦେବାରେ ସହାୟକ ହେବ। ଏହି କମିଟିର ସୁପାରିସ ଏବଂ ଯୋଜନାର ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ସରକାର ମେଟ୍ରୋ ପ୍ରକଳ୍ପ ସମ୍ପର୍କରେ ଆଗାମୀ ଦିନରେ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ମନ୍ତ୍ରୀ ଗୃହରେ ମତ ରଖିଛନ୍ତି। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନବନ୍ଦରଠାରୁ କଟକର ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ପ୍ରକଳ୍ପ ନିର୍ମାଣ ହେବାର ପ୍ରସ୍ତାବ ରହିଥିଲା। ଏଥିପାଇଁ ୬୨୫୫କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଥିଲା।

# କେନ୍ଦ୍ରୀୟ ବିଦ୍ୟାଳୟରେ ସ୍ୱାଗତ ସମାରୋହ




**ଢେଙ୍କାନାଳ,୩୧।୩(ରତନ ନାୟାର)**

ଢେଙ୍କାନାଳ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଅଭିଭାବକ ଶିକ୍ଷକ ସଂଘର ଏକ ବୈଠକ ବିଦ୍ୟାଳୟର ଅଧ୍ୟକ୍ଷ ବଳରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ନୂତନ ଉପସଭାପତି ରୁଦ୍ର ନାରାୟଣ ତ୍ରିପାଠୀଙ୍କୁ ସ୍ୱାଗତ କରାଯିବା ସହିତ ପୁରାତନ ଉପସଭାପତି ସୁନିଲ କୁମାର ଦାଶଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ନୂତନ ଉପସଭାପତିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ କାର୍ଯ୍ୟ କରିବା ପାଇଁ ନୂତନ ସଭାପତି ଦୃଢୋକ୍ତି ପ୍ରକାଶ କରିଥିଲେ। ଏଥିସହିତ ପୂର୍ବତନ ଉପସଭାପତି ସୁନିଲ କୁମାର ଦାଶଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ତାଙ୍କର ଦୀର୍ଘ ୧୧ବର୍ଷର ବିଦ୍ୟାଳୟ ପ୍ରତି ସ୍ନେହ, ଶ୍ରଦ୍ଧା, ସହଯୋଗ କାର୍ଯ୍ୟକଳାପ ସମ୍ପର୍କରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆଲୋକପାତ କରିଥିଲେ । ଏହି ଉପଲକ୍ଷେ ବିଦ୍ୟାଳୟର ଶିକ୍ଷକ ଅଭିଭାବକ ସଂଘର ପୁରାତନ ସଭ୍ୟ ଦିଲୀପ କୁମାର ସାହୁ, ଦେବସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ଶିକ୍ଷକ ରତ୍ନାକର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଦୁଶାସନ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ ।

# ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟ ଶିବିର

**ପାଲଲହଡା,୩୧।୩(ଦିବ୍ୟଜ୍ୟୋତି ଦାଶ)**


ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକର ଉପାନ୍ତ ଅଞ୍ଚଳ ଭାବେ ପରିଚିତ ବରଡ଼ିହ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପାଉଡି ଭୂୟାଁ ଉନ୍ନୟନ ସଂସ୍ଥା( ପିବିଡିଏ) ଦ୍ୱାରା ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଉକ୍ତ ଶିବିରରେ ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ, ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ଖମାରର ଡାକ୍ତର ଡା. ଶଶିଭୂଷଣ ବେହେରାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ସ୍ଥାନୀୟଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡେପୁଟି କଲେକ୍ଟର ବିଦ୍ୟୁସ୍ମିତା ସାହୁ, ଡେପୁଟି କଲେକ୍ଟର ସୌମ୍ୟାଶ୍ରୀ ପରିଡ଼ା ଏବଂ ପାଉଡି ଭୂୟାଁ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ସୀମା ଦେହୁରୀ ଉପସ୍ଥିତ ରହି ସେବାକାର୍ଯ୍ୟର ସମୀକ୍ଷା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶୋଭିତ କୁମାର ବିଶି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉପଜିଲାପାଳ ପଟେଲ ବରଡ଼ିହ ଗ୍ରାମର ଶେଷ ସୀମା ପର୍ଯ୍ୟନ୍ତ ଯାଇ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଲୋକଙ୍କ ସହ ଆଲୋଚନା କରିଥିଲେ।

# ପ୍ରାଚୀନ ମା' ମଙ୍ଗଳାଙ୍କ ପୀଠ ତେନ୍ତୁଳିଆପଦା ଅବହେଳିତ



**ଢେଙ୍କାନାଳ,୩୧।୩(ରତନ ନାୟାର)**

ଢେଙ୍କାନାଳ ଜିଲାର ଓଡ଼ାପଡ଼ା ବ୍ଲକ ସଦାଶିବପୁର ଗ୍ରାମପଞ୍ଚାୟତର ତେନ୍ତୁଳିଆପଦାଠାରେ ଥିବା ପ୍ରାଚୀନ ମା' ମଙ୍ଗଳାଙ୍କ ପୀଠ ସମ୍ପୂର୍ଣ୍ଣ ଅବହେଳିତ ଅବସ୍ଥାରେ ରହିଛି। ଏହି ଶକ୍ତିପୀଠର ଉନ୍ନତି ପାଇଁ ଜିଲା ସକ୍ରିୟ ନାଗରିକ ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ସମେତ କର୍ମକର୍ତ୍ତାମାନେ ଜିଲାପାଳ ଓ ଜନ ପ୍ରତିନିଧିମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ପୀଠ ଶତାଧିକ ବର୍ଷଧରି ଶ୍ରଦ୍ଧାଳୁଙ୍କର ଆସ୍ଥା ଓ ବିଶ୍ୱାସର ପୀଠହୋଇ ରହିଛି । ଅନେକ ଶ୍ରଦ୍ଧାଳୁ ସନ୍ତାନସନ୍ତତି କାମନାରେ ଅବିଭକ୍ତ ଢେଙ୍କାନାଳ ଜିଲାରୁ ଏଠାକୁ ଆସି ମା'ଙ୍କ ଶରଣାପନ୍ନ ହୋଇଥାନ୍ତି। ମା' ମଙ୍ଗଳବାର ବର୍ତ୍ତମାନର ମନ୍ଦିର ସ୍ଥାନୀୟ ଅଞ୍ଚଳର ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଲିଙ୍ଗରାଜ ସେଠୀଙ୍କ ଦ୍ୱାରା ପ୍ରାୟ ୩୦ବର୍ଷ ତଳୁ ନିର୍ମିତ ହୋଇଛି । ୫୫ନଂ ଜାତୀୟ ରାଜପଥର ତେନ୍ତୁଳିଆପଦା ରାସ୍ତା ସମ୍ପର୍କରେ ପୀଠ ସମ୍ପର୍କିତ ସୂଚନା ଫଳକଟିଏ ବି ଲାଗିନାହିଁ । ୧୯୨୭ରୁ ସଦାଶିବପୁର ରେଳଷ୍ଟେଶନ ପାର୍ଶ୍ୱଦେଇ ମା'ଙ୍କ ପୀଠକୁ ଏକ ରାସ୍ତା ଯାଇଛି । ଏହା ନିକଟରେ ଏକ ତୈଳଡିପୋ ରହିଥିବାରୁ ବଡ଼ବଡ଼ ଟ୍ୟାଙ୍କରଗୁଡ଼ିକ ଯିବାଆସିବା କରୁଥିବା ବେଳେ ରାସ୍ତାକୁ ପ୍ରଶସ୍ତ କରିବାର ଆବଶ୍ୟକ ରହିଛି । ଚୈତ୍ର ମାସର ଶେଷ ମଙ୍ଗଳବାରରେ ମା'ଙ୍କ ନିକଟରେ ୧୫ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି । ରାତ୍ର ଆଳତୀ ପରେ ମା' ବିମାନରେ ବିଜେକରି ଗ୍ରାମ ପରିକ୍ରମା ପୂର୍ବକ ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା ସହ ତାଙ୍କଠାରେ ପଣା ଭୋଗ ଲାଗି ହୋଇଥାଏ ବୋଲି ଜିଲା ସକ୍ରିୟ ନାଗରିକ ପରିଷଦ ସଭାପତି ଜଣାଇଛନ୍ତି।



ଧରିତ୍ରୀ 52 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧/୨୦୨୬ | Bhubaneswar, Wednesday, April 1/2026 | ପୃଷ୍ଠା-୧

## ବନ୍ଦେ ଉତ୍କଳ ଜନନୀ






କଟକ: ହାଇକୋର୍ଟ ଆଗରେ ଜଣେ ମହିଳା ନିଆଁ ଲଗାଇଦେବାରୁ ଏକ ସ୍କର୍ପିଓ ଓ ୨ଟି ବାଇକ୍ ଜଳିଯାଇଛି। (ଫଟୋ: ରାଜକିଶୋର ମହାନ୍ତି) (ରିପୋର୍ଟ: ପୃଷ୍ଠା-୫)

# ଦୁର୍ବଳ କହି ଏସ୍‌ସି, ଏସ୍‌ଟିଙ୍କୁ ଉପହାସ କରୁଛନ୍ତି ବିରୋଧୀ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୧।୩(ସୁନିତ୍ ମିଶ୍ର)**

ଫେବୃଆରୀ ୧୭ରୁ ବିଧାନସଭାର ବଜେଟ ଅଧିବେଶନ ଚାଲିଥିବାବେଳେ ଗୃହରେ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ନ ହୋଇ କେବଳ ପାଟିତୁଣ୍ଡ, ହୋହଲ୍ଲା ଭିତରେ ଏହା ସରିଗଲା। ଏହି ସମୟ ଭିତରେ ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇପାରି ଥାଆନ୍ତା। କିନ୍ତୁ ବିରୋଧୀ ଦଳ ଗୃହ ଭିତର ଅପେକ୍ଷା ବାହାରେ ଅଧିକ ସକ୍ରିୟ ରହିଲେ। ଗଣତନ୍ତ୍ରର ପ୍ରକ୍ରିୟା ମଧ୍ୟରେ ବିଧାନସଭାରେ ଯେଉଁ ଗରିମାମୟ ତର୍କବିତର୍କ, ଆଲୋଚନା ଏବଂ ସମାଲୋଚନା ହୋଇଥାଆନ୍ତା ତାହା ହୋଇପାରିଲା ନାହିଁ। ମାତ୍ର ବିରୋଧୀ ଗୃହରେ ଦୁର୍ବଳ ଓ ସବଳ ମୁଖ୍ୟମନ୍ତ୍ରୀ କଥା କହି ଡ୍ରାମା କରିବା ନିନ୍ଦନୀୟ କଥା। ଗତ ସରକାର ସମୟରେ ଯେତେବେଳେ ପରୀ, ମମିତା, ମାହାଙ୍ଗା ଡବଲ ମର୍ଡର ଘଟଣା ଘଟିଥିଲା, ସେତେବେଳେ କେଉଁ ମନ୍ତ୍ରୀଙ୍କୁ ଏମାନେ ଇସ୍ତଫା ଦେବାକୁ କହିଥିଲେ। କୁଆଡ଼େ ଯାଇଥିଲା ସେତେବେଳେ ତତ୍କାଳୀନ ସରକାରର ନୈତିକତା। ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଯେତେବେଳେ ଜଣେ ସରକାରୀ କର୍ମଚାରୀ ହତ୍ୟାକଲେ ତା'ପରେ ତଦନ୍ତ ନାଁରେ କେବଳ ସମୟ ଗଡ଼ାଇ ଚାଲିଲେ। କୁଆଡ଼େ ଯାଇଥିଲା ସେତେବେଳେ ସେମାନଙ୍କ ନୈତିକତା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ସବଳ ଥିଲେ ନା ତାଙ୍କୁ ଚଳାଉଥିବା ଜଣେ ☞ପୃଷ୍ଠା-୫



ମୋହନ ଚରଣ ମାଝୀ

- **ବିରୋଧୀ ଗୃହରେ ନିଷ୍କ୍ରିୟ, ବାହାରେ ସକ୍ରିୟ**
- **ବିଶୃଙ୍ଖଳା ସୃଷ୍ଟି କରିବାର ଜିଦ୍ ଯୋଗୁ ଅଧିବେଶନ ଫଳପ୍ରଦ ହେଲାନି**
- **୨୦୨୬-୨୭ ଆର୍ଥିକବର୍ଷର ବ୍ୟୟ ମଞ୍ଜୁର ବିଧେୟକକୁ ମିଳିଲା ମଞ୍ଜୁରୀ**

# ଆଣବିକ ଯୁଦ୍ଧ ସଙ୍କେତ

**ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ୩୨ ଦିନ ପୂରିଲାଣି, କୌଣସି ପକ୍ଷର ସଂଯମ ନାହିଁ। ଇରାନ୍ ଉପରେ ଇସ୍ରାଏଲ୍ ଘନ ଘନ ମିଶାଇଲ ମାଡ଼ କରୁଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘଡ଼ି ଘଡ଼ିକେ ବଦଳୁଥିବା ମନ୍ତବ୍ୟକୁ ଆଦୌ ବିଶ୍ୱାସ କରିପାରୁ ନାହିଁ ତେହରାନ୍। ଏଭଳି ସମୟରେ ଇରାନ୍ ଅଣୁ ଅପ୍ରସାର ଚୁକ୍ତି (ଏନ୍‌ପିଟି)ରୁ ଓହରିବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଇରାନୀୟ ପାର୍ଲାମେଣ୍ଟ 'ମଜ୍‌ଲିସ୍'ରେ ସୋମବାର ଏ ସମ୍ପର୍କିତ ବିଲ୍ ଆଗତ କରାଯାଇଛି। ଏହା ପାରିତ ହେବା ମାତ୍ରେ ୨୦୧୫ରେ ସ୍ୱାକ୍ଷରିତ ଏନ୍‌ପିଟିରୁ ଇରାନ୍ ମୁକ୍ତ ହେବ। ଏଥିସହ ଇରାନ୍‌ର ଆଣବିକ କାର୍ଯ୍ୟକ୍ରମର ଅନ୍ତର୍ଜାତୀୟ ସମୀକ୍ଷା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ଏହା ବୈଶ୍ୱିକ ଅଣୁ ଅପ୍ରସାର ଉଦ୍ୟମ ପାଇଁ ଏକ ବଡ଼ ଝଟକା ହୋଇପାରେ। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ମଙ୍ଗଳବାର ଇରାନ୍‌ର ଇଶ୍‌ଫାହାନ୍ ଆଣବିକ କେନ୍ଦ୍ରରେ ଆମେରିକା ୯୦୦ କେ.ଜି.ର ବଙ୍କର ବଷ୍ଟର ବୋମା ମାଡ଼ କରିଛି। ଫଳରେ ଯୁଦ୍ଧରେ ଆଣବିକ ଅସ୍ତ୍ର ପ୍ରୟୋଗର ଆଶଙ୍କା ବଢ଼ିଛି।**

**ତେହରାନ୍/ୱାଶିଂଟନ୍,୩୧।୩(ରଏଟର୍ସ/ଏଜେନ୍ସି)**

ଇରାନ୍ ଆଣବିକ ଅସ୍ତ୍ର ତିଆରି କରୁଥିବା ନେଇ ଆମେରିକା ଓ ଇସ୍ରାଏଲ୍ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ତେହରାନ୍ ଏହାକୁ ଖଣ୍ଡନ କରୁଥିବାବେଳେ ଜାତିସଂଘର ଆଣବିକ ଜଗୁଆଳି ସଂସ୍ଥା ଇଣ୍ଟରନ୍ୟାଶନାଲ ଆଟମିକ୍ ଏନର୍ଜି ଏଜେନ୍ସି (ଆଇଏଇଏ) ମଧ୍ୟ ଅଭିଯୋଗ ସମ୍ପର୍କରେ ସ୍ପଷ୍ଟ କରିନାହିଁ। ଫେବୃଆରୀ ୨୮ରୁ ଆମେରିକା-ଇସ୍ରାଏଲ୍ ଇରାନ୍ ଉପରେ ଆକ୍ରମଣ ଜାରି ରଖିଥିବାବେଳେ ତେହରାନ୍ ଏହାର ମୁହଁତୋଡ଼ ଜବାବ ଦେଇଚାଲିଛି। ଫଳରେ ଯୁଦ୍ଧର ପରିସର ବୃଦ୍ଧି ସହ ତୈଳ, ବିଶ୍ୱର ବିଭିନ୍ନ ଭାଗରେ ପ୍ରାକୃତିକ ବାଷ୍ପ ସଙ୍କଟ ଘନେଇବାରେ ଲାଗିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ସୋସିଆଲ ମିଡିଆରେ ଏକ ଭିଡିଓ ଫୁଟେଜ୍ ଶେୟାର କରିଛନ୍ତି। ଇରାନ୍‌ର ଇଶ୍‌ଫାହାନ୍ ଆଣବିକ କେନ୍ଦ୍ରରେ

- **ଅଣୁ ଅପ୍ରସାର ଚୁକ୍ତିରୁ ଓହରିବାକୁ ଇରାନ୍‌ର ଉଦ୍ୟମ**
- **ଇଶ୍‌ଫାହାନ ଆଣବିକ କେନ୍ଦ୍ରରେ ଆମେରିକାର ଆକ୍ରମଣ**

ମଙ୍ଗଳବାର ଭୋର ସମୟରେ ଆମେରିକୀୟ ସୈନ୍ୟ ବୋମା ବର୍ଷଣ କରୁଥିବାବେଳର ଏହି ଦୃଶ୍ୟକୁ ନେଇ ସାମାଜିକ ଗଣମାଧ୍ୟମ ଓ ବିଭିନ୍ନ ଟିଭି ଚ୍ୟାନେଲରେ ଏବେ ନାନା ଚର୍ଚ୍ଚା ଚାଲିଛି।

ରାଷ୍ଟ୍ରପତି ଟ୍ରମ୍ପ ଉକ୍ତ ଭିଡିଓରେ ଷ୍ଟ୍ରାଇକ୍ ସମ୍ପର୍କରେ କିଛି ଉଲ୍ଲେଖ କରି ନ ଥିଲେ ମଧ୍ୟ ମିଡିଆ ରିପୋର୍ଟଗୁଡ଼ିକରେ ଦାବି କରାଯାଇଛି ଯେ, ଏହା ଇଶ୍‌ଫାହାନ୍‌ସ୍ଥିତ ଏକ ବୃହତ୍ ଅସ୍ତ୍ରାଗାର ଉପରେ ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଆକ୍ରମଣ। ୨.୩ ନିୟୁତ ଜନସଂଖ୍ୟା ବିଶିଷ୍ଟ ଏହି ଇରାନୀୟ ସହରରେ ବଦର ସାମରିକ ☞ପୃଷ୍ଠା-୨

### ଏନ୍‌ପିଟି କ'ଣ

ନନ୍-ପ୍ରୋଲିଫେରେଶନ୍ ଅଫ୍ ନ୍ୟୁକ୍ଲିୟର ୱେପନ୍ ସମ୍ପର୍କିତ ଚୁକ୍ତି ଏନ୍‌ପିଟି ଏକ ଐତିହାସିକ ଅନ୍ତର୍ଜାତୀୟ ରାଜିନାମା। ଆଣବିକ ଅସ୍ତ୍ର ପ୍ରସାରକୁ ଏଡ଼ାଇବା ଏବଂ ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହନ ଦେବା ଏହାର ଉଦ୍ଦେଶ୍ୟ। ଆମେରିକା, ସୋଭିଏତ୍ ସଂଘ ଓ ବ୍ରିଟେନ୍ ପକ୍ଷରୁ ଆଗତ ପ୍ରସ୍ତାବ ଉପରେ ୧୯୬୮ ଜୁଲାଇ ୧ରେ ସ୍ୱାକ୍ଷର ଉଦ୍ୟମ ଆରମ୍ଭ ହୋଇଥିଲା। ୧୯୭୦ ମାର୍ଚ୍ଚ ୫ରେ ଏନ୍‌ପିଟି କାର୍ଯ୍ୟକାରୀ ହୋଇଥିଲା। ଉକ୍ତ ଚୁକ୍ତି ଅଧୀନରେ ଆଣବିକ ଅସ୍ତ୍ରସମ୍ପନ୍ନ ରାଷ୍ଟ୍ରଗୁଡ଼ିକ ଅଣୁ ଅସ୍ତ୍ରଗୁଡ଼ିକୁ ସ୍ଥାନାନ୍ତର ନ କରିବା ଏବଂ କୌଣସି ଅଣଅଣୁଅସ୍ତ୍ର ରାଷ୍ଟ୍ରକୁ ସେଗୁଡ଼ିକୁ ବିକଶିତ କରିବାକୁ ସହଯୋଗ କରିବେ ନାହିଁ ବୋଲି ସହମତି ପ୍ରକାଶ କରିଥିଲେ। ଆମେରିକା, ବ୍ରିଟେନ୍, ଫ୍ରାନ୍ସ, ରୁଷିଆ ଓ ଚାଇନା(ନ୍ୟୁକ୍ଲିୟର ୱେପନ୍ ଷ୍ଟେଟ୍ସ) ସମେତ ୧୯୧ ସଦସ୍ୟ ରାଷ୍ଟ୍ର ଏହି ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଇରାନ୍ ଏଥିରୁ ଓହରିଗଲେ ଯୁଦ୍ଧରେ ଆଣବିକ ଅସ୍ତ୍ର ପ୍ରୟୋଗ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

## ଆଜିଠୁ ଜନଗଣନା

**ନୂଆଦିଲ୍ଲୀ,୩୧।୩**

ବୁଧବାରଠାରୁ ଜନଗଣନା-୨୦୨୭ ଆରମ୍ଭ ହେଉଛି। ଏହା ଦେଶର ଷୋଡ଼ଶ ଜନଗଣନା ହୋଇଥିବାବେଳେ ସ୍ୱାଧୀନତା ପରେ ଅଷ୍ଟମ ଗଣନା। ପ୍ରତି ୧୦ ବର୍ଷରେ ଜନଗଣନା କରାଯାଉଥିବାବେଳେ ଶେଷଥର ପାଇଁ ୨୦୧୧ରେ ଏହା ହୋଇଥିଲା। କୋଭିଡ୍ ମହାମାରୀକୁ ନେଇ ୨୦୨୧ରେ ଜନଗଣନା ସ୍ଥଗିତ ରହିଥିଲା। ଭାରତର ମହାପଞ୍ଜିକାର ତଥା ଜନଗଣନା ଆୟୁକ୍ତ ମୃତ୍ୟୁଞ୍ଜୟ କୁମାର ନାରାୟଣଙ୍କ ସୂଚନା ଅନୁଯାୟୀ, ଜନଗଣନା ୨ ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଏବଂ ସ୍ୱୟଂଗଣନା କରାଯିବ। ଏଥିପାଇଁ ନିୟୋଜିତ କର୍ମଚାରୀମାନେ ଘରକୁ ଘର ଯାଇ ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରିବେ। ପ୍ରଥମ ଥର ☞ପୃଷ୍ଠା-୨

## ଆଜିଠୁ ନୂଆ ସୁଭଦ୍ରା ଆବେଦନ

**ଭୁବନେଶ୍ୱର,୩୧।୩(ସୁଚିସ୍ମିତା ସାହୁ)**

ସୁଭଦ୍ରା ଯୋଜନାରେ ନୂଆ ଆବେଦନକାରୀମାନେ ଏପ୍ରିଲ ୧ ବୁଧବାରଠାରୁ ପଞ୍ଜୀକରଣ କରିପାରିବେ। ସୁଭଦ୍ରା ପୋର୍ଟାଲ ମାଧ୍ୟମରେ ଏପ୍ରିଲ ୩୦ ପର୍ଯ୍ୟନ୍ତ ନୂତନ ଆବେଦନ କରାଯାଇପାରିବ। ଆବେଦନକାରୀଙ୍କ ବୟସ ୨୦୨୬ ଏପ୍ରିଲ ୧ ସୁଦ୍ଧା ୨୧ ବର୍ଷରୁ ୬୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଯୋଗ୍ୟ ବିବେଚିତ ହିତାଧିକାରୀମାନେ ୨୦୨୬-୨୭ ଆର୍ଥିକ ବର୍ଷରୁ ଯୋଜନାର ଅବଧି ପର୍ଯ୍ୟନ୍ତ ବାର୍ଷିକ ଦୁଇଟି କିସ୍ତିରେ ମୋଟ ୧୦,୦୦୦ ଟଙ୍କାର ସହାୟତା ରାଶି ପାଇବେ ବୋଲି ମହିଳା ଓ ଶିଶୁ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଯେଉଁ ମହିଳାମାନେ ☞ପୃଷ୍ଠା-୨

## ନାଳନ୍ଦା ମନ୍ଦିରରେ ଦଳାଚକଟା: ୮ ଶ୍ରଦ୍ଧାଳୁଙ୍କ ମୃତ୍ୟୁ

**ବିହାର ଶରିଫ,୩୧।୩**

ବିହାରର ନାଳନ୍ଦା ଜିଲାରେ ଥିବା ଶୀତଳା ମାତା ମନ୍ଦିରରେ ମଙ୍ଗଳବାର ସକାଳେ ପ୍ରବଳ ଭିଡ଼ରୁ ଦଳାଚକଟା ଘଟି ଅନ୍ୟୂନ ୮ ମହିଳା ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୨ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୋଲିସ ଏବଂ ଜିଲା ପ୍ରଶାସନର ଅଧିକାରୀମାନେ ପହଞ୍ଚିଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଶ୍ରଦ୍ଧାଳୁମାନଙ୍କ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଏବଂ ଆହତମାନଙ୍କ ପାଇଁ ୫୦,୦୦୦ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଧ୍ୟ ଚଳାଚକଟାରେ ଶ୍ରଦ୍ଧାଳୁମାନଙ୍କ ମୃତ୍ୟୁକୁ ନେଇ ଦୁଃଖପ୍ରକାଶ କରିବା ସହ ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ୬ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ଏଥିସହିତ ଆହତମାନଙ୍କୁ ଉତ୍ତମ ଚିକିତ୍ସା ସୁନିଶ୍ଚିତ କରିବା ପାଇଁ ସେ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଚୈତ୍ର ମାସର ଶେଷ ମଙ୍ଗଳବାର ହୋଇଥିବାରୁ ବିହାର ଶରିଫସ୍ଥିତ ଶୀତଳାମାତା ମନ୍ଦିରରେ ଭକ୍ତମାନଙ୍କ ପ୍ରବଳ ଗହଳି ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ମନ୍ଦିର ଭିତରେ ଅରାଜକତାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା। ଶ୍ରଦ୍ଧାଳୁମାନେ ତୁରନ୍ତ ମନ୍ଦିର ପରିସରରୁ ବାହାରିଯିବାକୁ ଉଦ୍ୟମ କଲାବେଳେ ଦଳାଚକଟା ଘଟିଥିଲା। ଦଳାଚକଟାର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ସଂଜ୍ଞା ବଦଳିପାରେ**

## ୫୫ ବର୍ଷ ପରେ ହେଲା ହିଙ୍ଗୁଳାଙ୍କ ନବକଳେବର

**ତାଳଚେର,୩୧।୩(ମନୋଜ ନନ୍ଦ)**

**ନୂତନ ରୁପା ମୁକୁଟରେ ପାଟବସ୍ତ୍ର ପିନ୍ଧାଇଲେ ତାଳଚେର ନୂଆ ରାଜା**

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ନବଦିନାତ୍ମକ ପୂଜା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ତେବେ ଚଳିତବର୍ଷ ଏହି ବାର୍ଷିକ ପୂଜା ପୂର୍ବରୁ ମା'ଙ୍କ ନବକଳେବର ବା ପାଟବରୀ ଉତ୍ସବ ଅନୁଷ୍ଠିତ ହୋଇଛି। ଜଣେ ରାଜାଙ୍କ ଜୀବନକାଳ ମଧ୍ୟରେ ଏହି ପୂଜା କେବଳ ଥରଟିଏ ହିଁ ହୋଇଥାଏ। ୧୯୭୦ ମସିହାରେ ଶେଷଥର ପାଇଁ ମା' ହିଙ୍ଗୁଳାଙ୍କ ନବକଳେବର କରାଯାଇଥିଲା। ତତ୍କାଳୀନ ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନଙ୍କ କରକମଳରେ ଏହା ଅନୁଷ୍ଠିତ ହୋଇଥିଲା। ୨୦୨୫ ଏପ୍ରିଲ ୨୧ରେ ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବ (୭୪)ଙ୍କ ଦେହାନ୍ତ ହୋଇଥିବାରୁ ପରମ୍ପରା ଅନୁଯାୟୀ ମା'ଙ୍କ ରୁପା ମୁକୁଟରେ ଲାଗି ହୋଇଥିବା ୫୫ ବର୍ଷ ତଳର ସେହି ପୁରୁଣା ପାଟକୁ ଚଳିତବର୍ଷ ଖୋଲାଯାଇଥିଲା। ଏହାପରେ ୨୭ତମ ରାଜା ଭାବେ ଅଭିଷିକ୍ତ ହୋଇଥିବା ସ୍ୱର୍ଗତ ରାଜାଙ୍କ ବଡ଼ପୁଅ ବିଜେୟେନ୍ଦ୍ର ଚନ୍ଦ୍ର ଦେବଙ୍କ ଦ୍ୱାରା ମା'ଙ୍କ ରୁପା ମୁକୁଟରେ ନୂଆ ପାଟ ପରିଧାନ କରାଯାଇ ନବକଳେବର ବା ପାଟବରୀ ଉତ୍ସବ ସମ୍ପନ୍ନ କରାଯାଇଥିଲା।

ପୂଜାବିଧି ଅନୁଯାୟୀ, ନବକଳେବର ପରମ୍ପରାରେ ମା' ହିଙ୍ଗୁଳାଙ୍କ ସ୍ୱତନ୍ତ୍ର ମୂର୍ତ୍ତି ନ ଥାଏ। ଏଠାରେ ୨ଟି ଆଲମ ପୂଜା ପାଆନ୍ତି। ଗୋଟିଏ ମା' ହିଙ୍ଗୁଳାଙ୍କ ନିଜସ୍ୱ କଳେବର ଏବଂ ☞ପୃଷ୍ଠା-୨



ମା' ହିଙ୍ଗୁଳାଙ୍କ ନବକଳେବର ବା ପାଟବରୀ ଉତ୍ସବ ପାଇଁ ତାଳଚେର ରାଜା ଓ ରାଣୀ ଶୋଭାଯାତ୍ରାରେ ଯାଉଛନ୍ତି।

## ପାଇଖାନା ଟାଙ୍କି ସେଣ୍ଟ୍ରିଂ ଖୋଲିବା ବେଳେ ଶ୍ୱାସରୁଦ୍ଧ: ୨ ମୃତ

**କୁଚିଣ୍ଡା,୩୧।୩(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା ବାମରା ବ୍ଲକ ତଥା ମହୁଲପାଲି ଥାନା ଅନ୍ତର୍ଗତ କେଶାଇବାହାଲରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ଘଟିଛି। ପାଇଖାନା ଟାଙ୍କି ସେଣ୍ଟ୍ରିଂ ଖୋଲିବା ସମୟରେ ଶ୍ୱାସରୁଦ୍ଧ ହୋଇ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କେଶାଇବାହାଲର ସୁଶୀଲ ନାଏକ(୩୫) ଓ ଭିକାରୀ ଚରଣ ବେହେରା(୫୫)। ଗୁରୁତର ଅବସ୍ଥାରେ ହେମନ୍ତ ବେହେରା(୩୩) ଓ ଆନନ୍ଦ ମାଝୀ(୩୦)ଙ୍କୁ କୁଚିଣ୍ଡା ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏନେଇ ମହୁଲପାଲି ଥାନାରେ ଦୁଇଟି ଅପମୃତ୍ୟୁ ମାମଲା(ନଂ.୬ ଓ ୭/୨୬)ରୁଜୁ କରି ପୋଲିସ ମୃତଦେହ କୁଚିଣ୍ଡା ମେଡ଼ିକାଲରେ ବ୍ୟବଚ୍ଛେଦ କରାଇଛି।

ସୂଚନା ଅନୁସାରେ, କେଶାଇବାହାଲର ଲୋକନାଥ ବେହେରା ଏକ ନୂଆ ସେପ୍ଟିକ ପାଇଖାନା ନିର୍ମାଣ କରିଥିଲେ। ମଙ୍ଗଳବାର ରାଜମିସ୍ତ୍ରିଙ୍କ ସହ ଶ୍ରମିକମାନେ ପାଇଖାନା ଟାଙ୍କିରୁ ସେଣ୍ଟ୍ରିଂ ଖୋଲିବା ପାଇଁ ଆସିଥିଲେ। ପ୍ରଥମେ ସୁଶୀଲ ପାଇଖାନା ଟାଙ୍କିରେ ପଶିଥିଲେ। ସେ କିଛି ସମୟ ଧରି ନ ବାହାରିବାରୁ ପାରିମୁଣ୍ଡା ନିର୍ମିମାଲର ଅନ୍ୟ ଜଣେ ଶ୍ରମିକ ଆନନ୍ଦ ☞ପୃଷ୍ଠା-୨

## ୫୪% ପିଭିଟିଜି ସରକାରୀ ଯୋଜନାରୁ ବଞ୍ଚିତ: ସିଏଜି

**ଭୁବନେଶ୍ୱର,୩୧।୩(ରବିନାରାୟଣ ଜେନା)**

**ଅଯୋଗ୍ୟ ଗୋଷ୍ଠୀଙ୍କୁ ଦିଆଯାଇଛି ୬.୩୯ କୋଟିର ଋଣ**

ରାଜ୍ୟରେ ଆଦିମ ଅଧିବାସୀଙ୍କୁ ସଶକ୍ତୀକରଣ କରିବା ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା 'ପିଭିଟିଜି' ସହାୟତା ପାଣ୍ଠିରେ ବ୍ୟାପକ ଅନିୟମିତତା ହୋଇଛି। ଏପରିକି ଶତାଧିକ ଅଯୋଗ୍ୟ ଗୋଷ୍ଠୀଙ୍କୁ କୋଟି କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି। ଗୋଟିଏପଟେ ସରକାର ଆଦିମ ଅଧିବାସୀ ବର୍ଗଙ୍କୁ ସଶକ୍ତ କରିବା ନିମନ୍ତେ ବିଭିନ୍ନ ଯୋଜନା କରୁଥିବାବେଳେ ସେହି ଯୋଜନାଗୁଡ଼ିକ ଏହି ବର୍ଗର ଶତପ୍ରତିଶତ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ରାଜ୍ୟରେ ଅର୍ଦ୍ଧାଧିକ ଅର୍ଥାତ୍ ୫୪ପ୍ରତିଶତ ପିଭିଟିଜି ବର୍ଗର ଲୋକ ସରକାରଙ୍କ କଲ୍ୟାଣମୂଳକ ଯୋଜନାରୁ ବଞ୍ଚିତ ଅଛନ୍ତି। ଏଭଳି ସାଂଘାତିକ ତଥ୍ୟ ମଙ୍ଗଳବାର ଗୃହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ଭାରତର ମହାଲେଖା ନିୟନ୍ତ୍ରକ(ସିଏଜି)ଙ୍କ ରିପୋର୍ଟରେ ରହିଛି।

ଏହି ଅବସରରେ ସିଏଜିଙ୍କ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମହାଲେଖାକାର ଅଡିଟ୍-୨ ଅତୁଲ ପ୍ରକାଶ କହିଥିଲେ, ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର କାର୍ଯ୍ୟାନ୍ୱୟନରେ ବ୍ୟାପକ ତ୍ରୁଟି ଓ ଅନିୟମିତତା ହୋଇଛି। ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଭାପୁର ବଜାର, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ, ସ୍ଥାନ: ଗିରି ମାର୍କେଟ ଛକ, ସମୟ: ସକାଳ ୭ଟା ୩୦।
- ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ଆମ୍ବପୁଆ ରିଜର୍ଭ ପୋଲିସ ପଡିଆ, ସମୟ: ସକାଳ ୮ଟା।
- ବିଦ୍ୟାରମ୍ଭ ସଂସ୍କାର, ସ୍ଥାନ: ଗୋଷାଣୀନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ, ସ୍ଥାନ: ଶିଳ୍ପ ତାଲିମ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା।

**ଗଞ୍ଜାମ**
- ରାମଚରିତମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ସ୍ଥାନ: ବୁଗୁଡ଼ା,କଦମ୍ବମଠ, ସମୟ: ସକାଳ ୭ଟା।
- ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ତନରଡା ଆଇଆର୍‌ବି ବାଟାଲିୟନ, ସମୟ: ସକାଳ ୭ଟା।
- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଉତ୍କଳ ଦିବସ ପାଳନ, ସ୍ଥାନ: ବରିଷ୍ଠ ନାଗରିକ ଚିତ୍ତବିନୋଦନ କେନ୍ଦ୍ର, ବାଣୀବିହାର, ଆସିକା, ସମୟ: ସକାଳ ୮ଟା।
- ଉତ୍କଳ ଦିବସ ପାଳନ, ସ୍ଥାନ: ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଖେମୁଣ୍ଡି ଚିତ୍ରକଳା ବିଦ୍ୟାଳୟ ପକ୍ଷରୁ ବାର୍ଷିକୋତ୍ସବ, ସ୍ଥାନ: ନନ୍ଦିଘୋଷ କଲ୍ୟାଣ ମଣ୍ଡପ, ଦିଗପହଣ୍ଡି ପୁଞ୍ଜିକଂଘା ଛକ, ସମୟ: ଅପରାହ୍ନ ୪ ଟା।

**କନ୍ଧମାଳ**
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଦାରିଙ୍ଗବାଡି ବ୍ଲକ ଉଲିପଦର (ଏସଏସଡି) ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ମା' ତାରିଣୀଙ୍କ ଏକାଦଶ ବାର୍ଷିକ ଚୈତ୍ର ପୂର୍ଣ୍ଣିମା ମହୋତ୍ସବର ଯଜ୍ଞକର୍ମ ଆରମ୍ଭ, ସ୍ଥାନ: ଇଲେକ୍ଟ୍ରିଅଫିସ ଛକ,ନୂଆ ଆଲତୁମା, ସମୟ: ସକାଳ ୭ଟା।
- ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡିଆ, ଢେଙ୍କାନାଳ, ସମୟ: ସକାଳ ୮ଟା।
- ଉତ୍କଳ ଦିବସ ସମାରୋହ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, କାମାକ୍ଷାନଗର, ସମୟ: ସକାଳ ୮ଟା ୩୦।
- ମଦର୍ସ ପ୍ଲେ' ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ନୂଆଆଲତୁମା, ଇଲେକ୍ଟ୍ରିଅଫିସ ନିକଟ, ସମୟ: ସନ୍ଧ୍ୟା ୫ଟା।
- ଶ୍ରୀଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ୯ମ ବାର୍ଷିକ ଉତ୍ସବ 'ଗ୍ଲୋରୀ ଫେଷ୍ଟା', ସ୍ଥାନ: ରବିଶଙ୍କର ବିଦ୍ୟାମନ୍ଦିର ପରିସର, ମୁଣ୍ଡିଦେଉଳି, ସମୟ: ସନ୍ଧ୍ୟା ୬ ଟା।
- ଓଡିଶା ଦିବସ ପାଳନ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

- ଆଞ୍ଚଳିକ ବାଦିପାଲା ଶୁଭାରମ୍ଭ, ସ୍ଥାନ: ପୋଗୁହଖୋଜ ଥିଙ୍କର୍ସ ଫୋରମ ପ୍ରାଙ୍ଗଣ, ଗଁଡିଆ, ସମୟ: ସନ୍ଧ୍ୟା ୭ଟା।

**ଅନୁଗୋଳ**
- ଓଡ଼ିଶା ଦିବସ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଆଠମଲ୍ଲିକ ସହର, ସମୟ: ସକାଳ ୭ଟା।
- ଓଡ଼ିଶା ଦିବସ ପାଳନ, ସ୍ଥାନ: ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୭ଟା ୩୦।
- ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ସଭା, ସ୍ଥାନ: ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହ, ସମୟ: ସକାଳ ୯ଟା।
- ଓଡ଼ିଶା ଦିବସ ତଥା ଅନୁଗୋଳ ଜିଲା ପ୍ରତିଷ୍ଠା ଦିବସ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ଅପରାହ୍ନ ୫ଟା।

**ଜଗତ୍‌ସିଂହପୁର**
- ମୈନାକ ସାହିତ୍ୟ ସଂସଦ ପକ୍ଷରୁ ଉତ୍କଳ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସାକ୍ଷରତା ସମିତି ପରିସର, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପ ବନ୍ଦରର ଆର୍ଥିକ ବର୍ଷର ପଣ୍ୟ କାରବାର ସମ୍ପର୍କିତ ଖବରଦାତା ସମ୍ମିଳନୀ, ବିଜୁ କନ୍‌ଭେନ୍‌ଶନ ସେଣ୍ଟର, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସମ୍ମିଳନୀ ଅନୁଷ୍ଠାନ ପକ୍ଷରୁ ଉତ୍କଳ ଦିବସ ଓ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ପୋର୍ଟ କ୍ଲବ, ନୁଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

**କେନ୍ଦ୍ରାପଡ଼ା**
- ରାଜ୍ୟ ପୋଲିସ ଗଠନ ଦିବସ ସମାରୋହ, ସ୍ଥାନ: ଏସ୍‌ପି ଅଫିସ, ଜଜାଙ୍ଗ, କେନ୍ଦ୍ରାପଡ଼ା ସମୟ: ସକାଳ ୮ଟା।
- ଓଡ଼ିଶା ଦିବସ ପାଳନ, ସ୍ଥାନ: ଲୋକନାଥ ମହାବିଦ୍ୟାଳୟ, କୋରୁଆ, କଂଗ୍ରେସ କାର୍ଯ୍ୟାଳୟ, ବନ୍ଧସାହି, ମଧୁବାବୁ ପାଠାଗାର, ଗରଦପୁର, ସମୟ: ସକାଳ ୯ଟା, ଭାଜପା କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା, ପଞ୍ଚାୟତ କାର୍ଯ୍ୟାଳୟ, ବଡବେତରା, ଗରଦପୁର, ସମୟ: ଅପରାହ୍ନ ୫ଟା।
- କେନ୍ଦ୍ରାପଡ଼ା ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ୱତନ୍ତ୍ର ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଶାସ୍ତ୍ରୀୟ ଭାଷାର ଭବିଷ୍ୟତ ଶୀର୍ଷକ ଆଲୋଚନା ଚକ୍ର, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଡେରାବିଶ ପାଠାଗାରର ବାର୍ଷିକ ଉତ୍ସବ ଓ ପାଠକ ସମ୍ମିଳନୀ, ସ୍ଥାନ: କିରଣକୁଞ୍ଜ, ଚାଟରାଚକଡା, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷ ଉପଲକ୍ଷେ ଜିଲା ସଞ୍ଚାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମନକରପୁର, କେନ୍ଦ୍ରାପଡ଼ା ସହର, ସମୟ: ମଧ୍ୟାହ୍ନ ୧୨ଟା।
- କବିତା ଡାକୁଛି ଆ କାର୍ଯ୍ୟକ୍ରମ ଓ ଚୁନାଫୁଲ ତାରାଫୁଲ ପୁସ୍ତକର ଲୋକାର୍ପଣ, ସ୍ଥାନ: ପୁର୍ନବାସ ଅନୁଷ୍ଠାନ, ମାଧପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମାୟଣ ପ୍ରସାର ସମିତି ପକ୍ଷରୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ଜମପଡ଼ା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରଘୁନାଥଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ଜନ୍ମୋତ୍ସବ ଓ ରାମଗାଥ ଅଭିନୟ, ସ୍ଥାନ: ମୁକୁନ୍ଦପୁର, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ମା' ଜାଡି ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ଶ୍ରୀମଦ୍ ଭାଗବତ ପାରାୟଣ, ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ନିମପୁର, ଆଳି, ସମୟ: ସନ୍ଧ୍ୟା ୬ଟା।
- ଚର୍ତୁର୍ବିଂଶ ବାର୍ଷିକୀ କଳିକଲୁଷନାଶନ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସଖୀବଟ, ଗୌଡଗାଁ, ଡିହବଳରାମପୁର କଚେରୀପଡା, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ନବମୀ ମହୋତ୍ସବରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମାଣିକପାଟଣା, ଆଳି, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ଦଧିବାମନଜୀଉ ରାମଲୀଳା ନାଟ୍ୟ ପରିଷଦ ପକ୍ଷରୁ ରାମଲୀଳା ଅଭିନୟ, ସ୍ଥାନ: ମନ୍ଦିର ପରିସର, ଡେରାବିଶ, ସମୟ: ସନ୍ଧ୍ୟା ୭ଟା।

**ଯାଜପୁର**
- ଜିଲାସ୍ତରୀୟ ଓଡିଶା ଦିବସ ପାଳନ ପରିପ୍ରେକ୍ଷୀରେ ଡାକିବାଜି ଯନ୍ତ୍ର ଯୋଗେ ଉତ୍କଳ ବନ୍ଦନା ପରିବେଷଣ, ସ୍ଥାନ: ଯାଜପୁର ସହର, ସମୟ: ଭୋର ୪ଟା୩୦।
- ଜିଲାସ୍ତରୀୟ ଓଡିଶା ଦିବସ ପାଳନ ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତ ଫେରି, ସ୍ଥାନ: ଯାଜପୁର ସହର, ସମୟ: ସକାଳ ୬ଟା୩୦।
- ୯୧ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ : ପାଣିକୋଇଲି ରିଜର୍ଭ ପୋଲିସ ପଡିଆ, ସମୟ: ସକାଳ ୮ଟା।
- ଜନଗଣନା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ଯାଜପୁର ଅତିରିକ୍ତ ଜିଲାପାଳଙ୍କ ସରକାରୀ ବାସଭବନ, ସମୟ: ସକାଳ ୮ଟା।
- ଅଖିଳ ଚକ୍ର ପକ୍ଷରୁ ଆଦି ନେତା ବିଚିତ୍ରା ନନ୍ଦ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ବିଞ୍ଝାରପୁର ଶାସନ୍ଦା ବଟମହାପୁରୁଷ କ୍ଷେତ୍ର, ସମୟ: ସକାଳ ୯ଟା।
- ଛୋଟ ମୋର ଗାଁ ଟି ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ଦିବସ ପାଳନ, ସ୍ଥାନ: ରସୁଲପୁର ବ୍ଲକ୍‌ର ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଓଡ଼ିଶା ଦିବସ ତଥା ଜିଲା ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବସନ୍ତ ଉତ୍ସବ ଓ ଓଡ଼ିଶା ଦିବସ ପାଳନ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକା ହାଇସ୍କୁଲ ପାଠାଗାର ପରିସର, ସମୟ: ଅପରାହ୍ନ ୩ଟା୩୦।
- ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉତ୍ସବରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ମା' ଜେମାସୁଣୀ ପୀଠ, ସମୟ: ସନ୍ଧ୍ୟା ୬ଟା।
- ମା' ମଙ୍ଗଳାଙ୍କ ୨୭ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବରଦାସାହି, ବ୍ରହ୍ମବରଦା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚନ୍ଦ୍ରଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବନ୍ଧଡ଼ିହ, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୨୯ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା।
- ନୟାଗଡ଼ ଜିଲାସ୍ତରୀୟ ୯୧ ତମ ଓଡ଼ିଶା ଦିବସ ସମାରୋହରେ ଦେଶାତ୍ମ ବୋଧକ ସଙ୍ଗୀତ ପରିବେଷଣ ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ନୟାଗଡ଼ ସହର, ସମୟ: ସକାଳ ୬ ଟା ୩୦ ରୁ ୮ଟା।
- ଜିଲାସ୍ତରୀୟ ୯୧ ତମ ଓଡ଼ିଶା ଦିବସ ସମାରୋହ ପାଇଁ ସାଧାରଣ ସଭା, ସ୍ଥାନ: ନୟାଗଡ଼ ପଠାଣି ସାମନ୍ତ ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ସପ୍ତମ ଦିବସ, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ରାମ ମନ୍ଦିର, ସମୟ:ସକାଳ ୭ଟାରୁ ଅପରାହ୍ନ ୨ଟା।
- ୩୨ତମ ବିଶ୍ୱଶାନ୍ତି ମହାଯଜ୍ଞର ୩ୟ ଦିବସରେ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଆହୁତି ପ୍ରଦାନ, ସ୍ଥାନ:ନୟାଗଡ଼ ବ୍ଲକ ତୁଳସୀପୁର ନୀଳକଣ୍ଠେଶ୍ୱର ମହାଦେବ ପୀଠ, ସମୟ:ସକାଳ ୮ଟା।
- ୫୪ତମ ଓଡ଼ିଶା ପ୍ରସିଦ୍ଧ ଗଣିଆ ଲଙ୍କାପୋଡି ଯାତ୍ରା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଷଷ୍ଠ ଦିବସରେ ପୂଜା ପାଠ, ଶ୍ରୀରାମ ବିଳାପ, ସୁଗ୍ରୀବ ଭେଟ ଓ ବାଳିବଧ, ସ୍ଥାନ: ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ପୀଠ ଗଣିଆ, ସମୟ:ପୂର୍ବାହ୍ନ ୧୦ଟାରୁ ପ୍ରାତଃ ୫ଟା।
- ୩୨ତମ ବିଶ୍ୱଶାନ୍ତି ମହାଯଜ୍ଞର ୩ୟ ଦିବସରେ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ମହିଳା ସଂକୀର୍ତ୍ତନ ଓ ବ୍ରହ୍ମଗିରିର ଇନ୍ଦ୍ରଜିତ ବଧ, ସ୍ଥାନ:ନୟାଗଡ଼ ବ୍ଲକ ତୁଳସୀପୁର ନୀଳକଣ୍ଠେଶ୍ୱର ମହାଦେବ ପୀଠ, ସମୟ:ପୂର୍ବାହ୍ନ ୧୦ଟାରୁ ରାତି ୧୦।
- ହାଇସ୍କୁଲର ବାର୍ଷିକ ଉତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ:ନୂଆଗାଁ ପିଏମ୍‌ଶ୍ରୀ ସରକାରୀ ହାଇସ୍କୁଲ, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ୯୧ ତମ ଓଡ଼ିଶା ଦିବସ ସମାରୋହରେ ଉତ୍କଳ ସମ୍ମିଳନୀର ଆଲୋଚନା ସଭା, ସ୍ଥାନ: ନୟାଗଡ଼ ପଠାଣି ସାମନ୍ତ ସଂସ୍କୃତି ଭବନ, ସମୟ: ପ୍ରର୍ବାହ୍ନ ୧୧ଟା ୩୦।
- ଐତିହାସିକ ଲଙ୍କାପୋଡି ଯାତ୍ରାର ଷଷ୍ଠ ଦିବସରେ ବିରାୟୁଧ ବଧ, ଶ୍ରୀକ୍ଷେତ୍ରେ ବେଢ଼ା ପରିକ୍ରମା, ପଞ୍ଚବଟି ପ୍ରବେଶର ପୂଜାର୍ଚ୍ଚନା, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଦଣ୍ଡପର୍ବର ଚତୁର୍ଥ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଢୋଲମରା, କଣ୍ଟିଲୋ,ବେଣାଗାଡିଆ, ସିଦ୍ଧାମୂଳା, କୁମ୍ଭାରପଡାଙ୍କ ଶୈବପୀଠ, ସମୟ:ଅପରାହ୍ନ ୨ଟା।
- ଶ୍ରୀ ରଘୁନାଥ ଜୀଉଙ୍କର ନବଦିନ ସନ୍ଧ୍ୟା ବେଶର ଷଷ୍ଠ ଦିବସରେ ବନବାସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଗୁଣ୍ଡିଚା ମଣ୍ଡପ ପରିସରସ୍ଥ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ବିଜେ ଓଡଗାଁଙ୍କର ଶ୍ରୀରାମ ନବମୀ ଯାତ୍ରା ଅବସରରେ ନବଦିନ ସନ୍ଧ୍ୟା ବେଶର ଷଷ୍ଠ ଦିବସରେ ବନବାସ, ସ୍ଥାନ: ଓଡଗାଁ ରଘୁନାଥ ମନ୍ଦିର ଓଡଗାଁ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ସପ୍ତମ ଦିବସରେ ସୀତା ଅନ୍ୱେଷଣ ଶବରୀ ପ୍ରସଙ୍ଗ, ଲଙ୍କା ଦହନ ଓ ସେତୁବନ୍ଧ ପ୍ରତିଷ୍ଠା, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ରାମ ମନ୍ଦିର, ସମୟ:ସନ୍ଧ୍ୟା ୭ଟା ୩୦ରୁ ରାତ୍ର ୧୦ଟା ୩୦।
- ଐତିହାସିକ ଲଙ୍କାପୋଡି ଯାତ୍ରାର ଷଷ୍ଠ ଦିବସରେ ବିରାୟୁଧ ବଧ, ଶ୍ରୀକ୍ଷେତ୍ରେ ବେଢ଼ା ପରିକ୍ରମା, ପଞ୍ଚବଟି ପ୍ରବେଶ, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ରାତ୍ର ୧୧ଟା।

**ରାୟଗଡ଼ା**
- ଉପଖଣ୍ଡ ସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ଶୋଭାଯାତ୍ରା, ସ୍ଥାନ: ଗୋଷ୍ଠୀ ଶିକ୍ଷା କେନ୍ଦ୍ର, ଗୁଣପୁର, ସମୟ: ସକାଳ ୭ଟା ୩୦।
- ୯୧ ତମ ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ଚାନ୍ଦିଲି ପୋଲିସ ରିଜର୍ଭ ପଡିଆ, ରାୟଗଡ଼ା ବ୍ଲକ୍, ସମୟ: ସକାଳ ୮ଟା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଶୁଭଚନ୍ଦ୍ର ପ୍ରଭାବରେ ଯାତ୍ରାରେ ଲକ୍ଷ୍ୟପୂରଣ ସାଙ୍ଗକୁ ଅର୍ଥପ୍ରାପ୍ତିର ଆଶା ନିରର୍ଥକ ହେବନାହିଁ। ବଳବାନ୍ ମଙ୍ଗଳଙ୍କ ଯୋଗୁ ସାହସର ସହ ପ୍ରତ୍ୟେକ କାମକୁ କରିବା ପାଇଁ ଉତ୍ସାହିତ ହେବେ। ବ୍ୟବହାରରେ ରୁକ୍ଷତା ପରିଲକ୍ଷିତ ହେବାର ଆଶଙ୍କା ରହିଛି ; ଯାହାକି ମତାନ୍ତରଜନିତ କଳହ, ପାରିବାରିକ ଜୀବନକୁ ମଧ୍ୟ ପ୍ରଭାବିତ କରିପାରେ।

**ବୃଷ** କର୍ମସ୍ଥାନରେ ରାହୁ କଳେ, ବଳେ, କୌଶଳେ କାର୍ଯ୍ୟସାଧନ ପାଇଁ ଚେଷ୍ଟା କରାଇବେ। ମନ ଓ ମସ୍ତିଷ୍କ ସବୁ ସମୟରେ ଉତ୍ତେଜନାପୂର୍ଣ୍ଣ ରହିବା କାରଣରୁ ଦୈହିକ ମାନସିକ ଉଷ୍ମତା ଲାଗି ରହିବ। ଶନି ଦୃଷ୍ଟ ଚନ୍ଦ୍ର ନକାରାତ୍ମକ ଭାବନାଜନିତ ନୈରାଶ୍ୟତା ସୃଷ୍ଟି କରିପାରେ। ରୋହିଣୀ ନକ୍ଷତ୍ର ପରିବାର, କର୍ମକ୍ଷେତ୍ର ପାଇଁ ଦିନଟି ଭଲ।

**ମିଥୁନ** ଲାଭଭାବସ୍ଥ ଶୁକ୍ର ଅର୍ଥଲାଭ, ଉଚ୍ଚସମ୍ମାନ ଓ ବିଳାସବ୍ୟସନ ମଧ୍ୟରେ ଦିନଟିକୁ ହର୍ଷମୁଖର କରାଇବ। ବନ୍ଧୁଙ୍କୁ ଆପଣେଇ ନେଇ ଲକ୍ଷ୍ୟ ସାଧନ ପଥରେ ଅଗ୍ରସର ହେବେ। ବନ୍ଧୁସମ୍ପର୍କ, ବୃତ୍ତି ବାଣିଜ୍ୟ, ଯାତ୍ରା ଓ ସ୍ଥଗିତ କାମ ପୁନର୍ବସୁ ନକ୍ଷତ୍ର ପାଇଁ ଉଚ୍ଚକୋଟୀର ରହିବ। ବ୍ୟବସାୟିକ କ୍ଷେତ୍ର ସନ୍ତୋଷଜନକ ରହିବ।

**କର୍କଟ** ତୃତୀୟସ୍ଥ ଚନ୍ଦ୍ର ଆପଣଙ୍କୁ ଭ୍ରାତୃ, ବନ୍ଧୁ ଏବଂ ଆତ୍ମୀୟଙ୍କ ସହାନୁଭୂତିର ଭାବନା ପ୍ରଦାନ କରିବ। ଆଜି କୌଣସି କାମ ଅଟକିବ ନାହିଁ । ଯାତ୍ରା, ବାଣିଜ୍ୟ ସନ୍ତୋଷଜନକ ରହିବ। ଅଇନ ଅଦାଲତରେ ସଫଳତା ସାଙ୍ଗକୁ ସମ୍ପର୍କର ଡୋରିକୁ ମଜଭୁତ କରି କାମ ହାସଲ କରିବେ। ସହକର୍ମୀଙ୍କ ପରୋକ୍ଷ ଶତ୍ରୁତା ସାମୟିକ ମନକୁ ହଲଚଲ କରିପାରେ।

**ସିଂହ** ଉଚ୍ଚାରୋହୀ ରବି ଦୁଃସ୍ଥାନସ୍ଥ ହେଲେ ମଧ୍ୟ ନୂଆ ନୂଆ ପଦ୍ଧତିର ଅନୁସରଣ କରାଇ କୃତକାର୍ଯ୍ୟ କରାଇପାରନ୍ତି। ଧନସ୍ଥାନକୁ ଶନି ଦୃଷ୍ଟି ନୀଚଜନ ବିବାଦ ହେତୁକ ଧନହାନିର ସୂଚନା ରହିଛି। କିନ୍ତୁ ସଂଗଠନ, ଆଇନ, ସାହିତ୍ୟ, ସାମ୍ବାଦିକତା, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ଏକାଦଶାଧିପତି ଚନ୍ଦ୍ର ରାଶିରେ ଅବସ୍ଥାନ କରି ଆପଣଙ୍କର ଆଶା ଏବଂ ଅଭିଳାଷକୁ ପୂରଣ କରିବ। ଭଲ ସମ୍ପର୍କ ନ ଥିବା ସମ୍ପର୍କୀୟଙ୍କ ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ଲକ୍ଷ୍ୟ ପୂରଣ ସହ ସହଯୋଗ, ସୁଖ ସମ୍ମାନ ପାଇବେ। ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ତୁଳା** ରାଶ୍ୟାଧିପତି ଶୁକ୍ରଙ୍କ ପ୍ରତ୍ୟକ୍ଷଦୃଷ୍ଟି ଆପଣଙ୍କ କାର୍ଯ୍ୟସାଧନ କରାଇ ମାନସିକ ତୃପ୍ତି ପ୍ରଦାନ କରିବେ। କର୍ମକ୍ଷେତ୍ରରେ ଅଟକି ରହିଥିବା ଦୀର୍ଘଦିନର ଆଶା ବନ୍ଧୁଙ୍କ ମାଧ୍ୟମରେ ଫଳବତୀ ହେବ। ବିଶାଖା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ। ବନ୍ଧୁଙ୍କ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ।

**ବିଛା** ଆଜିର କର୍ମଭାବସ୍ଥ ଚନ୍ଦ୍ର ବନ୍ଧୁମିଳନ, କାର୍ଯ୍ୟାରମ୍ଭ ଏବଂ ପାରିବାରିକ ସଦ୍‌ଭାବ ବୃଦ୍ଧିରେ ସାହାଯ୍ୟ କରିବ। ଧନସ୍ଥାନକୁ ଶନିଙ୍କ ଦୃଷ୍ଟି ଧନହାନି ସାଙ୍ଗକୁ ବ୍ୟବହାରିକ ଜ୍ଞାନକୁ ଦିଗ ଭ୍ରଷ୍ଟ କରାଇପାରେ। ପୂର୍ବ ପରିକଳ୍ପିତ କାମ ସମ୍ପନ୍ନ ହେବାରେ ଅସୁବିଧା ରହିବନାହିଁ। ପ୍ରତ୍ୟୁଷ ଯାତ୍ରା, ଆନୁଷ୍ଠାନିକ କାମ, ଧର୍ମକାର୍ଯ୍ୟ ଓ ବ୍ୟବସାୟିକ ସ୍ଥିତି ମନ୍ଦ ହେବନାହିଁ।

**ଧନୁ** ରବିଙ୍କ କେନ୍ଦ୍ରାବସ୍ଥାନ ଏବଂ କୋଣଭାବସ୍ଥ ଶୁକ୍ର ହେତୁ ସମ୍ମାନର ସହ ଅର୍ଥଲାଭ, କାର୍ଯ୍ୟସିଦ୍ଧି ଓ ବନ୍ଧୁମିଳନରୁ ଖୁସି କରାଇବ। ସୌଜନ୍ୟତା ରକ୍ଷାପୂର୍ବକ ବନ୍ଧୁଙ୍କୁ ଦରକାରୀ ଜିନିଷଟି ଆବଶ୍ୟକ ସମୟରେ ଦେଇ ନ ପାରି ବ୍ୟଥିତ ହେବେ। ସକାଳୁ ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବେ।

**ମକର** ଦାମ୍ଭିକ ରାଶିସ୍ଥ ଚନ୍ଦ୍ର ମାନସିକ ଅସ୍ଥିରତା ସୃଷ୍ଟିକରି ଭାବାବେଗକୁ ବୃଦ୍ଧି କରିବ। ଆଜି ବନ୍ଧୁସମ୍ପର୍କରେ ଉନ୍ନତି, ଅର୍ଥଲାଭ ସାଙ୍ଗକୁ ଅଭିଳଷିତ କାର୍ଯ୍ୟ ସାଧନ କରିପାରିବେ। ପାରିବାରିକ ସ୍ଥିରତା, ବ୍ୟବସାୟିକ ଉତ୍କର୍ଷତା, ଧର୍ମ କାର୍ଯ୍ୟରେ ମନୋନିବେଶ କରିପାରନ୍ତି। ସୁନିଦ୍ରାରେ ବାଧା, ଅପବ୍ୟୟ, ପରୋକ୍ଷ ଶତ୍ରୁତା ହେତୁ ବ୍ୟସ୍ତତା ବଢ଼ିବ।

**କୁମ୍ଭ** ରାଶିରେ ବୁଧ ଆପଣଙ୍କୁ ବୌଦ୍ଧିକତା ମାଧ୍ୟମରେ ବୁଦ୍ଧିଜୀବୀଙ୍କ ପ୍ରିୟଭାଜନ କରାଇବ। ଦୈହିକ ସୁସ୍ଥତା ଅକ୍ଷୁର୍ଣ୍ଣ ରହିବା ସହ ଅର୍ଥ ସଂକଟ ଦୂର ହୋଇଯିବ। ବାଣିଜ୍ୟ, ବ୍ୟବସାୟ, ଧର୍ମକାର୍ଯ୍ୟ, ଆତ୍ମୀୟଙ୍କ ସାହାଯ୍ୟ, ସହଯୋଗ ଶତଭିଷା ନକ୍ଷତ୍ର ସକାଶେ ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମୀନ** ବିବାଦୀୟ ପରିସ୍ଥିତିର ମୁକାବିଲା ସାଙ୍ଗକୁ ପାରିବାରିକ ସମସ୍ୟା ପିଛା ଛାଡି ନ ପାରେ। ଶୁକ୍ରଙ୍କ ସ୍ଥିତିଜନିତ ସାହାଯ୍ୟ ପାଇଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ ପରି ହେବ। କର୍ମକ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ ଶାନ୍ତ ପଡି ଯାଇଥିବାର ସୂଚନା ରହିଛି। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରି ପାରନ୍ତି।

ଆଜି ଏପ୍ରିଲ ୧ ତାରିଖ, ଓଡ଼ିଶା ଦିବସ, ନୂତନ ଆର୍ଥିକବର୍ଷ ଆରମ୍ଭ, ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀଯୁକ୍ତ ପୂର୍ଣ୍ଣିମା ବୁଧବାର। ବିଷ୍ଣୁ ଦମନକ ଚତୁର୍ଦ୍ଦଶୀ, ଶ୍ରୀମନ୍ଦିରରେ ଦମନକାର୍ପଣ ଉତ୍ସବ /ଦୟଣାଲାଗି, ପୂର୍ଣ୍ଣିମାବିହିତ ଚନ୍ଦ୍ରୋପବାସ, ରାଶିନକ୍ଷତ୍ର-ଉତ୍ତରାଫାଲ୍‌ଗୁନୀ/କନ୍ୟା, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୪୪ମି. ଗତେ ଘ.୦୭।୨୧ମି. ମଧ୍ୟେ, ଘ.୧୦।୧୯ମି. ଗତେ ଘ.୧୧।୨୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧।୫୦ମି. ଗତେ ଘ.୦୧।୨୨ମି. ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ଆଣବିକ ଯୁଦ୍ଧ...

ଏୟାରବେସ୍ ଅବସ୍ଥିତ। ୱାଲଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶିତ ଏକ ରିପୋର୍ଟକୁ ଅବତାରଣା କରି ଜଣେ ଅଧିକାରୀ କହିଛନ୍ତି, ଆମେରିକୀୟ ସେନା ଇଶ୍‌ଫାହାନ୍ ଅସ୍ତ୍ରଭଣ୍ଡାର ଉପରେ ୨,୦୦୦ ପାଉଣ୍ଡ ( ପ୍ରାୟ ୯୦୭ କେ.ଜି.)ର ବଙ୍କର ବଷ୍ଟର ବୋମା ମାଡ଼ କରିଛି। ଭୋର ସମୟରେ ରାତିର ଅନ୍ଧାର ଯାଇ ନ ଥିବାବେଳେ ବୋମାମାଡ଼ରେ ସମ୍ପୃକ୍ତ ଅଞ୍ଚଳର ଆକାଶ ଆଲୋକରେ ଝଟକି ଉଠିଥିଲା। ଯୁଦ୍ଧ ଦ୍ୱିତୀୟ ସପ୍ତାହରେ ପ୍ରବେଶ କରିଥିବାବେଳେ ପାକିସ୍ତାନ ମଧ୍ୟସ୍ଥତାରେ ଇସ୍‌ଲାମାବାଦରେ ଶାନ୍ତି ପାଇଁ କୂଟନୈତିକ ଆଲୋଚନା ଜାରି ରହିଛି। ଇଜିପ୍ଟ, ସାଉଦି ଆରବ ଓ ତୁର୍କୀ ବହିର୍ବ୍ୟାପାର ମନ୍ତ୍ରୀ ଏଥିରେ ଯୋଗଦେଇଛନ୍ତି। ଏଭଳି ସମୟରେ କୂଟନୈତିକ ଉଦ୍ୟମକୁ ଭଣ୍ଡୁର କରିବା ଭଳି ଆକ୍ରମଣ ଅନେକଙ୍କୁ ବିସ୍ମିତ କରିଛି।

କେତେକ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଇରାନ୍ ଇଶ୍‌ଫାହାନ୍‌ର ଏକ ଭୂତଳ କ୍ଷେତ୍ରରେ ପ୍ରାୟ ୫୪୦ କେ.ଜି. ୟୁରାନିୟମ୍ ସମ୍ବର୍ଦ୍ଧନ କରିସାରିଲାଣି। ଉଲ୍ଲେଖଯୋଗ୍ୟ ୨୦୨୫ ଜୁନ୍‌ରେ ୧୨ ଦିନିଆ ଯୁଦ୍ଧ ବେଳେ ମଧ୍ୟ ଆମେରିକା ଏହି ସହରକୁ ଆକ୍ରମଣ କରିଥିଲା। ସେତେବେଳେ ଆକ୍ରମଣ ପୂର୍ବରୁ ଏନେଇ ସୁରାକ୍ ପାଇ ଇରାନ୍ ୟୁରାନିୟମ୍‌କୁ ଆଗୁଆ ଅନ୍ୟତ୍ର ସ୍ଥାନାନ୍ତର କରିସାରିଥିଲା। ସେହି ୟୁରାନିୟମ୍ ଏବେ ମଧ୍ୟ ସୁରକ୍ଷିତ ଏବଂ ଆଣବିକ ଅସ୍ତ୍ର ନିର୍ମାଣ ପାଇଁ ପ୍ରସ୍ତୁତ ଥିବା କୁହାଯାଉଛି। ତେଣୁ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଇରାନ୍ ଅଣୁ ଅସ୍ତ୍ର ବ୍ୟବହାର କରିବା ପାଇଁ ଅଣୁ ଅପ୍ରସାର ଚୁକ୍ତିରୁ ଓହରିବାକୁ ଉଦ୍ୟମ ଚଳାଇଥିବା ମନେକରାଯାଉଛି।

## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଚିତା କୁଟେଇଲି ବାହାରେ,**
**ଯାହା ଲାଗି ଚିତା କୁଟେଇଥିଲି**
**ସେ ତ ନାହିଁ ଏ ଗାଁରେ ।**

ପ୍ରେମର ସ୍ୱାକ୍ଷର। ପ୍ରେମିକ ପ୍ରବାସରେ ଥିବା ହେତୁ ପ୍ରେମିକାର ପରିପାଟୀ ବୃଥା ହୋଇଯିବା ପରିପ୍ରେକ୍ଷୀରେ ପ୍ରେମିକା ମନରେ ସୃଷ୍ଟି ହୋଇଥିବା ବ୍ୟାକୁଳତା ଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚିହ୍ନି ଶିଖି ନାହିଁ ଯିଏ ପର ମନ**
**ସେ କି କେବେ ପ୍ରଭୁ ପଣକୁ ଭାଜନ?**

ମନୁଷ୍ୟର ମହନତାର ପରିଚୟ ତା'ର ପଦ, ଅଧିକାର, ଐଶ୍ୱର୍ଯ୍ୟ ବା ଧନ ସମ୍ପତ୍ତିରୁ ନୁହେଁ ବରଂ ତା'ର ବିନମ୍ରତା, ଉଦାରତା ଓ କର୍ତ୍ତବ୍ୟ ପରାୟଣତାରୁ ହୋଇଥାଏ। ସେହିପରି ଅନ୍ୟର ମନକୁ ବୁଝିବା ପାଇଁ ସେଭଳି ଉଦାର ମନୋବୃତ୍ତି ହେବା ବାଞ୍ଛନୀୟ। ଏପରିସ୍ଥଳେ ଯିଏ ଲୋକଙ୍କ ମନ ଜାଣିବା ପାଇଁ ସମର୍ଥ ନୁହେଁ, ସେ ସମାଜରେ ପ୍ରଭୁତ୍ୱ ବିସ୍ତାର କରିବାକୁ ଯୋଗ୍ୟ ବା ଉପଯୁକ୍ତ ହୋଇ ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜିଠୁ ଜନଗଣନା...

ପାଇଁ ଡିଜିଟାଲ ମାଧ୍ୟମରେ ଜନଗଣନା କରାଯିବ। ସ୍ୱୟଂଗଣନା ବ୍ୟବସ୍ଥାରେ ଲୋକେ ନିଜ ସମ୍ପର୍କିତ ତଥ୍ୟ ନିର୍ଦ୍ଦିଷ୍ଟ ପୋର୍ଟାଲରେ ଉଲ୍ଲେଖ କରିପାରିବେ। ଏପ୍ରିଲ ୧ରୁ ଅଗଷ୍ଟ ୩୧ ମଧ୍ୟରେ ବିଭିନ୍ନ ରାଜ୍ୟରେ ୧୫ ଦିନ ପାଇଁ ଏହି ସୁବିଧା ଉପଲବ୍ଧ ହେବ। ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସ୍ୱୟଂଗଣନା ସହ ଗୃହ ତାଲିକାକରଣ ପ୍ରକ୍ରିୟା ଜାରି ରହିବ। ଏଥିପାଇଁ ସେଲ୍ଫ-ଏନୁମେରେଶନ ପୋର୍ଟାଲ ୧୬ଟି ଭାଷାରେ ଉପଲବ୍ଧ ହେବ।

ପ୍ରଥମ ପର୍ଯ୍ୟାୟରେ ଗଣନାକାରୀମାନେ ଲୋକମାନଙ୍କ ଘରକୁ ଯାଇ ୩୩ଟି ପ୍ରଶ୍ନ ପଚାରିବେ। କ'ଣସବୁ ପ୍ରଶ୍ନ ରହିବ, ତାହାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏକ ମୋବାଇଲ ଆପ୍ଲିକେଶନ ଜରିଆରେ ତଥ୍ୟ ସଂଗ୍ରହ କରାଯିବ। ଜନଗଣନାର ବିଭିନ୍ନ କାର୍ଯ୍ୟକୁ ପରିଚାଳନା ଓ ତଦାରଖ କରିବା ପାଇଁ ଏକ ୱେବ୍‌ଭିତ୍ତିକ ପୋର୍ଟାଲ ବ୍ୟବହୃତ ହେବ ବୋଲି ନାରାୟଣ କହିଛନ୍ତି। ଏକ ୱେବ୍‌ମ୍ୟାପିଙ୍ଗ୍ ଆପ୍ଲିକେଶନ ଜରିଆରେ ହାଉସ୍ ଲିଷ୍ଟିଂ ବ୍ଲକ୍ (ଏଚ୍‌ଏଲ୍‌ବି) ସୃଷ୍ଟି କରାଯିବ। ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶରେ ହେବାକୁ ଯାଉଥିବା ଜନଗଣନା କାର୍ଯ୍ୟରେ ୩ ନିୟୁତରୁ ଊର୍ଦ୍ଧ୍ୱ କର୍ମଚାରୀ ନିୟୋଜନ ହେବେ।

## ନାଳନ୍ଦା ମନ୍ଦିରରେ...

ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଭିଡ଼ ନିୟନ୍ତ୍ରଣରେ ତ୍ରୁଟି ଏବଂ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଅଭାବରୁ ଏଭଳି ଦୁଃଖଦ ଘଟଣା ଘଟିଥିବା କୁହାଯାଉଛି। କର୍ତ୍ତବ୍ୟରେ ଅବହେଳା ପାଇଁ ଦୀପନଗର ଥାନା ଏସ୍‌ଏଚ୍‌ଓଙ୍କୁ ତୁରନ୍ତ ନିଲମ୍ବନ କରାଯାଇଛି। ଦଳାଚକଟାର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

## ପାଇଖାନା ଟାଙ୍କି...

ମାଝୀ ଭିତରକୁ ପଶିଥିଲେ। ଦୁହେଁ ଭିତରୁ ନ ବାହାରିବା ଦେଖି ଲୋକନାଥଙ୍କ ପୁଅ ହେମନ୍ତ ବେହେରା ଟାଙ୍କି ଭିତରକୁ ପଶିଥିଲେ। ସେ ବି ଦୀର୍ଘ ସମୟ ପର୍ଯ୍ୟନ୍ତ ଭିତରେ ରହିଯାଇଥିଲେ। ଶେଷରେ ଲୋକନାଥଙ୍କ ଭାଇ ଭିକାରୀ ଭିତରକୁ ପଶି ଆଉ ବାହାରି ନଥିଲେ। ଏହା ଦେଖି ପରିବାର ଲୋକେ ମହୁଲପାଲି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ସହ ମହୁଲପାଲି ଥାନା ପୋଲିସ ପହଞ୍ଚି ଟାଙ୍କିରୁ ୪ଜଣଙ୍କୁ ଶ୍ୱାସରୁଦ୍ଧ ଅବସ୍ଥାରେ ବାହାରକୁ ବାହାର କରିଥିଲେ। ତୁରନ୍ତ ସେମାନଙ୍କୁ କୁଚିଣ୍ଡା ମେଡିକାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ସୁଶୀଲ ଓ ଭିକାରୀଙ୍କୁ ମୃତ ଘୋଷଣା କରିଥିଲେ। ଚିକିତ୍ସାଧୀନ ଥିବା ହେମନ୍ତ ଏବଂ ଆନନ୍ଦଙ୍କ ଅବସ୍ଥା ସ୍ଥିର ଥିବା ମହୁଲପାଲି ଥାନା ଆଇଆଇସି ଇନ୍ଦ୍ରଦେବ ଓରାମ କହିଛନ୍ତି।

ଏ ନେଇ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ କୁଚିଣ୍ଡା ଉପଜିଲାପାଳଙ୍କୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ମୃତ ଶ୍ରମିକ ଶ୍ରମ ବିଭାଗରେ ପଞ୍ଜୀକୃତ ହୋଇଥିବେ, ତେବେ ତାଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ବର୍ତ୍ତମାନ ଘର ମାଲିକଙ୍କ ପୁଅର ଚିକିତ୍ସା ଜାରି ରହିଛି ଏବଂ ପୋଲିସ ଏହି ମାମଲାରେ ଅଧିକ ଖୋଳତାଡ଼ କରୁଛି ବୋଲି ଜିଲାପାଳ ବୋନ୍ଦର କହିଛନ୍ତି।

## ଆଜିଠୁ ନୂଆ...

ପୂର୍ବରୁ ସୁଭଦ୍ରା ଯୋଜନା ପାଇଁ ଆବେଦନ କରି ନ ଥିବେ, ସେମାନେ ହିଁ କେବଳ ଏହି ସମୟସୀମା ଭିତରେ ନୂତନ ଭାବେ ଆବେଦନ କରିପାରିବେ। ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନକୁ ଗ୍ରହଣ କରାଯିବନାହିଁ। ଆବେଦନ ପାଇଁ ଫର୍ମଗୁଡ଼ିକ ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ସିଡିପିଓ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବେ ପାଇପାରିବେ। ନୂତନ ଆବେଦନଗୁଡ଼ିକ ସାଧାରଣ ସେବା କେନ୍ଦ୍ର ଏବଂ ଆମ ସେବା କେନ୍ଦ୍ର ମାଧ୍ୟମରେ ସୁଭଦ୍ରା ପୋର୍ଟାଲ ଜରିଆରେ ପଞ୍ଜୀକୃତ କରିପାରିବେ।

## ୫୫ ବର୍ଷ ପରେ...

ଅନ୍ୟଟି ମା'ଙ୍କ ସହଚରୀ କୁଟେଇଶୁଣି। ଏହି ପୂଜାବେଳେ ରୁପାର ମୁକୁଟ ପାଟ ବସ୍ତ୍ର ଦ୍ୱାରା ଆବୃତ୍ତ କରାଯାଇ ସୁନାର ମଥାମଣି ଲାଗି କରାଯାଏ। ମା'ଙ୍କ ଏହି ସ୍ୱତନ୍ତ୍ର ନୀତି ସମ୍ପନ୍ନ କରିବାକୁ ନିର୍ଦ୍ଧାରିତ ସମୟରେ ତାଳଚେରର ନୂଆ ରାଜା ବିଜେୟେନ୍ଦ୍ର ଚନ୍ଦ୍ର ଦେବ ଓ ପାଟରାଣୀ ତାଳଚେର ରାଜପ୍ରାସାଦରୁ ଏକ ଭବ୍ୟ ଶୋଭାଯାତ୍ରାରେ ହିଙ୍ଗୁଳା ପୀଠକୁ ଆସିଥିଲେ। ସେଠାରେ ପ୍ରଥମେ ଦେହୁରୀଙ୍କ ଘରକୁ ଯାଇ ଦିଅଁଘରେ ମା' ହିଙ୍ଗୁଳାଙ୍କ ପୂଜାର୍ଚ୍ଚନା କରିଥିଲେ। ଏହାପରେ ମନ୍ଦିର ପରିସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଟବରୀ ଉତ୍ସବ ଓ ମା' ହିଙ୍ଗୁଳାଙ୍କ ନବକଳେବର ଉତ୍ସବରେ ସାମିଲ ହୋଇଥିଲେ। ମୁଖ୍ୟ ଦେହୁରୀ କିଶୋର ଚନ୍ଦ୍ର ଦେହୁରୀ ହିଙ୍ଗୁଳାଙ୍କ ପ୍ରତୀକ ସ୍ୱରୂପ ୫୫ ବର୍ଷ ତଳର ଖମ୍ବ, ପାଷାଣ, ପାଟ, ଚାନ୍ଦୁଆ ଆଦିକୁ ବିସର୍ଜନ କରିଥିଲେ। ଏହାପରେ ନୂତନ ଖମ୍ବ, ପାଷାଣ ତଥା ମା' ହିଙ୍ଗୁଳାଙ୍କ ପ୍ରତୀକ ଆଲମରେ ନୂତନ ପାଟବସ୍ତ୍ର ଓ ରୁପା ମୁକୁଟ ସ୍ଥାପନ କରି ଜୀବନ୍ୟାସ ଦେଇଥିଲେ। ଦେହୁରୀ ମହିଳା ବେଶ ଧାରଣ କରି ରାଜାଙ୍କୁ ପଗଡ଼ି ଓ ରାଣୀଙ୍କୁ ମୁକୁଟ ପିନ୍ଧାଇଥିଲେ। ଏହି ସ୍ୱତନ୍ତ୍ର ପୂଜା ପରେ ନୂତନ ରାଜା ଓ ରାଣୀ ରାଜ୍ୟର ଶାସକ ଭାବେ ପରିଚୟ ପାଇଥିଲେ। ଏହି ଉତ୍ସବରେ ରାଜଗୁରୁ ପଙ୍କଜଲୋଚନ ପତି ଓ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ୫୪% ପିଭିଟିଜି...

ଅତୁଲ କହିଛନ୍ତି, ୧୯୮୬-୮୭ରେ ବିହୋର ସଂପ୍ରଦାୟକୁ ପିଭିଟିଜି ଭାବେ ଚିହ୍ନଟ କରାଯାଇଥିଲା। କିନ୍ତୁ ପ୍ରାରମ୍ଭିକସ୍ତରରେ କୌଣସି ସରକାରୀ କଲ୍ୟାଣମୂଳକ କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ କରାଯାଇ ନ ଥିଲା। ୨୦୨୦-୨୧ରେ ସୁକିନ୍ଦା ଅନ୍ତର୍ଗତ ଏକ ନବଗଠିତ ବିରହୋର ଏବଂ ଜୁଆଙ୍ଗ ଉନ୍ନୟନ ସଂସ୍ଥା 'ଏମ୍‌ପିଏ'ରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଥିଲା। କିନ୍ତୁ ୨୦୨୫ ଜାନୁଆରୀ ସୁଦ୍ଧା ଏହି ଏମ୍‌ପିଏ କାର୍ଯ୍ୟକାରୀ ହୋଇ ନ ଥିଲା। ଫଳରେ ୮୭ ପରିବାରର ୩୪୧ ଜନସଂଖ୍ୟାବିଶିଷ୍ଟ ସଂପ୍ରଦାୟ ସରକାରଙ୍କ ସହାୟତାରୁ ବଞ୍ଚିତ ହୋଇ ରହିଛନ୍ତି। ଅତୁଲ ପୁଣି କହିଥିଲେ, ସମୀକ୍ଷାରୁ ଜଣାଯାଇଛି ଯେ ଏସ୍‌ଏସ୍‌ଡି ବିଭାଗ ପକ୍ଷରୁ ପିଏମ୍‌ୟୁକୁ ଦିଆଯାଇଥିବା ୨୦.୨୦ କୋଟି ଟଙ୍କା କୌଣସି କାମରେ ନ ଲାଗି ଅବ୍ୟବହୃତ ହୋଇ ପଡ଼ି ରହିଛି। ସେହିପରି ନୂତନ ଭାବେ ସୃଷ୍ଟି ହୋଇଥିବା ୩ଟି ଏମ୍‌ପିଏ ମଧ୍ୟରୁ ୨ଟି ଏମ୍‌ପିଏ(ଜେଡିଏ-ଢେଙ୍କାନାଳ ଏବଂ ପିବିଡିଏ-ବାଂଶପାଳ)ରେ ୧୨,୫୭୬ ପିଭିଟିଜି ପରିବାର ରହୁଥିଲେ ହେଁ ସେମାନଙ୍କୁ ସରକାରୀ ସହାୟତା ମିଳିବା ନେଇ କୌଣସି ତଥ୍ୟ ମିଳି ନ ଥିଲା। ଏସ୍‌ଏସ୍‌ଡି ବିଭାଗର ଅବହେଳା ଲାଗି ୧,୧୩୮ଟି ଗ୍ରାମରେ ବିକାଶ କାର୍ଯ୍ୟ ଠିକ୍‌ଭାବେ ହୋଇ ନ ଥିଲା, ଯେଉଁଥିରେ ୨.୯୪ ପିଭିଟିଜି ଜନସଂଖ୍ୟା ମଧ୍ୟରୁ ୧.୬୦ ଲକ୍ଷ ଅର୍ଥାତ୍ ୫୪% ଲୋକ ସେମାନଙ୍କ ହକ୍ ପାଇପାରିନାହାନ୍ତି। ଫଳରେ ସରକାରୀ ଯୋଜନାରୁ ସେମାନେ ବଞ୍ଚିତ ଅଛନ୍ତି।

ସେହିପରି ସମୀକ୍ଷାବେଳେ ଜଣାପଡ଼ିଛି, ୨୦୧୯ରୁ ୨୦୨୪ ମଧ୍ୟରେ ୨୧୧୩ଟି ଏସ୍‌ଏଚ୍‌ଜିଙ୍କୁ ୧୯.୩୪ କୋଟି ଟଙ୍କାର ପିଭିଟିଜି ସଶକ୍ତୀକରଣ ପାଣ୍ଠି(ପିଇଏଫ୍) ପ୍ରଦାନ କରାଯାଇଥିଲା। ଏଥିରେ ୧୪୩୭ ପିଭିଟିଜି ୧୨.୯୫ କୋଟି ଏବଂ ୬୭୬ ଅଣପିଭିଟିଜି ଏସ୍‌ଏଚ୍‌ଜିର ୬.୩୯ କୋଟି ଟଙ୍କା ସାମିଲ ଥିଲା। ମାର୍ଚ୍ଚ ୨୦୨୪ ସୁଦ୍ଧା ଏସ୍‌ଏଚ୍‌ଜି ଦ୍ୱାରା ୮.୭୬ କୋଟି ଟଙ୍କା ଅର୍ଥାତ୍ ୪୫% ପରିଶୋଧ କରାଯାଇଛି। ୭୦୯ ଏସ୍‌ଏଚ୍‌ଜିରୁ ୧୦.୫୮ କୋଟି ଆଦାୟ ପାଇଁ ବାକି ରହିଛି। ସେହିପରି ୧,୪୩୭ ପିଭିଟିଜି ଏସ୍‌ଏଚ୍‌ଜିକୁ ପ୍ରଦାନ କରାଯାଇଥିବା ୧୨.୯୫ କୋଟି ମଧ୍ୟରୁ ୫.୮୬ କୋଟି ଟଙ୍କା ଏସ୍‌ଏଚ୍‌ଜି ଦ୍ୱାରା ପରିଶୋଧ ହୋଇଛି। ହେଲେ ୨୦୨୪ ମାର୍ଚ୍ଚ ସୁଦ୍ଧା ୭.୧୦ କୋଟି ଟଙ୍କାର ଋଣ ବକେୟା ରହିଥିଲା। ଋଣ ନେଉଥିବା ସମସ୍ତ ଏସ୍‌ଏଚ୍‌ଜି ମଧ୍ୟରୁ ୪୯୨ ଏସ୍‌ଏଚ୍‌ଜି ୪.୫୪ କୋଟି ଟଙ୍କା ପରିଶୋଧ କରିବାରେ ଖିଲାପ କରିଛନ୍ତି। ଋଣ ପରିଶୋଧରେ ବିଫଳ ହୋଇଥିବା ସର୍ବାଧିକ ଏସ୍‌ଏଚ୍‌ଜି ମୋରଶ ଏବଂ ଚାଟିକୋଣାର ବୋଲି ଅତୁଲ କହିଛନ୍ତି।

ସମ୍ମିଳନୀରେ ବରିଷ୍ଠ ଉପ ମହାଲେଖାକାର ଭରତ ଚନ୍ଦ୍ର ବେହେରା, ଉପ ମହାଲେଖାକାର କେ. ମଧୁବାଲା, ସଞ୍ଜୟ କୁମାର, ପ୍ରଥମା ପ୍ରତୀକ୍ଷା ପ୍ରଧାନ, ଏ. ବାଲକ୍ରୀଷ୍ଣା, ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ଶ୍ରୀମନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶ ପଥରେ ନୂଆ ଓଡ଼ିଶା



୯୦ବର୍ଷ ଅତିକ୍ରମ କରି ୯୧ବର୍ଷରେ ପଦାର୍ପଣ କରିଛି ଓଡ଼ିଶା। ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ତଥା ଶସ୍ୟଶ୍ୟାମଳ ଭରା ଆମର ଏହି ରାଜ୍ୟର ବିକାଶ ରଥ ଦ୍ରୁତ ଗତିରେ ଆଗେଇ ଚାଲିଛି। ଅର୍ଥନୈତିକ ଅଭିବୃଦ୍ଧି ସହ ଗମନାଗମନ ସାଙ୍ଗକୁ ସାମାଜିକ କ୍ଷେତ୍ରରେ ଓଡ଼ିଶାକୁ ୧ ନମ୍ବର ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ବିଭିନ୍ନ ପଦକ୍ଷେପ ହାତକୁ ନେଇଛନ୍ତି। ବିଶେଷକରି ରାଜ୍ୟର ସମସ୍ତଙ୍କୁ ପକ୍କାଘର ଓ ପାଇପ୍ ଯୋଗେ ଜଳ ଯୋଗାଣ ସହ ଯୋଗାଯୋଗ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଉଛି।



## ସଭିଁଙ୍କ ପାଇଁ ପକ୍କାଘର

### ଓଡ଼ିଶାର ଏକ ନୂତନ ବିକାଶ ସଙ୍କଳ୍ପ

**ଗ୍ରାମାଞ୍ଚଳ ବିକାଶ ଓ ସାମାଜିକ ନ୍ୟାୟ**

ଗ୍ରାମାଞ୍ଚଳର ବିକାଶକୁ ରାଜ୍ୟ ପ୍ରଗତିର ମୁଖ୍ୟ ସ୍ତମ୍ଭ ଭାବେ ଗ୍ରହଣ କରାଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମାଧ୍ୟମରେ ଅର୍ଥନୈତିକ ବିକାଶ ଏବଂ ସାମାଜିକ ନ୍ୟାୟ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ମୁଖ୍ୟତଃ ତିନୋଟି ଯୋଜନା କାର୍ଯ୍ୟକାରୀ ହେଉଛି।

**୧-ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ-ଜି)**
**୨-ଅନ୍ତ୍ୟୋଦୟ ଗୃହ ଯୋଜନା**
**୩-ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (ପିଏମ୍ ଜନମନ)**

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ):** ଏହା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଭାଗିତାରେ ଚାଲୁଥିବା ଏକ ବୃହତ ଯୋଜନା। ଏହି ଯୋଜନାରେ ହିତାଧିକାରୀମାନଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କାର ଗୃହ ନିର୍ମାଣ ସହାୟତା ରାଶି ପ୍ରଦାନ କରାଯାଉଛି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ୯୦ରୁ ୯୫ ଦିନର ଅଣକୁଶଳୀ ଶ୍ରମ ମଜୁରି ମଧ୍ୟ ମିଳିଥାଏ। ସେହିପରି ସ୍ୱଚ୍ଛ ଭାରତ ମିଶନ ଅଧୀନରେ ଶୌଚାଳୟ ନିର୍ମାଣ ପାଇଁ ଅତିରିକ୍ତ ୧୨,୦୦୦ ଟଙ୍କା ଦିଆଯାଏ। ସହାୟତା ରାଶି ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ କିସ୍ତି ଅନୁଯାୟୀ ପଠାଯାଏ। ହିତାଧିକାରୀ ଚୟନରେ ସ୍ୱଚ୍ଛତା ପାଇଁ ଜିଓ-ଟ୍ୟାଗିଂ ବ୍ୟବହାର କରାଯାଉଛି। ଏ ବାବଦରେ ରାଜ୍ୟ ସରକାର ୨୦୨୬-୨୭ ବର୍ଷ ପାଇଁ ୨,୪୪୫ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରିଛନ୍ତି।

**ଅନ୍ତ୍ୟୋଦୟ ଗୃହ ଯୋଜନା:** ରାଜ୍ୟ ସରକାରଙ୍କ ନିଜସ୍ୱ ଗୃହ ନିର୍ମାଣ ଯୋଜନା 'ଅନ୍ତ୍ୟୋଦୟ ଗୃହ ଯୋଜନା' ଗ୍ରାମାଞ୍ଚଳର ଗରିବ ପରିବାରଗୁଡ଼ିକୁ ପକ୍କାଘର ଯୋଗାଇବା ପାଇଁ ଆରମ୍ଭ ହୋଇଛି। ଏହି ଯୋଜନାରେ ଗ୍ରାମାଞ୍ଚଳର ଅର୍ଥନୈତିକ ଭାବେ ପଛୁଆ ପରିବାରଗୁଡ଼ିକୁ ନୂତନ ପକ୍କାଘର ନିର୍ମାଣ କରି ସୁରକ୍ଷିତ ଆଶ୍ରୟସ୍ଥଳୀ ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି। ଯେପରିକି ଏହି ଯୋଜନାରେ ଅନ୍ୟାନ୍ୟ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର ଲାଭାନ୍ୱିତ ବ୍ୟକ୍ତିମାନଙ୍କୁ ଶୀଘ୍ର ଗୃହ ନିର୍ମାଣ କରିବା ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ରାଜ୍ୟ ସରକାର ୨୦୨୬-୨୭ ବର୍ଷ ପାଇଁ ବଜେଟରେ ୨ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରିଛନ୍ତି।

### ମୂଳ ଲକ୍ଷ୍ୟ

କୁଡ଼ିଆ ଶୂନ୍ୟ ଓଡ଼ିଶା ଗଠନ
ଓଡ଼ିଶା ସରକାରଙ୍କ 'ସଭିଁଙ୍କ ପାଇଁ ପକ୍କା ଘର' ସଙ୍କଳ୍ପ ଅଧୀନରେ ରାଜ୍ୟର କୌଣସି ବି ଗରିବ ପରିବାର ଯେପରି କୁଡ଼ିଆ କିମ୍ବା କଚ୍ଚା ଘରେ ନ ରୁହନ୍ତି, ତାହା ନିଶ୍ଚିତ କରାଯାଉଛି। ବର୍ତ୍ତମାନର ସରକାର ପୂର୍ବ ଯୋଜନାଗୁଡ଼ିକୁ ସଂସ୍କାର କରି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ। ବିଶେଷକରି ଅନୁସୂଚିତ ଜନଜାତି (ଏସ୍‌ଟି) ଏବଂ ଅନୁସୂଚିତ ଜାତି (ଏସ୍‌ସି) ବର୍ଗର ଲୋକଙ୍କୁ ଏହି ଅଭିଯାନରେ ପ୍ରାଧାନ୍ୟ ଦିଆଯାଉଛି।

### ସହରାଞ୍ଚଳ ଆବାସ

କେବଳ ଗ୍ରାମାଞ୍ଚଳ ନୁହେଁ, ସହରାଞ୍ଚଳ ପାଇଁ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ-ୟୁ) ୨.୦ ଏବଂ ପିଏମ୍ଏୱାଇ ଅର୍ବାନ ବନ୍ଧୁ କାର୍ଯ୍ୟକାରୀ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳ ବନ୍ଧୁ (ପିଏମ୍ଏୱାଇ ଅର୍ବାନ ବନ୍ଧୁ) ହେଉଛି ଓଡ଼ିଶା ସରକାରଙ୍କ ଏକ ଅଭିନବ ପଦକ୍ଷେପ, ଯାହା ସହରାଞ୍ଚଳରେ ବାସହୀନ ପରିବାରଗୁଡ଼ିକୁ ନିଜସ୍ୱ ପକ୍କା ଘର ଯୋଗାଇଦେବାରେ ସହାୟକ ହେଉଛି। ଏହା ମୁଖ୍ୟତଃ ସହରରେ ରହୁଥିବା ଅର୍ଥନୈତିକ ଅନଗ୍ରସର ଶ୍ରେଣୀ (ଇଡବ୍ଲ୍ୟୁଏସ୍) ଏବଂ ବସ୍ତି ବାସିନ୍ଦାଙ୍କ ପାଇଁ ଉଦ୍ଦିଷ୍ଟ। ରାଜ୍ୟ ସରକାର ୨୦୨୬-୨୭ ନିମନ୍ତେ ପିଏମ୍ଏୱାଇ-ୟୁ ୨.୦ ବାବଦରେ ୫୬୫ କୋଟି ଏବଂ ପିଏମ୍ଏୱାଇ ଅର୍ବାନ ବନ୍ଧୁ ସକାଶେ ୧୨୦ କୋଟି ଟଙ୍କାର ବଜେଟ ବ୍ୟୟବରାଦ କରିଛନ୍ତି।

### ପିଏମ୍ ଜନମନ

ପିଏମ୍ ଜନମନ ଅଧୀନରେ ରାଜ୍ୟର ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ (ପିଭିଟିଜିଏସ୍) ପରିବାରଗୁଡ଼ିକ ପାଇଁ ବ୍ୟାପକ ଘର ଯୋଜନା କାର୍ଯ୍ୟକାରୀ ହେଉଛି। ଏ ବାବଦରେ ରାଜ୍ୟ ସରକାର ୨୦୨୬-୨୭ ବର୍ଷ ପାଇଁ ୩୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରିଛନ୍ତି।

## ବିଶୁଦ୍ଧ ପାନୀୟ ଜଳର ବୃହତ୍ ସଙ୍କଳ୍ପ



### ୨୦୨୭ ସୁଦ୍ଧା ପ୍ରତି ଘରେ ପାଇପ୍ ଯୋଗେ ପହଞ୍ଚିବ



ଓଡ଼ିଶା ସରକାରଙ୍କ 'ବସୁଧା' ଯୋଜନା ଏବଂ କେନ୍ଦ୍ର ସରକାରଙ୍କ 'ଜଳ ଜୀବନ ମିଶନ'ର ମିଳିତ ସହଯୋଗରେ ୨୦୨୭ ମସିହା ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଗ୍ରାମୀଣ ଓ ସହରୀ ପରିବାରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ଏକ ବୃହତ୍ ଲକ୍ଷ୍ୟ ରଖାଯାଇଛି। ମୁଖ୍ୟ ଲକ୍ଷ୍ୟ ହେଲା ରାଜ୍ୟର ସମସ୍ତ ଗ୍ରାମୀଣ ପରିବାରକୁ 'କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ' ମାଧ୍ୟମରେ ପାନୀୟ ଜଳ ଯୋଗାଇବା। କେବଳ ପାଣି ନୁହେଁ, ବରଂ ଡବ୍ଲ୍ୟୁଏଚ୍‌ଓ ମାନଦଣ୍ଡ ଅନୁଯାୟୀ ବିଶୁଦ୍ଧ ଓ ନିରାପଦ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ଏକ ନୂଆ ଯୋଜନା 'ଷ୍ଟେଟ୍ ସପୋର୍ଟ ଫର୍ ରୁରାଲ ପାଇପ୍‌ଡ ୱାଟର ସପ୍ଲାଇ ପ୍ରୋଜେକ୍ଟ'ର ପ୍ରଚଳନ ପାଇଁ ବଜେଟ ୨୦୨୬-୨୭ରେ ପ୍ରସ୍ତାବ ଦେଇଛନ୍ତି। ବିଶେକରି ଏହି ଆର୍ଥିକ ବର୍ଷରେ ପାନୀୟ ଜଳ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଜରିଆରେ କାର୍ଯ୍ୟକାରୀ ହୋଇଥିବା ବସୁଧା ଯୋଜନା ପାଇଁ ୧୪୯୫ କୋଟି ଏବଂ ଜଳ ଜୀବନ ମିଶନ ନିମନ୍ତେ ୭୦୦୦ କୋଟି ଟଙ୍କାର ବଜେଟ ବ୍ୟୟବରାଦ କରାଯାଇଛି।

ଲକ୍ଷ୍ୟ ପୂରଣ ପାଇଁ ରାଜ୍ୟ ସରକାର କେତେକ ପ୍ରମୁଖ କାର୍ଯ୍ୟକ୍ରମ ଏବଂ କୌଶଳ ଆପଣାଇଛନ୍ତି। ବିଶେଷକରି ବୃହତ୍ ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ଯେଉଁ ଅଞ୍ଚଳରେ ଭୂତଳ ଜଳର ସମସ୍ୟା ରହିଛି କିମ୍ବା ପାଣିରେ ଫ୍ଲୋରାଇଡ/ଲୌହ ଅଂଶ ଅଧିକ, ସେଠାରେ ନଦୀ ଜଳକୁ ବିଶୁଦ୍ଧ କରି ପାଇପ୍ ଯୋଗେ ଦୂରବର୍ତ୍ତୀ ଗାଁକୁ ପଠାଯାଉଛି। ସେହିପରି ପୁରୀ ଏବଂ ଭୁବନେଶ୍ୱର ପରି ସହର ପରେ ଏବେ 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ସୁବିଧାକୁ ଅନ୍ୟ ପୌରାଞ୍ଚଳକୁ ସମ୍ପ୍ରସାରଣ କରାଯାଉଛି, ଯେଉଁଠି ଲୋକେ ସିଧାସଳଖ ନଳରୁ ପାଣି ପିଇପାରିବେ। ବିଦ୍ୟୁତ୍ ସଂଯୋଗ ନ ଥିବା ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ସୌରଶକ୍ତିଚାଳିତ ପମ୍ପ ସାହାଯ୍ୟରେ ଜଳ ଯୋଗାଣ କରାଯାଉଛି। ପାନୀୟ ଜଳଯୋଗାଣରେ ଗୋଷ୍ଠୀ ସହଭାଗିତା ଗୁରୁତ୍ୱପୂର୍ଣ୍ଣ। ଜଳ ସାଥୀ ଭାବେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ଜଳର ମାନ ପରୀକ୍ଷା, ବିଲ୍ ଆଦାୟ ଏବଂ ପରିଚାଳନା ଦାୟିତ୍ୱ ଦିଆଯାଇଛି। ସେହିପରି ଗାଁ ସ୍ତରରେ ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ସ୍ଥାନୀୟ ଲୋକଙ୍କୁ ଗ୍ରାମ ଜଳ ଓ ପରିମଳ କମିଟିରେ ସାମିଲ କରାଯାଇଛି।

## ଭବିଷ୍ୟତ ଓଡ଼ିଶା ପାଇଁ ଅର୍ଥନୈତିକ କରିଡର

# କ୍ୟାପିଟାଲ ରିଜିଅନ ରିଂ ରୋଡ୍



ରାଜ୍ୟ ସରକାର ରାଜଧାନୀ ଭୁବନେଶ୍ୱର ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣିବା ପାଇଁ ଯୋଜନା କରିଛନ୍ତି। ଏ କ୍ଷେତ୍ରରେ 'କ୍ୟାପିଟାଲ ରିଜିଅନ ରିଙ୍ଗ୍ ରୋଡ୍' ପ୍ରକଳ୍ପ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବାକୁ ଯାଉଛି। ଏହି ପ୍ରକଳ୍ପ ମାଧ୍ୟମରେ ଭୁବନେଶ୍ୱର, କଟକ ଏବଂ ଖୋର୍ଦ୍ଧା ଭଳି ପ୍ରମୁଖ ସହରଗୁଡ଼ିକ ମଧ୍ୟରେ ଯାତାୟାତ ଅଧିକ ସହଜ ଓ ନିର୍ବିଘ୍ନ ହେବ। ୬-ଲେନ ବିଶିଷ୍ଟ ଗ୍ରୀନଫିଲ୍ଡ ହାଇୱେ: ଏହା ସମ୍ପୂର୍ଣ୍ଣ ରୂପେ ଏକ ନୂତନ ମାର୍ଗ (ଗ୍ରୀଡ୍‌ଫିଲ୍ଡ) ହେବ, ଯେଉଁଠାରେ ଯାନବାହନର ଗତି ସୀମା ଘଣ୍ଟାପ୍ରତି ୧୦୦ କିମି ରଖିବାକୁ ଡିଜାଇନ କରାଯାଇଛି। ରାସ୍ତାରେ ଅଯଥା ବାଧା ଏଡ଼ାଇବା ପାଇଁ ଅନେକ ଫ୍ଲାଏଓଭର, ଅଣ୍ଡରପାସ୍ ଏବଂ ବଡ଼ ସେତୁ ନିର୍ମାଣ କରାଯିବ। ମହାନଦୀ ଉପରେ ଏକ ବିଶାଳ ସେତୁ ନିର୍ମାଣର ଯୋଜନା ମଧ୍ୟ ରହିଛି। ଏହା ଏନ୍ଏଚ୍-୧୬ (କୋଲକାତା-ଚେନ୍ନାଇ), ଏନ୍ଏଚ୍-୫୫ (ସମ୍ବଲପୁର ରୋଡ୍), ଏବଂ ଏନ୍ଏଚ୍-୫୭ ଭଳି ପ୍ରମୁଖ ଜାତୀୟ ରାଜପଥକୁ ସଂଯୋଗ କରିବ। ବନ୍ୟପ୍ରାଣୀ ବୋର୍ଡ ଏବଂ ପରିବେଶ ବିଭାଗ ପକ୍ଷରୁ ଆବଶ୍ୟକ ଅନୁମତି ମିଳିସାରିଛି, ଯାହାଫଳରେ ନିର୍ମାଣ କାର୍ଯ୍ୟରେ କୌଣସି ବାଧା ଉପୁଜିବ ନାହିଁ।

### ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ

**ଟ୍ରାଫିକ ଭିଡ଼ ନିୟନ୍ତ୍ରଣ:** ଭୁବନେଶ୍ୱର ଏବଂ କଟକ ସହର ଭିତରକୁ ପ୍ରବେଶ କରୁଥିବା ଭାରିଯାନଗୁଡ଼ିକୁ ସହର ବାହାରେ ବାହାରେ ଯିବା ପାଇଁ ଏକ ବିକଳ୍ପ ମାର୍ଗ ପ୍ରଦାନ କରିବା।
**ତ୍ୱରିତ ବିକାଶ:** ରାଜଧାନୀ ଉପକଣ୍ଠରେ ଥିବା ଅଞ୍ଚଳଗୁଡ଼ିକରେ ଶିଳ୍ପ, ବାଣିଜ୍ୟ ଏବଂ ଆବାସିକ ପ୍ରକଳ୍ପର ବିକାଶକୁ ତ୍ୱରାନ୍ୱିତ କରିବା।
**ସମୟ ସଞ୍ଚୟ:** ଏହି ୬-ଲେନ୍ ବିଶିଷ୍ଟ ରିଙ୍ଗ୍ ରୋଡ୍ ଦ୍ୱାରା ଖୋର୍ଦ୍ଧାରୁ ଚୌଦ୍ୱାର ପର୍ଯ୍ୟନ୍ତ ଯାତ୍ରା ସମୟ ବହୁତ କମିଯିବ।

### ଯୋଜନାର ରୂପରେଖ

**ଲମ୍ବ ଓ ବିସ୍ତାର:** ଏହି ପ୍ରକଳ୍ପ ପ୍ରାୟ ୧୧୧ କିଲୋମିଟର ଦୀର୍ଘ ହେବାକୁ ଲକ୍ଷ୍ୟ ରଖାଯାଇଛି। ଏହା ଖୋର୍ଦ୍ଧାରୁ ଆରମ୍ଭ ହୋଇ ରାମେଶ୍ୱର, ପିପିଲି, ବାଲିଅନ୍ତା, ନିଆଳି ଏବଂ ଚୌଦ୍ୱାର ଦେଇ ପୁଣି ଟାଙ୍ଗୀ ଅଞ୍ଚଳକୁ ସଂଯୋଗ କରିବ।
**୬-ଲେନ୍ ବିଶିଷ୍ଟ ରାସ୍ତା:** ବଢୁଥିବା ଜନସଂଖ୍ୟା ଏବଂ ଯାନବାହାନକୁ ଦୃଷ୍ଟିରେ ରଖି ଏହାକୁ ଏକ ଗ୍ରୀନଫିଲ୍ଡ ୬-ଲେନ୍ ବିଶିଷ୍ଟ କରିଡର ଭାବେ ନିର୍ମାଣ କରାଯାଉଛି।
**ଭିତ୍ତିଭୂମି:** ଏଥିରେ ବଡ଼ ସେତୁ, ଫ୍ଲାଏଓଭର ଏବଂ ଅଣ୍ଡରପାସ୍ ନିର୍ମାଣ କରାଯିବ ଯେପରି କୌଣସି ସ୍ଥାନରେ ଯାତାୟାତରେ ବାଧା ସୃଷ୍ଟି ନ ହୁଏ।

**ଅର୍ଥନୈତିକ ପ୍ରଭାବ**

ନୂତନ ସହରର ବିକାଶ: ଏହି ରାସ୍ତା କଡ଼ରେ ନୂତନ ଟାଉନଶିପ ଏବଂ ବାଣିଜ୍ୟିକ ପେଣ୍ଠସ୍ଥଳୀ ଗଢ଼ିଉଠିବ, ଯାହା ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇବ।
**ପରିବହନ ସୁବିଧା:** ଓଡ଼ିଶାର ବନ୍ଦରଗୁଡ଼ିକୁ ସଂଯୋଗ କରୁଥିବା ମାଲବାହୀ ଟ୍ରକ୍ଗୁଡ଼ିକ ବିନା କୌଣସି ଟ୍ରାଫିକ ସମସ୍ୟାରେ ଗତି କରିପାରିବେ, ଯାହା ରାଜ୍ୟର ଅର୍ଥନୀତି ପାଇଁ ଲାଭଦାୟକ ହେବ।



### ରାଜ୍ୟ ସରକାରଙ୍କ ଆଭିମୁଖ୍ୟ

ସରକାର ଏହି ପ୍ରକଳ୍ପକୁ ଖୁବ୍‌ଶୀଘ୍ର ଶେଷ କରିବା ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ଏହା କେବଳ ଏକ ରାସ୍ତା ନୁହେଁ, ବରଂ 'ଭବିଷ୍ୟତର ଓଡ଼ିଶା' ପାଇଁ ଏକ ଅର୍ଥନୈତିକ କରିଡର ଭାବେ ପରିଗଣିତ ହେଉଛି।

**ସରକାରଙ୍କ ଭବିଷ୍ୟତ ଯୋଜନା**

ଓଡ଼ିଶା ସରକାର ଏହି ରିଙ୍ଗ ରୋଡ୍‌କୁ କେନ୍ଦ୍ର କରି ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର (ବିସିପିପିଇଆର୍) ବିକାଶ କରିବାକୁ ଲକ୍ଷ୍ୟ ରଖିଛନ୍ତି। ରାସ୍ତା କଡ଼ରେ ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ସରକାର ଜମି ଚିହ୍ନଟ ପ୍ରକ୍ରିୟା ଜାରି ରଖିଛନ୍ତି।

### ୩୦ ମାସରେ ସରିବ କାମ

ଓଡ଼ିଶା ସରକାର ଏବଂ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ନିର୍ମାଣ ହେବାକୁ ଥିବା କ୍ୟାପିଟାଲ ରିଜିଅନ ରିଙ୍ଗ୍ ରୋଡ୍ ପ୍ରକଳ୍ପ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପହଞ୍ଚିଛି। ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ) ପକ୍ଷରୁ ଏହି ୧୧୧ କିଲୋମିଟର ଦୀର୍ଘ ରିଙ୍ଗ୍ ରୋଡ୍ ନିର୍ମାଣ ପାଇଁ ତିନୋଟି ପୃଥକ୍ ପ୍ୟାକେଜ୍‌ରେ କାର୍ଯ୍ୟାଦେଶ ଜାରି କରାଯାଇଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ଏହି କାର୍ଯ୍ୟ ବିଭିନ୍ନ ପ୍ରତିଷ୍ଠିତ ନିର୍ମାଣକାରୀ ସଂସ୍ଥାଙ୍କୁ ପ୍ରଦାନ କରାଯାଇଛି। କାମ ଆରମ୍ଭ ହେବାର ପ୍ରାୟ ୩୦ ମାସ (୨.୫ ବର୍ଷ) ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ବିଶାଳ ପ୍ରକଳ୍ପକୁ ସୁଚାରୁରୂପେ ଶେଷ କରିବା ପାଇଁ ତିନୋଟି ଭାଗରେ ବିଭକ୍ତ କରାଯାଇଛି। ପ୍ୟାକେଜ୍-୧ (୪୦ କିମି): ଖୋର୍ଦ୍ଧାର ରାମେଶ୍ୱରରୁ ଆରମ୍ଭ ହୋଇ ବିଲିପଡ଼ା ପର୍ଯ୍ୟନ୍ତ। ପ୍ୟାକେଜ୍-୨ (୩୦ କିମି): ବିଲିପଡ଼ାରୁ କଟକ ଜିଲାର ଗୋବିନ୍ଦପୁର ପର୍ଯ୍ୟନ୍ତ। ପ୍ୟାକେଜ୍-୩ (୪୦ କିମି): ଗୋବିନ୍ଦପୁରରୁ ଟାଙ୍ଗୀ (ବାନ୍ଦଲୋ ଟୋଲ୍ ପ୍ଲାଜା ନିକଟ) ପର୍ଯ୍ୟନ୍ତ।

OIPR-ADV3-ADV-0033-2026

❝ ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱ ସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢ଼ିବାକୁ ଏବଂ ବିଜୟଲାଭ କରିବାକୁ। –ଶ୍ରୀମା

-ଓଡ଼ିଶା ଦିବସ, ବିଷ୍ଣୁ ଦମନକ ଚତୁର୍ଦ୍ଦଶୀ, ହିଙ୍ଗୁଳା ଯାତ୍ରା, ଶ୍ରୀମନ୍ଦିରରେ ଦୟଣାବେଢ଼ା, ଚନ୍ଦ୍ରପୂଜା



# ସଂଜ୍ଞା ବଦଳିପାରେ

ଧାର୍ଯ୍ୟ ସମୟସୀମାର ଦିନକ ପୂର୍ବରୁ ଅର୍ଥାତ୍ ୩୦ ମାର୍ଚ୍ଚରେ ଭାରତ 'ମାଓବାଦୀ ମୁକ୍ତ' ବୋଲି ସଂସଦରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଘୋଷଣା କରିଦେଇଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ଦେଶରେ କେହି ମାଓବାଦୀ ରହିବେ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ମୃତ୍ୟୁରେଖା ସ୍ଥିର କରାଯାଇଥିଲା। ତଥ୍ୟ ପ୍ରଦାନ କରିବାକୁ ଯାଇ ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି, ଗତ ୩ ବର୍ଷ ମଧ୍ୟରେ ୪,୮୩୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ୭୦୬ ଜଣଙ୍କୁ ହତ୍ୟା କରାଯାଇଛି ଓ ୨,୨୧୮ ଜଣଙ୍କୁ ଗିରଫ କରାଯାଇ ଜେଲ ପଠାଯାଇଛି। ୨୦୨୪ ପ୍ରାରମ୍ଭରେ ମାଓବାଦୀଙ୍କ ସେଣ୍ଟ୍ରାଲ କମିଟି ଓ ପଲିଟ୍‌ବ୍ୟୁରୋରେ ୨୧ ଜଣ ସଦସ୍ୟ ଥିବା ବେଳେ ଏବେ ଆଉ କେହି ନାହାନ୍ତି। ଏହିଭଳି ଅନେକ ତଥ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀ ଦେଇଛନ୍ତି। ସାଧାରଣରେ ଗୋଟିଏ କଥା ମନକୁ ଆସୁଛି, ଭାରତ ମାଓବାଦୀମୁକ୍ତ ହୋଇଗଲେ ମଧ୍ୟ ମାଓବାଦ ଚିନ୍ତାଧାରା ମଣିଷ ମନରୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହେବା କଷ୍ଟକର। ଯେପର୍ଯ୍ୟନ୍ତ ଦାରିଦ୍ର୍ୟ, ଅସମାନତା ଏବଂ ଧନୀ–ଗରିବ ତଫାତ୍ ବୃଦ୍ଧି ପାଇଚାଲିଥିବ, ସେ ପର୍ଯ୍ୟନ୍ତ ଗରିବର ସ୍ୱର ସବୁବେଳେ ଅନ୍ୟାୟ ବିରୋଧରେ ଉଠୁଥିବ। ଦେଶର ରାଜନୀତିରେ ଏକ କଂଗ୍ରେସ କିମ୍ବା କମ୍ୟୁନିଷ୍ଟ ମୁକ୍ତ ଧ୍ୱନି ଦେଇ ଭୋଟ ନେବା ସମ୍ଭବପର ହୋଇପାରେ। ଏହିଭଳି ବାତାବରଣ ବର୍ତ୍ତମାନ ଭାରତରେ ଚେର ଧରିଛି। ଏହା ଫଳରେ ଏଭଳି ମୁକ୍ତ ତାଲିକାଭୁକ୍ତ ହେବା ପାଇଁ ଆହୁରି ଅନେକ ରାଜନୈତିକ ଦଳ ଧାଡ଼ିରେ ଛିଡ଼ା ହୋଇଥିବା ଭଳି ସ୍ପଷ୍ଟ ବୁଝାପଡୁଛି। ବିକଳ୍ପହୀନ ରାଜନୀତିର ଶିକାର ଏବେ ଭାରତ ହୋଇଛି। ଯେଉଁଠି ଯାହାର ଯିଏ ବିକଳ୍ପ ସାଜିପାରୁଛି, ସେହି ଦଳର ସଫଳତା ଅନେକାଂଶରେ ବୃଦ୍ଧି ପାଉଛି।

> କମ୍ୟୁନିଷ୍ଟ କିମ୍ବା ମାଓଇଷ୍ଟ ଶବ୍ଦଗୁଡ଼ିକର ପରଲୋକ ଘଟିଯିବାର ସମ୍ଭାବନା ରହିଛି। କିନ୍ତୁ ଦେଶର ସମ୍ପତ୍ତି ଲୁଟି ଧନୀ ହେଉଥିବା ଲୋକଙ୍କ ପ୍ରତି ବିରୋଧ ସବୁବେଳେ ଶକ୍ତିଶାଳୀ ହୋଇଚାଲିଥିବ। ଏହାର କାର୍ଯ୍ୟପ୍ରଣାଳୀ ଓ ରୂପ କେଉଁ ଆକାର ଭବିଷ୍ୟତରେ ଧରିବ, ତାହା ୨୦୨୬ ଏପ୍ରିଲ ଆରମ୍ଭରେ କହିବା ହୁଏତ ସମ୍ଭବପର ହୋଇ ନ ପାରେ।

ବ୍ୟକ୍ତିଙ୍କୁ ମାରି ଦିଆଯାଇପାରେ, କିନ୍ତୁ ଏକ ଦର୍ଶନ ବା ଚିନ୍ତାଧାରା ଥରେ ରୂପରେଖ ନେଇଥିଲେ ତାହାକୁ ଜନମାନସରୁ ହଟେଇଦେବା ସମ୍ଭବପର ନୁହେଁ। ଜଣେ ନାଗରିକ ତାହାକୁ ଗ୍ରହଣ କରିପାରନ୍ତି କିମ୍ବା ଘୃଣା କରିପାରନ୍ତି। ଏଠି ମନେପଡ଼େ ଜର୍ନେଲ ସିଂ ଭିନ୍ଦ୍ରେନ୍‌ୱାଲାଙ୍କୁ ହତ୍ୟା କରାଯାଇଥିଲେ ମଧ୍ୟ ଖଲିସ୍ଥାନର ସ୍ୱପ୍ନ ଲିଭିଯାଇନାହିଁ। ଯଦି ଅନ୍ତର୍ଜାତୀୟ ଦୃଶ୍ୟପଟକୁ ଦେଖିବା ଅଲ୍–କାଏଦା ନେତା ଓସ୍‌ମା ବିନ୍ ଲାଡେନ୍‌ଙ୍କୁ ହତ୍ୟା କରାଯିବା ପରେ ବିଶ୍ୱାସ କରାଯାଉଥିଲା ଯେ, ସେହି ସଙ୍ଗଠନ କବର ପାଇଗଲା। କିନ୍ତୁ ତାହା ଆଇଏସ୍‌ଆଇଏସ୍ ଭିତରେ ପୁନର୍ଜୀବିତ ହୋଇଥିଲା। ନଗଦ ଉଦାହରଣ ଦେଖିବାକୁ ଗଲେ ଇରାନ୍ ପରିସ୍ଥିତି ମନକୁ ଆସେ। ଉଭୟ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଓ ତାଙ୍କ ପ୍ରରୋଚନାରେ ଫସିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାବିଥିଲେ ଇରାନ୍‌ର ସୁପ୍ରିମ୍ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଏବଂ ହାତଗଣତି ବଡ଼ ନେତାଙ୍କୁ ପ୍ରଥମ ଦିନ ମାରିଦେଲେ ଯୁଦ୍ଧବିରତି ତତ୍‌କ୍ଷଣାତ ଘଟିବ। ଆଜି, ଅନେକ ହଜାର ଲୋକଙ୍କ ମୃତ୍ୟୁ ଏବଂ ଧ୍ୱଂସର ତାଣ୍ଡବଲୀଳା ସମଗ୍ର ମଧ୍ୟପ୍ରାଚ୍ୟରେ ଘଟିଚାଲିଥିବା ବେଳେ ସେହି ମୁଣ୍ଡିମାନଙ୍କ ମୃତ୍ୟୁ କୌଣସି ଗୁରୁତ୍ୱ ରଖିଲା ନାହିଁ। ଏହି ଯୁଦ୍ଧ ପଛରେ ଆମେରିକା ଓ ଇସ୍ରାଏଲ୍‌ର ଚିନ୍ତାଧାରା ସମ୍ପୂର୍ଣ୍ଣ ଭାବେ ପୁରୁଣା ସାମନ୍ତବାଦୀ ଭାବନାରେ ବୁଡ଼ିକି ଥିଲା। ଇରାନ୍ ପ୍ରମାଣ କରିଦେଲା ଯେ, ନେତା ନ ଥିଲେ ମଧ୍ୟ ଚିନ୍ତାଧାରା ମରିଯାଏ ନାହିଁ। ପୁନର୍ବାର ଦୋହରାଇବାକୁ ଗଲେ, ଯେପର୍ଯ୍ୟନ୍ତ ଭାରତୀୟ ସମାଜରେ ଦାରିଦ୍ର୍ୟ, ଅସମାନତା, ଛୁଆଁଅଛୁଆଁ ଭେଦଭାବ ସବଳ ଥିବ ; ସେ ପର୍ଯ୍ୟନ୍ତ ପ୍ରଗତିଶୀଳ ଏବଂ ଗରିବ ସପକ୍ଷବାଦୀ ଚିନ୍ତାଧାରା ମୁଣ୍ଡ ଟେକି ବଞ୍ଚିରହିବ। କମ୍ୟୁନିଷ୍ଟ କିମ୍ବା ମାଓଇଷ୍ଟ ଶବ୍ଦଗୁଡ଼ିକର ପରଲୋକ ଘଟିଯିବାର ସମ୍ଭାବନା ରହିଛି। କିନ୍ତୁ ଦେଶର ସମ୍ପତ୍ତି ଲୁଟି ଧନୀ ହେଉଥିବା ଲୋକଙ୍କ ପ୍ରତି ବିରୋଧ ସବୁବେଳେ ଶକ୍ତିଶାଳୀ ହୋଇଚାଲିଥିବ। ଏହାର କାର୍ଯ୍ୟପ୍ରଣାଳୀ ଓ ରୂପ କେଉଁ ଆକାର ଭବିଷ୍ୟତରେ ଧରିବ, ତାହା ୨୦୨୬ ଏପ୍ରିଲ ଆରମ୍ଭରେ କହିବା ହୁଏତ ସମ୍ଭବପର ହୋଇ ନ ପାରେ।

# ଓଡ଼ିଶା ଦିବସର ଅନୁଚିନ୍ତା: ସମୃଦ୍ଧ, ସଶକ୍ତ ଓଡ଼ିଶା



ମୋହନ ଚରଣ ମାଝୀ

ଆଜିର ଦିନଟି ପ୍ରତ୍ୟେକ ଓଡ଼ିଶାବାସୀଙ୍କ ପାଇଁ ବାର୍ଷିକ କ୍ୟାଲେଣ୍ଡରରେ ଏକ ମହତ୍ତ୍ୱପୂର୍ଣ୍ଣ ଦିନ। ୯୦ବର୍ଷ ତଳେ ଆଜିର ଦିନରେ ସ୍ୱତନ୍ତ୍ର ଓଡ଼ିଶା ଗଠିତ ହୋଇଥିଲା, ଯାହା ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ। ଆଖପାଖ ପଡ଼ୋଶୀ ରାଜ୍ୟରେ ଖଣ୍ଡ ବିଖଣ୍ଡିତ ହୋଇ ମିଶି ରହିଥିବା ବିଭିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ସମ୍ମିଶ୍ରଣ କରି ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଜନ୍ମ ନେଇଥିଲା ଆଜିର ଓଡ଼ିଶା। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି, ସ୍ୱତନ୍ତ୍ର ଓଡ଼ିଶା ଜନ୍ମ ନେଇଥିଲା ବ୍ରିଟିଶ ଶାସନ କାଳରେ ଏବଂ ଏଥିପାଇଁ ଲକ୍ଷ ଲକ୍ଷ ଓଡ଼ିଆ ତ୍ୟାଗ ଓ ବଳିଦାନ ଦେଇ ଆନ୍ଦୋଳନ କରିଥିଲେ। ଏହି ଆନ୍ଦୋଳନର ପୁରୋଧା ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, କର୍ମବୀର ଗୌରୀ ଶଙ୍କର ରାୟ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ଶାସକ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ, ସ୍ୱଭାବକବି ଗଙ୍ଗାଧର ମେହେର, ମା' ରମାଦେବୀ, ମାଳତୀ ଚୌଧୁରୀଙ୍କ ପରି ବ୍ୟକ୍ତିତ୍ୱ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ପାଇଁ ପ୍ରାତଃସ୍ମରଣୀୟ।

ଯଦିଓ ସ୍ୱତନ୍ତ୍ର ଓଡ଼ିଶା ଆନ୍ଦୋଳନ ୧୯୦୩ ମସିହାରେ 'ଉତ୍କଳ ସମ୍ମିଳନୀ'ର ଗଠନ ସହିତ ଆରମ୍ଭ ହୋଇଥିଲା, ବାସ୍ତବରେ ଏହି ଆନ୍ଦୋଳନ ଅର୍ଦ୍ଧ ଶତାବ୍ଦୀର ଇତିହାସ କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଉତ୍କଳ ସମ୍ମିଳନୀ ଗଠନର ବହୁ ପୂର୍ବରୁ ଓଡ଼ିଆ ଭାଷାର ସ୍ୱତନ୍ତ୍ର ପରିଚୟ ରକ୍ଷା କରିବା ପାଇଁ ବିଭିନ୍ନ ଅଞ୍ଚଳରେ ଆନ୍ଦୋଳନ ବିକ୍ଷୋଭ ଦେଖାଦେଇଥିଲା। ୧୮୦୩ ମସିହାରେ ଯେତେବେଳେ ବ୍ରିଟିଶ ସରକାର ଓଡ଼ିଶାକୁ ଶେଷ ଭାରତୀୟ ରାଜ୍ୟ ଭାବେ ଅଧିଗ୍ରହଣ କରିଥିଲେ, ଏହାର ବିଭିନ୍ନ ଅଞ୍ଚଳକୁ ଆଖପାଖ ପଡ଼ୋଶୀ ରାଜ୍ୟରେ ସମ୍ମିଶ୍ରଣ କରିଦେଇଥିଲେ, ଯେପରି କି ଉତ୍ତର ଏବଂ ଉପକୂଳ ଓଡ଼ିଶାକୁ ବେଙ୍ଗଲ ପ୍ରେସିଡେନ୍ସି, ଦକ୍ଷିଣ ଓଡ଼ିଶାକୁ ମାଡ୍ରାସ ପ୍ରେସିଡେନ୍ସି ଏବଂ ପଶ୍ଚିମ ଓଡ଼ିଶାକୁ କେନ୍ଦ୍ରୀୟ ପ୍ରୋଭିନ୍ସ ସହିତ। ଏହାଦ୍ୱାରା ଓଡ଼ିଶା କେବଳ ଭୌଗୋଳିକ ଦୃଷ୍ଟିକୋଣରୁ ଖଣ୍ଡ ବିଖଣ୍ଡିତ ହୋଇ ନ ଥିଲା, ଓଡ଼ିଶାର ଭାଷା ଓ ସଂସ୍କୃତିର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା।

ଏହି ଭାବନା ଅମୂଳକ ନ ଥିଲା। ୧୮୯୫ ମସିହାର ଏକ ଅଧିସୂଚନା ଫଳରେ କେନ୍ଦ୍ରୀୟ ପ୍ରୋଭିନ୍ସରେ ହିନ୍ଦୀକୁ ସରକାରୀ ଅଫିସ, ବିଚାରାଳୟ ଏବଂ ସ୍କୁଲରେ ବ୍ୟବହାର କରିବାକୁ ବାଧ୍ୟତାମୂଳକ କରାଯାଇଥିଲା। ତେଣୁ ଏହି ପ୍ରୋଭିନ୍ସରେ ସମ୍ମିଳିତ ହୋଇଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଓଡ଼ିଆ ଭାଷାର ଅସ୍ତିତ୍ୱକୁ ନେଇ ଲୋକଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ସ୍ୱତଃସ୍ଫୂର୍ତ୍ତ ଭାବେ ଲୋକଙ୍କ ମନରେ ଅସନ୍ତୋଷର ଦାନା ବାନ୍ଧିଥିଲା, ଯାହା ପରବର୍ତ୍ତୀ ସମୟରେ ଆନ୍ଦୋଳନର ରୂପ ନେଇଥିଲା। ଏହି ନିଷ୍ପତ୍ତି ବିରୋଧରେ ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ଧରଣୀଧର ମିଶ୍ର ଦୃଢ଼ଭାବେ ସ୍ୱର ଉତ୍ତୋଳନ କରିଥିଲେ। ସମ୍ବଲପୁର ଅଞ୍ଚଳରେ ମଧ୍ୟ ବ୍ରଜ ମୋହନ ପଟ୍ଟନାୟକ, ବଳଭଦ୍ର ସୁକର, ମହନ୍ତ ବିହାରୀ ଦାସ, ମଦନ ମୋହନ ଦାଶଙ୍କ ପରି ଅନେକ ଆନ୍ଦୋଳନକାରୀ ଏହାର ନେତୃତ୍ୱ ନେଇଥିଲେ। ଅନେକ ଝଡ଼ଝଞ୍ଜା ଓ ଆନ୍ଦୋଳନ ପରେ ୧୯୦୫ ମସିହାରେ ଆନ୍ଦୋଳନକାରୀଙ୍କ ଉଭୟ ଦାବି ଯଥା ସମ୍ବଲପୁର ଅଞ୍ଚଳକୁ ଓଡ଼ିଶାରେ ସମ୍ମିଶ୍ରଣ କରିବା ଏବଂ ଓଡ଼ିଆକୁ ସରକାରୀ ଭାଷା ଭାବେ ପୁନଃ ସ୍ଥାପନ କରାଯାଇଥିଲା। ଏହି ନିଷ୍ପତ୍ତିକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରଥମ ସୋପାନ ଭାବେ ବିଚାର କରାଯାଇପାରେ।

ଏହି ଆନ୍ଦୋଳନ ସହିତ ତାଳଦେଇ ଜନ୍ମଲାଭ କରିଥିଲା ଐତିହାସିକ 'ଉତ୍କଳ ସମ୍ମିଳନୀ'। ସେ ସମୟର ନେତୃମଣ୍ଡଳୀଙ୍କ ହୃଦ୍‌ବୋଧ ହୋଇଥିଲା ଯେ ଓଡ଼ିଆ ଭାଷା ଓ ଓଡ଼ିଶାର ଅସ୍ତିତ୍ୱ ବଞ୍ଚାଇବାକୁ କେବଳ ଗୋଟିଏ ମାତ୍ର ବାଟ ଥିଲା। ତାହା ହେଉଛି, ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ଭାଷାଭିତ୍ତିକ ରାଜ୍ୟ ଗଠନ କରିବା। ଏହା ଏକ ଅଭୂତପୂର୍ବ ନିଷ୍ପତ୍ତି ଥିଲା, କାରଣ ସେ ସମୟରେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ତୀବ୍ରତର ହେଉଥିଲା ଏବଂ ଭାଷା–ଭିତ୍ତିକ ରାଜ୍ୟ ଗଠନ ପାଇଁ କେହି କେବେ ଚିନ୍ତା କରି ନ ଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ରଣନୀତିରେ ବି ପରିବର୍ତ୍ତନ ହୋଇଥିଲା। କେବଳ ଦରଖାସ୍ତ, ପିଟିଶନ ଲେଖା ମାଧ୍ୟମକୁ ଛାଡ଼ି, ସ୍ୱତନ୍ତ୍ର ଓଡ଼ିଶା ଗଠନର ଲକ୍ଷ୍ୟକୁ ତୃଣମୂଳ ସ୍ତରରେ ଘରେ ଘରେ ପହଞ୍ଚାଇବା ପାଇଁ ରଣକୌଶଳ ଆରମ୍ଭ ହୋଇଥିଲା। 'ଉତ୍କଳ ସମ୍ମିଳନୀ'ର ମୂଳ ଲକ୍ଷ୍ୟ ଥିଲା ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ରକ୍ଷା କରି ଏହାର ବିକାଶ କରିବା, ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରି ଗୋଟିଏ ପ୍ରଶାସନିକ ଏକକ ଭାବେ ଗଠନ କରିବା ଏବଂ ନୂତନ ଭାବେ ଗଠିତ ରାଜ୍ୟର ବିକାଶ କରିବା।

ଉତ୍କଳ ସମ୍ମିଳନୀ ଗଠନର ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ଏହି ସଂଗ୍ରାମ ଅନେକ ଉଚ୍ଚା ନୀଚା ପଥ ଦେଇ ଅତିକ୍ରାନ୍ତ କରିଥିଲା। ଅନେକ ଘଟଣା ପ୍ରବାହ ବି ହୋଇଥିଲା, ଯେପରି କି ୧୯୨୦ ମସିହାର ସଚ୍ଚିଦାନନ୍ଦ ସିହ୍ନାଙ୍କ ପ୍ରସ୍ତାବ, ୧୯୩୦ ମସିହାର ଗୋଲ ଟେବୁଲ ବୈଠକରେ ପାରଳାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଭାବବିହ୍ୱଳ ଅଭିଭାଷଣ, ୧୯୩୩ ମସିହାର ସୀମା ନିର୍ଦ୍ଧାରଣ ପାଇଁ ହବାକ୍ କମିଶନ ଏବଂ ଶେଷରେ ଏହି ଆନ୍ଦୋଳନର ସୁଖଦ ପରିଣାମ ଥିଲା ଭାରତ ସରକାର ଅଧିନିୟମ, ୧୯୩୫। ଏହି ଅଧିନିୟମ ଫଳରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ପରିଚୟ ନେଇ, ନୂତନ ଆଶା ଆକାଂକ୍ଷାର ସମ୍ଭାର ନେଇ ସୃଷ୍ଟି ହୋଇଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ, ଯାହା ଥିଲା ସ୍ୱାଧୀନ ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦେଶରେ ଭାଷା–ଆଧାରିତ ରାଜ୍ୟ ଗଠନ ପାଇଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଭୂମିକା ଥିଲା ମହତ୍ତ୍ୱପୂର୍ଣ୍ଣ।

ମନେରଖିବାକୁ ହେବ, ଯେ ସ୍ୱତନ୍ତ୍ର ଓଡ଼ିଶା ଗଠନ କେବଳ ଏକ ଭୌଗୋଳିକ ପରିଚୟ ପାଇବା ପାଇଁ ସଂଗ୍ରାମ ନ ଥିଲା ; ଥିଲା ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇବାର ସଂଗ୍ରାମ। ଯେତେବେଳେ ଓଡ଼ିଶାର ଏକ ସିଂହଭାଗ ବେଙ୍ଗଲ ପ୍ରୋଭିନ୍ସର ଅଂଶ ବିଶେଷ ଥିଲା, ସେତେବେଳେ ବଙ୍ଗଳାର କିଛି ବୁଦ୍ଧିଜୀବୀ କହୁଥିଲେ, 'ଓଡ଼ିଆ ଏକ୍‌ଟା ଭାଷା ନଏ' ଅର୍ଥାତ୍ ଓଡ଼ିଆ ଗୋଟିଏ ସ୍ୱତନ୍ତ୍ର ଭାଷା ନୁହେଁ, ଏହା ବଙ୍ଗଳା ଭାଷାର ଅଂଶବିଶେଷ। ତେଣୁ ଏହାର କଡ଼ା ଜବାବ ଦେଇଥିଲେ ସେ ସମୟର ଓଡ଼ିଆ ଭାଷାର ସାରସ୍ୱତ ସାଧକ ସ୍ୱଭାବକବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ, ବ୍ୟାସକବି ଫକୀର ମୋହନ ସେନାପତି, ଭକ୍ତକବି ମଧୁସୂଦନ ରାଓ, କର୍ମବୀର ଗୌରୀ ଶଙ୍କର ରାୟ। ଏପରି କି ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସ ନିଜର ଲେଖନୀ ଚାଳନା କରି ଲୋକଙ୍କ ମନରେ ଓଡ଼ିଆ ଭାଷା ଓ ସଂସ୍କୃତି ପ୍ରତି ଭଲପାଇବାକୁ ଉଦ୍‌ବୁଦ୍ଧ କରିଥିଲେ। ଓଡ଼ିଶାର ପ୍ରତ୍ୟେକ ନାଗରିକ ଏହିସବୁ ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ପାଇଁ ନତମସ୍ତକ।

ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବା ପରେ ଏହାର ବିକାଶ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ସଂଯୋଗ ହେଉ ବା ଭାଗ୍ୟ ହେଉ, ଦେଶ ସ୍ୱାଧୀନତା ପ୍ରାପ୍ତିର ପ୍ରାୟ ସତୁରି ଦଶକ ପର୍ଯ୍ୟନ୍ତ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ବିକାଶ କାର୍ଯ୍ୟ ଆଗେଇ ପାରି ନ ଥିଲା। ଏହି ସମୟ ମଧ୍ୟରେ ପ୍ରାୟ ସବୁ ସରକାର ନିଜ ନିଜ ସାଧ ଓ ସାମର୍ଥ୍ୟ ମୁତାବକ ରାଜ୍ୟକୁ ବିକଶିତ କରିବା ପାଇଁ ପ୍ରୟାସ କରିଥିଲେ। କିନ୍ତୁ ଓଡ଼ିଶା ଏକ ବିକଶିତ ଓ ସମୃଦ୍ଧ ରାଜ୍ୟ ହେବା ପାଇଁ ସବୁ ପ୍ରକାର ଉପାଦାନ ତଥା ଖଣି, ପାଣି, ଲୋକବଳ, ସମୁଦ୍ର ତଟ ଥାଇ ସୁଦ୍ଧା ଆଖିଦୃଶିଆ ବିକାଶ ହୋଇପାରି ନ ଥିଲା। ବୋଧହୁଏ ଦୂରଦୃଷ୍ଟି ଓ ସ୍ପଷ୍ଟ ଭିଜନର ଅଭାବ ଥିଲା। ଅନେକ ସାମାଜିକ–ଅର୍ଥନୈତିକ ମାନଦଣ୍ଡ ଯେପରି କି ମାତୃ ଓ ଶିଶୁ ମୃତ୍ୟୁହାର, ଦାରିଦ୍ର୍ୟ ସୀମାରେଖା, ରୋଜଗାର, ସାକ୍ଷରତା ହାର, ଅର୍ଥନୈତିକ ଅଭିବୃଦ୍ଧିରେ ଓଡ଼ିଶା ଜାତୀୟ ସୂଚକାଙ୍କଠାରୁ ଥିଲା ଢେର ପଛରେ।

ଏହି ସ୍ଥିତିରେ ପରିବର୍ତ୍ତନ ଆଣି ଓଡ଼ିଶାକୁ ଦେଶର ଏକ ପ୍ରମୁଖ ବିକଶିତ ରାଜ୍ୟଭାବେ ଗଢ଼ି ତୋଳିବାକୁ ଓଡ଼ିଶାବାସୀ ୨୦୨୪ ସାଧାରଣ ନିର୍ବାଚନରେ ଏକ ଐତିହାସିକ ନିଷ୍ପତ୍ତି ନେଇଥିଲେ। ଚବିଶ ବର୍ଷ ପାଇଁ ନିରନ୍ତର ଶାସନ କ୍ଷମତାରେ ଥିବା ସରକାରକୁ ହଟାଇ ଏକ ନୂତନ ସରକାରକୁ ଶାସନ କ୍ଷମତାକୁ ଆଣିଥିଲେ। ଓଡ଼ିଶା ବିକାଶର ନବଜାଗରଣ ଓ ପୁନର୍ବିନ୍ୟାସର କାର୍ଯ୍ୟ ଜୁନ୍ ୧୨, ୨୦୨୪ ତାରିଖରୁ ଆରମ୍ଭ ହୋଇଥିଲା। ସଂଯୋଗର ବିଷୟ ଯେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଭାବେ ତୃତୀୟ ଥର ପାଇଁ ଶପଥ ନେଇଥିଲେ ନରେନ୍ଦ୍ର ମୋଦୀ ଏବଂ ବାସ୍ତବରେ ଓଡ଼ିଶାରେ ମଧ୍ୟ 'ଡବଲ ଇଞ୍ଜିନ' ସରକାରଙ୍କ ପାଳି ଆରମ୍ଭ ହୋଇଥିଲା। ଲୋକଙ୍କ ଅସୁମାରି ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ଉତ୍ସର୍ଗୀକୃତ ଭାବେ ପ୍ରଥମ ଦିନରୁ ହିଁ ଲୋକଙ୍କ ସେବା କରିବା ଆରମ୍ଭ ହୋଇଥିଲା।

ପ୍ରଧାନମନ୍ତ୍ରୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ' ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ରାଜ୍ୟର ସମସ୍ତ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା ପ୍ରଣୟନ କରୁଛନ୍ତି। ଅନେକ କାର୍ଯ୍ୟକ୍ରମ ମଧ୍ୟରୁ ୨୦୨୭ ସୁଦ୍ଧା ରାଜ୍ୟର ସବୁ ଗ୍ରାମକୁ ପାନୀୟ ଜଳ, ସଡ଼କ ଓ ବିଜୁଳି ସଂଯୋଗ ଯୋଗାଇ ଦେବା ଅନ୍ୟତମ। ସ୍ୱାଧୀନତାର ୭୮ ବର୍ଷ ପରେ ବି ଏହି ମୌଳିକ ସୁବିଧାରୁ ଲୋକେ ବଞ୍ଚିତ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆମ ଶାସନ ପଦ୍ଧତିରେ ମହିଳା ହେଉଛନ୍ତି ଏକ ଅବିଚ୍ଛେଦ୍ୟ ଅଙ୍ଗ। ଯଦି ରାଜ୍ୟର ଅଧା ଜନସଂଖ୍ୟାର ବିକାଶ ହୋଇପାରିବ ନାହିଁ, ତେବେ ସମୃଦ୍ଧ ଓଡ଼ିଶା ଗଠନ କରିବା ଅସମ୍ଭବ। ତେଣୁ ମହିଳାଙ୍କ ବିକାଶ ସହିତ ତାଙ୍କୁ ସଶକ୍ତ କରିବାକୁ ସରକାର ବଦ୍ଧପରିକର। ସାମାଜିକ ସଶକ୍ତୀକରଣ ସହିତ ଓଡ଼ିଶାକୁ ଦେଶର ଏକ ଶିଳ୍ପ ରାଜଧାନୀ ଭାବେ ଗଢ଼ିତୋଳିବାକୁ ପ୍ରଥମ ଦିନରୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ପ୍ରାୟ ଦୁଇବର୍ଷର ନିରବଚ୍ଛିନ୍ନ ଉଦ୍ୟମ ଫଳରେ ଆଜି ଓଡ଼ିଶାରେ ଦ୍ୱିତୀୟ ଶିଳ୍ପବିପ୍ଳବ ଦେଖାଦେଇଛି ଏବଂ ନିବେଶକଙ୍କ ପ୍ରଥମ ପସନ୍ଦ ଭାବେ ଜାତୀୟ ସ୍ତରରେ ଉଭା ହୋଇଛି।

ରାଜ୍ୟ ସରକାରଙ୍କ ଆଉ ଏକ ସ୍ତମ୍ଭ ହେଉଛି ଓଡ଼ିଆ ଅସ୍ମିତା। ୨୦୨୪ ମସିହାରେ ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ଲୋକେ ଅଭୂତପୂର୍ବ ସମର୍ଥନ ଦେଇଥିଲେ। ତେଣୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସୁରକ୍ଷା ଦେବା ସହ ଏହାର ପ୍ରଚାର ପ୍ରସାର ପାଇଁ ଆମ ସରକାର ଦୃଢ଼ ସଂକଳ୍ପ ନେଇଛନ୍ତି। ଏହାର ଉଦାହରଣ ହେଉଛି ଓଡ଼ିଶା ଦିବସରୁ ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ' ପାଳନ। ଗତବର୍ଷଠାରୁ ଆରମ୍ଭ ହୋଇଥିବା ଏହି ଓଡ଼ିଆ ପକ୍ଷରେ ଓଡ଼ିଆ ଭାଷା, ସଂସ୍କୃତି, ଗୀତ, ସଙ୍ଗୀତ, ଖାଦ୍ୟପେୟ, ପୋଷାକର ପ୍ରଚାର ପ୍ରସାର କରାଯାଏ। ଚଳିତବର୍ଷ ମଧ୍ୟ ମହାସମାରୋହରେ ଏହା ପାଳିତ ହେଉଛି। ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦେବା ପାଇଁ ସଚିବାଳୟଠାରୁ ବ୍ଲକ ପର୍ଯ୍ୟନ୍ତ ସରକାରୀ ସ୍ତରରେ କେବଳ ଓଡ଼ିଆ ଭାଷାକୁ ବାଧ୍ୟତାମୂଳକ ଭାବେ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି କ୍ରମରେ ଓଡ଼ିଶା ଗଠନ, ଓଡ଼ିଆ ଭାଷା ସଂସ୍କୃତିର ସୁରକ୍ଷା ତଥା ଦେଶର ସ୍ୱାଧୀନତା ଆନ୍ଦୋଳନ ପାଇଁ ତ୍ୟାଗ ସହିଥିବା ଓଡ଼ିଆ ବରପୁତ୍ର ଓ ବରପୁତ୍ରୀମାନଙ୍କ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଗଢ଼ି ତୋଳିବା ଲାଗି 'ବରପୁତ୍ର ଐତିହ୍ୟ ଗ୍ରାମ' ଯୋଜନାର ପରିକଳ୍ପନା କରାଯାଇଛି, ଯାହା ତାଙ୍କ ପ୍ରତି ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

୨୦୩୬ ମସିହାରେ ଓଡ଼ିଶା ପାଳନ କରିବ 'ସ୍ୱତନ୍ତ୍ର ପ୍ରଦେଶ ଗଠନ'ର ଶତବାର୍ଷିକୀ। ତେଣୁ ଓଡ଼ିଶାକୁ ଆଗାମୀ ଏକ ଦଶକ ମଧ୍ୟରେ 'ସମୃଦ୍ଧ ଓଡ଼ିଶା' ଗଠନ କରିବାକୁ ପରିକଳ୍ପନା କରାଯାଇଛି। ଏହି ପରିକଳ୍ପନା ଅନୁସାରେ ଆଗାମୀ ଦଶ ବର୍ଷରେ ଓଡ଼ିଶାକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଡବଲ ଇଞ୍ଜିନ ସରକାରଙ୍କ ଉଦ୍ୟମ ଫଳରେ ଓଡ଼ିଶାରେ ହୋଇଛି ପୂର୍ବୋଦୟ। ପୂର୍ବ ଭାରତର ସବୁଠାରୁ ସମୃଦ୍ଧ ଓ ସଶକ୍ତ ରାଜ୍ୟ ଭାବେ ଉଭା ହେବାକୁ ଯାଉଛି ଓଡ଼ିଶା। ଏହି ସମୟ ସୁଦ୍ଧା ଓଡ଼ିଶା ହେବ ଦେଶର ସବୁଠାରୁ ପାଞ୍ଚଗୋଟି ସମୃଦ୍ଧ ରାଜ୍ୟ ମଧ୍ୟରେ ଅନ୍ୟତମ। ସମସ୍ତଙ୍କ ମିଳିତ ସହଯୋଗରେ ଗଠିତ ହେବ ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ରେ ମାନନୀୟ ମୋଦୀ ଜୀଙ୍କର ପରିକଳ୍ପିତ 'ବିକଶିତ ଭାରତ'। ଓଡ଼ିଶାରେ ସମ୍ବଳର ଅଭାବ ନାହିଁ, ଓଡ଼ିଶାବାସୀଙ୍କ ମଧ୍ୟରେ ସାମର୍ଥ୍ୟ ଓ ପ୍ରତିଭା ଭରପୂର ଅଛି। ଏହି ସାମର୍ଥ୍ୟ ଓ ସମ୍ବଳକୁ ଠିକ୍ ଭାବେ ଉପଯୋଗ କରି ରାଜ୍ୟର ବିକାଶ କରିବା ପାଇଁ ବର୍ତ୍ତମାନ ଅଛି 'ଲୋକଙ୍କ ସରକାର'। ସମସ୍ତଙ୍କ ସହଯୋଗରେ ନିଶ୍ଚିତ ଭାବେ ଗଠନ ହେବ 'ସମୃଦ୍ଧ ଓଡ଼ିଶା' ଏବଂ ଯେତେବେଳେ ୨୦୪୭ରେ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ 'ବିକଶିତ ଭାରତ' ଗଠନ ହେବ, ଓଡ଼ିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

ସମସ୍ତ ଓଡ଼ିଶାବାସୀ ଏବଂ ସମସ୍ତ ପ୍ରବାସୀ ଓଡ଼ିଆଙ୍କୁ 'ଓଡ଼ିଶା ଦିବସ'ର ଅଭିନନ୍ଦନ ଓ ଶୁଭେଚ୍ଛା।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 9 | 4 | |
| 6 | 7 | 8 | 4 | 2 | | | | |
| | | | | 8 | | | | |
| | | 1 | | | | | 6 | |
| 8 | 5 | 4 | | | 1 | | | |
| | | | | | 7 | 8 | | |
| | | | | 3 | | | | 2 |
| 4 | | 2 | | | | | | |
| | | 3 | 5 | 4 | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 1 | 3 | 9 | 2 | 4 | 7 | 8 |
| 4 | 7 | 2 | 8 | 6 | 1 | 9 | 3 | 5 |
| 3 | 9 | 8 | 4 | 5 | 7 | 6 | 1 | 2 |
| 7 | 1 | 9 | 5 | 4 | 6 | 8 | 2 | 3 |
| 2 | 3 | 6 | 7 | 1 | 8 | 5 | 9 | 4 |
| 8 | 4 | 5 | 2 | 3 | 9 | 1 | 6 | 7 |
| 1 | 2 | 7 | 9 | 8 | 5 | 3 | 4 | 6 |
| 9 | 8 | 4 | 6 | 7 | 3 | 2 | 5 | 1 |
| 5 | 6 | 3 | 1 | 2 | 4 | 7 | 8 | 9 |

ଗତକାଲିର ଉତ୍ତର

# ପ୍ରଜାପତି ପ୍ରଭାବ



ଇଂ. ମାୟାଧର ସ୍ୱାଇଁ

ପ୍ରଜାପତି ପ୍ରଭାବ ହେଉଛି ପଦାର୍ଥ ବିଜ୍ଞାନ ଓ ଗଣିତର ଏକ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ। ଏହା ହେଉଛି ଏକ ଅବଧାରଣା ଯେଉଁଥିରେ ଗୋଟିଏ ଜଟିଳ ପ୍ରଣାଳୀରେ କ୍ଷୁଦ୍ର ତଥା ଗୁରୁତ୍ୱ ଜଣାପଡୁ ନ ଥିବା ଏକ କାର୍ଯ୍ୟର ପରିବର୍ତ୍ତନ ଦ୍ୱାରା ଫଳାଫଳରେ ବଡ଼ ପ୍ରଭାବ ପଡ଼ିଥାଏ। ବାସ୍ତବରେ ଏହି ଶବ୍ଦର ଉତ୍ପତ୍ତି ପାଣିପାଗ ବିଜ୍ଞାନରେ ହୋଇଥିଲା। ଯୁକ୍ତରାଷ୍ଟ୍ର ଆମେରିକାର ପାଣିପାଗ ବିଜ୍ଞାନୀ ଏଡ୍‌ୱାର୍ଡ ଲୋରେଞ୍ଜ ୧୯୬୦ ଦଶକରେ ଭବିଷ୍ୟତର ପାଣିପାଗ ନିର୍ଣ୍ଣୟ ପାଇଁ ଗୋଟିଏ ମଡେଲ ପ୍ରସ୍ତୁତ କରୁଥିଲେ। ସେ ଏଥିପାଇଁ ଅନେକ ତଥ୍ୟ ନିବେଶ ଆକାରରେ ନେଇଥିଲେ। ପାଣିପାଗ ମଡେଲ ହେଉଛି ଗୋଟିଏ ଜଟିଳ ପ୍ରକ୍ରିୟା। ସେ ଦେଖିଲେ ଯେ, ନିବେଶଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏର ମୂଲ୍ୟରେ ସାମାନ୍ୟ ପରିବର୍ତ୍ତନ କଲେ ମଧ୍ୟ ମଡେଲର ଫଳାଫଳରେ ବିରାଟ ପରିବର୍ତ୍ତନ ଦେଖାଦେଉଛି। ଉଦାହଣ ସ୍ୱରୂପ, ସେ ଗୋଟିଏ ସମୀକରଣରେ ୦.୫୦୬୧୨୭ ବଦଳରେ ୦.୫୦୬ ନେବାରୁ ମଡେଲ ଗୋଟିଏ ସମ୍ପୂର୍ଣ୍ଣ ପୃଥକ୍ ପାଣିପାଗ ଅବସ୍ଥାର ପୂର୍ବାନୁମାନ ଦେଲା। ଏଥିରୁ ସେ ଏହାର ସାର୍ବଜନୀନକରି ପ୍ରକାଶକଲେ ଯେ, କୌଣସି ଗତିଶୀଳ ପ୍ରକ୍ରିୟାରେ ପ୍ରାରମ୍ଭିକ ଅବସ୍ଥାରେ ସାମାନ୍ୟ ତ୍ରୁଟି ପରେ ଅନେକ ଗୋଳମାଳ କରିପାରେ।

୧୯୭୨ରେ ୱାଶିଂଟନଠାରେ 'ଆମେରିକାନ୍ ଆସୋସିଏସନ ଫର୍ ଦି ଆଡ୍‌ଭାନ୍ସମେଣ୍ଟ ଅଫ୍ ସାଇନ୍ସ'ର ଏକ ଅଧିବେଶନରେ ଲୋରେଞ୍ଜ ଗୋଟିଏ ପ୍ରଶ୍ନ ପଚାରିଥିଲେ, 'ବ୍ରାଜିଲରେ ଗୋଟିଏ ପ୍ରଜାପତି ନିଜର ଡେଣା ହଲାଇଲେ ଟେକ୍ସାସ୍‌ରେ ଟର୍ନାଡୋ ହେବ କି ?' ଏହି ପ୍ରଶ୍ନ ପଚାରି ସେ ଉତ୍ତର ଦେଇଥିଲେ ଯେ, କେତେକ ଜଟିଳ ଗତିଶୀଳ ବ୍ୟବସ୍ଥାର ପ୍ରାରମ୍ଭିକ ଅବସ୍ଥାରେ ସାମାନ୍ୟ ପରିବର୍ତ୍ତନ ଏହାର ଫଳାଫଳରେ ଅବିଶ୍ୱସନୀୟ ବିରାଟ ପରିବର୍ତ୍ତନ ଆଣିବ। ପରେ ଏହା 'ପ୍ରଜାପତି ପ୍ରଭାବ' ନାମରେ ଜଣାଗଲା।

ପ୍ରଜାପତି ପ୍ରଭାବ କେବଳ ବିଜ୍ଞାନ ଓ ଗଣିତରେ ନୁହେଁ, ଆମର ସାମାଜିକ ଓ ରାଜନୈତିକ ଜୀବନରେ ମଧ୍ୟ ଏହା ଦେଖାଦେଇଥାଏ। ଇତିହାସରେ ଏପରି ଅନେକ ଉଦାହରଣ ଅଛି, ଯେଉଁଠି ଛୋଟ ଜଣାପଡୁଥିବା ଘଟଣାଟିଏ ଜାତୀୟ ଓ ଏପରିକି ଅନ୍ତର୍ଜାତୀୟ ସ୍ତରରେ ଅନେକ ବିପର୍ଯ୍ୟୟ ଆଣିଥାଏ। ଗୋଟିଏ ସାଧାରଣ ନିର୍ବାଚନ ସମୟରେ ଏକ ଛୋଟ ଇ–ମେଲ୍‌ର ପ୍ରଘଟ ନିର୍ବାଚନର ଫଳାଫଳରେ ବିରାଟ ପରିବର୍ତ୍ତନ ଆଣିଥିବାର ଉଦାହରଣ ରହିଛି। ସରକାରଙ୍କ କିଛି ଗୋପନୀୟ ଫାଇଲ ଜଣାପଡ଼ି ଦେଶରେ ଆନ୍ଦୋଳନ ଓ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଛି।

ବର୍ତ୍ତମାନ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ବିଶ୍ଳେଷଣକଲେ ଏହା ଭଲ ଭାବରେ ଜଣାପଡ଼େ। ଯୁଦ୍ଧର ପ୍ରଥମ ଦିନରେ ଇସ୍ରାଏଲ ଓ ଆମେରିକାର ଆକ୍ରମଣରେ ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲା ଅଲ୍ଲୀ ଖାମେନେଇଙ୍କ ମୃତ୍ୟୁ ପରେ ଏହାର ପ୍ରତିଫଳନ ସୁଦୂର ପାକିସ୍ତାନ ଓ କଶ୍ମୀରରେ ପଡ଼ିଥିଲା। ପାକିସ୍ତାନର ଅନେକ ସହରରେ ଆମେରିକା ଦୂତାବାସ ପ୍ରତି ଆକ୍ରମଣ ଏବଂ କଶ୍ମୀରରେ ଅନେକ ବ୍ୟକ୍ତିଙ୍କ ଶୋଭାଯାତ୍ରା ହେଉଛି 'ପ୍ରଜାପତି ପ୍ରଭାବ'ର ଏକ ଉଦାହରଣ। ଯୁଦ୍ଧ ଯୋଗୁ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ସମଗ୍ର ପୃଥିବୀକୁ କରାଯାଉଥିବା ପେଟ୍ରୋଲିୟମ ତୈଳ ଓ ପ୍ରାକୃତିକ ଗ୍ୟାସ୍ ରପ୍ତାନିରେ ପ୍ରତିବନ୍ଧକ ପହଞ୍ଚିଛି ଏବଂ ପ୍ରାୟ ବନ୍ଦ ହୋଇଯାଇଛି କହିଲେ ଚଳେ। ଏହାର ପ୍ରଭାବ ସମଗ୍ର ପୃଥିବୀରେ ପଡ଼ିଛି। ଯୁଦ୍ଧ ପୂର୍ବରୁ ପେଟ୍ରୋଲିୟମ ତୈଳର ମୂଲ୍ୟ ୧ ବ୍ୟାରେଲ ପ୍ରତି ୭୦ ଡଲାର ଥିବାବେଳେ ମାର୍ଚ୍ଚ ୪ର୍ଥ ସପ୍ତାହରେ ଏହା ୧୨୦ ଡଲାରରେ ପହଞ୍ଚିଛି। ପ୍ରାୟ ପ୍ରତ୍ୟେକ ଦେଶର ଅର୍ଥନୀତିରେ ଏହାର ପ୍ରଭାବ ପଡ଼ିଛି। ଆମ ଦେଶରେ କେତେଜଣ ଲୋକ ପୁଣି କାଠଚୁଲା ଆଡ଼କୁ ଗଲେଣି। ପୂର୍ବରୁ ନିଷେଧ କରାଯାଇଥିବା କୋଇଲା ଚୁଲାକୁ ପୁଣି ଅନୁମତି ଦିଆଯାଉଛି। ଦେଶର ବିଭିନ୍ନ ଅଞ୍ଚଳରେ ସାଧାରଣ ଜନତା ଏବଂ ବିରୋଧୀ ରାଜନୀତିକ ଦଳ ଖାଲି ଗ୍ୟାସ୍ ସିଲିଣ୍ଡର ଧରି ରାଜରାସ୍ତାକୁ ଓହ୍ଲାଇଛନ୍ତି। ଆଉ କିଛିଦିନ ଯୁଦ୍ଧ ହେଲେ ଆମ ଦେଶ ସମେତ ଅନେକ ଦେଶରେ ଅଶାନ୍ତି ସୃଷ୍ଟିହେବ। ସତେ ଯେପରି ଇରାନ୍‌ରେ ପ୍ରଜାପତି ତା'ର ଡେଣା ହଲାଇ ସମଗ୍ର ପୃଥିବୀର ଅର୍ଥ ବ୍ୟବସ୍ଥାକୁ ଅସ୍ତବ୍ୟସ୍ତ କରିଦେଇଛି।

ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ପ୍ରଜାପତି ପ୍ରଭାବ ଦେଖିବା। ଛାତ୍ରଙ୍କୁ ଶିକ୍ଷକମାନଙ୍କର ଉତ୍ସାହପୂର୍ଣ୍ଣ କେତୋଟି ଶବ୍ଦ ସେମାନଙ୍କର ଭବିଷ୍ୟତରେ ବଡ଼ ପ୍ରଭାବ ପକାଇଥାଏ। ସେହିପରି +୨ ପରୀକ୍ଷା ପରେ ସେମାନଙ୍କର ପରବର୍ତ୍ତୀ ଅଧ୍ୟୟନ ଚୟନ ସେମାନଙ୍କ ଭବିଷ୍ୟତର କ୍ୟାରିୟରକୁ ନିର୍ଦ୍ଧାରଣ କରିଥାଏ। ଜଣେ ଛାତ୍ର ଯଦି ନିଜ ରୁଚି ଅନୁଯାୟୀ ଇଞ୍ଜିନିୟରିଂ ପଢ଼ିବାକୁ ଚାହୁଁଛି, କିନ୍ତୁ ପିତାମାତାଙ୍କ ବାଧ୍ୟବାଧକତାରେ ଡାକ୍ତରୀ ପଢ଼େ, ତାହା ତା'ର ଭବିଷ୍ୟତକୁ ସମ୍ପୂର୍ଣ୍ଣ ରୂପେ ଅଲଗା ରୂପରେ (ଭଲ କିମ୍ବା ଖରାପ) ଗଢ଼ିବ।

ମୋ: ୯୪୩୮୬୯୩୭୨୪

## ଏଇ ଭାରତରେ

ଚଳିତବର୍ଷର ଟାଣ ଖରାକୁ ଲକ୍ଷ୍ୟକରି ଗୁଜରାଟ କଚ୍ଛର ଗ୍ରେଟ ରାଣା (ଯାହା ଥର୍ ମରୁଭୂମି ସନ୍ନିକଟ ଅଞ୍ଚଳ)ରେ ଜଣେ ମହିଳା ପଥଚାରୀଙ୍କୁ ପିଇବା ପାଣି ଦେବା ଆରମ୍ଭ କରିଦେଇଛନ୍ତି। ତାଙ୍କୁ ସେହି ଅଞ୍ଚଳର ଲୋକେ ଶ୍ରଦ୍ଧାରେ ଆମ୍ମା ବୋଲି ଡାକନ୍ତି। ରାସ୍ତାକଡ଼ରେ ବଡ଼ ବଡ଼ ମାଠିଆରେ ପାଣି ଭରି ସେ ତାଙ୍କ ସାନ ପୁଅଙ୍କ ସହ ଠିଆ ହୋଇଥାନ୍ତି। ଆମ୍ମା ଯେଉଁଠି ଠିଆ ହେଉଛନ୍ତି ସେଠାରେ କୌଣସି ସ୍ଥାୟୀ ଘର ନାହିଁ। ବାଉଁଶ ବାନ୍ଧି ପଲିଥିନ ତଳେ ହିଁ ସେ ଲୋକଙ୍କୁ ପାଣି ଦେଉଛନ୍ତି। ତାଙ୍କର ପୁରସ୍କାର ପାଇବା ସକାଶେ ଲୋଭ ନାହିଁ। ଲୋକେ ପାଣି ପିଇସାରିବା ପରେ ସେମାନଙ୍କ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଦେଉଥିବା ଧନ୍ୟବାଦ ତାଙ୍କୁ ଖୁସି ଦେଉଛି ବୋଲି କହନ୍ତି ଆମ୍ମା।

## ୫୦ ବର୍ଷ ତଳର ଧରିତ୍ରୀ

**୧ ଏପ୍ରିଲ ୧୯୭୬**

- ନିଖିଳ ଭାରତ କଂଗ୍ରେସ କମିଟି ସଭ୍ୟପଦରୁ ସଞ୍ଜୟ ଗାନ୍ଧୀଙ୍କ ଇସ୍ତଫା ପ୍ରଦାନ।
- ଭାରତ ଓ ସୋଭିଏତ ରୁଷ ମଧ୍ୟରେ ଜାହାଜ ଚଳାଚଳ ସମ୍ପର୍କରେ ଏକ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ବାସି ଫୁଲ ସମ କେତେ
ଝଡ଼ି ପଡ଼େ ବାସନା
ଚାହିଁ ଚାହିଁ ଆଖିପତା ପୀଡ଼ଇ
ସଂଗୀତ ଆସି କେତେ
ରୋଧେ ପୁଣି କଣ୍ଠ
ସଙ୍କୋଚେ ମନପ୍ରାଣ ବ୍ରୀଡ଼ଇ।
–(ଜୀବନ–ଦୋଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରାପ୍ୟ ଶୀଘ୍ର ମିଳୁ

ମହାଶୟ,
ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ ବକେୟା ପ୍ରାପ୍ୟ ଶୀଘ୍ର ପ୍ରଦାନ କରାଯାଉ। ପାରିବାରିକ ଗୁଜୁରାଣ ମେଣ୍ଟାଇବା ସ୍ୱାଭାବିକ ହେଉନାହିଁ। ଏଥିପ୍ରତି ସରକାର ବିଚାର କରିବା ଆବଶ୍ୟକ। ଭବିଷ୍ୟତରେ ନିୟମିତ ମାସିକ ପ୍ରାପ୍ୟ ମିଳିବାର ବ୍ୟବସ୍ଥା ହେଉ ଯେପରି ଅର୍ଥ ସଙ୍କଟ ଉପୁଜିବ ନାହିଁ। ଅଙ୍ଗନୱାଡି କର୍ମୀମାନେ ଶିଶୁମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ସର୍ବଦା ସଚେତନ ହୋଇ କାର୍ଯ୍ୟ କରନ୍ତି।

–ରମେଶଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ହାଇକୋର୍ଟ ଆଗରେ ଗାଡ଼ି ଜାଳିଦେଲେ: ମହିଳା ଅଟକ

**କଟକ,୩୧।୩(କାର୍ତ୍ତିକ ସାହୁ)**

ହାଇକୋର୍ଟ ଆଗରେ ଜଣେ ମହିଳା ଗାଡ଼ିରେ ନିଆଁ ଲଗାଇ ଦେବା ଫଳରେ ସେଠାରେ ଥିବା ଏକ ସ୍କର୍ପିଓ ଓ ୨ଟି ବାଇକ୍ ସମ୍ପୂର୍ଣ୍ଣ ଜଳିଯାଇଛି। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ହାଇକୋର୍ଟ ଲାଲବାଗ ପାର୍ଶ୍ୱ ଫାଟକ ନିକଟରେ ଏହି ଅଘଟଣ ଘଟିଛି। ସମୟ ପ୍ରାୟ ପୂର୍ବାହ୍ନ ୧୧ଟା ହେବ। ଜନଗହଳିପୂର୍ଣ୍ଣ ହାଇକୋର୍ଟ ଅଞ୍ଚଳରେ ସର୍ବସମ୍ମୁଖରେ ହୁତୁହୁତୁ ହୋଇ ଜଳିଥିଲା ଗାଡ଼ିଗୁଡ଼ିକ। ଦମକଳ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ସବୁ ଗାଡ଼ି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ତେବେ ଏହି ଘଟଣାରେ ଲାଲବାଗ ଥାନା ପୋଲିସ ଜଣେ ମହିଳା ଅଗ୍ନିକାଣ୍ଡର ସୂତ୍ରଧର ବୋଲି ଜାଣିବା ପରେ ତାଙ୍କୁ ଥାନାକୁ ନେଇଆସିଛି। ମହିଳା ଜଣକ ଜଗତ୍‌ସିଂହପୁର ଜିଲା ବିରିଡ଼ି ଅଞ୍ଚଳର ମିନତି ସାହୁ। ପ୍ରାଥମିକ ତଦନ୍ତରୁ ସେ ଜଣେ ମାନସିକ ବିକାରଗ୍ରସ୍ତ ମହିଳା ବୋଲି ଜଣାପଡ଼ିଛି। ସେ ଲାଲବାଗ ଥାନା ଅଞ୍ଚଳରେ ରହୁଥିବା ପୋଲିସ ସ୍ପଷ୍ଟ କରିଛି। ତେବେ ମହିଳାଙ୍କ ସହିତ ସମ୍ପୃକ୍ତ ଥିବା ଜଣେ ଶିଶୁକୁ ପୋଲିସ ଶିଶୁ କଲ୍ୟାଣ ବିଭାଗକୁ ହସ୍ତାନ୍ତର କରିବ ବୋଲି ସୂଚନା ରହିଛି। ସୂଚନାନୁସାରେ, ସବୁଦିନ ପରି ହାଇକୋର୍ଟ କାର୍ଯ୍ୟାରମ୍ଭ କରିବା ମାତ୍ରେ ଚଳଚଞ୍ଚଳ ହୋଇଥିଲା ପାର୍ଶ୍ୱବର୍ତ୍ତୀ ଅଞ୍ଚଳ। ଆସିଥିବା ଲୋକମାନେ ରାସ୍ତା ପାର୍ଶ୍ୱରେ ଗାଡ଼ି ପାର୍କିଂ କରିଥିଲେ। ପୋଲିସ ତଦନ୍ତ ବେଳେ ହାତରେ ପଡ଼ିଥିବା ଭିଡିଓ ଫୁଟେଜରୁ ଜଣାପଡ଼ିଛି ଯେ ମହିଳା ଜଣକ ନିଆଁ ଲଗାଉଛନ୍ତି। ତାଙ୍କ ସହିତ ଏକ ନାବାଳକ ପୁଅ ମଧ୍ୟ ରହିଛି। ପେଟ୍ରୋଲ କିଣି ୫ ବର୍ଷର ନାବାଳକ ପୁଅକୁ ଧରି ସେ ଆସିଥିବା ଜଣାପଡିଛି। ପେଟ୍ରୋଲ କିମ୍ବା ପରେ ସାଥିରେ ଆଣିଥିବା କପଡ଼ାରେ ନିଆଁ ଲଗାଇ ହାଇକୋର୍ଟ ପାଚେରି ଭିତର ପଟକୁ ପକାଇବା ଦୃଶ୍ୟ ଭିଡିଓରେ ରହିଛି। ନିଆଁ ପାଚେରିରେ ବାଜି ଗାଡ଼ି ତଳେ ପଡ଼ି ଯାଇଥିଲା। ପରେ ପାର୍କିଂ କରିଥିବା ଗାଡ଼ିରେ ନିଆଁ ଲାଗିଯାଇଥିଲା। ପୋଲିସ ଏ ସମ୍ପର୍କରେ ମହିଳାଙ୍କୁ ଅଧିକ ପଚରାଉଚରା କରୁଛି। ଅପରପକ୍ଷରେ କାହିଁକି ନିଆଁ ଲଗାଇଲେ ଠିକ ଭାବେ ନ କହିଲେ ମଧ୍ୟ ଭିଡିଓରେ ଅନେକ ସତ ରହିଛି। ହାଇକୋର୍ଟ ଗେଟ ନିକଟରେ ନିଆଁ ଲାଗି ନ ଥିଲା, ବରଂ ଲଗାଯାଇଥିଲା। ମହିଳା ଜଣକ ପ୍ରଧାନମନ୍ତ୍ରୀଙ୍କୁ ଭେଟି ନ ପାରିବା ରାଗରେ ଏହି କାଣ୍ଡ କରିଥିବା ଚର୍ଚ୍ଚା ହେଉଛି।

## ଅବଶିଷ୍ଟାଂଶ

### ଦୁର୍ବଳ କହି ଏସ୍‌ସି...

ବିଶିଷ୍ଟ ବ୍ୟକ୍ତି ସବଳ ଥିଲେ। ସେହି ବିଶିଷ୍ଟ ବ୍ୟକ୍ତି ଏବେ କୁଆଡ଼େ ଦିଲ୍ଲୀ, ଲଣ୍ଡନ ଏବଂ ଟୋକିଓରୁ ରହି ତାଙ୍କ ଦଳ କଥା ବୁଝୁଛନ୍ତି ବୋଲି ସେମାନଙ୍କ ନେତାମାନେ କହିବୁଲୁଛନ୍ତି। ବର୍ତ୍ତମାନ ଓଡ଼ିଶାରେ ଏସ୍‌ସି ଏବଂ ଏସ୍‌ଟିଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୪୦% ହେବ। ତାଙ୍କ ଜାତିର ଯଦି କେହି ମୁଖ୍ୟମନ୍ତ୍ରୀ ହେଉଛନ୍ତି ତାଙ୍କୁ ଦୁର୍ବଳ ବୋଲି କହି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିଙ୍କୁ ଉପହାସ କରିବା କେତେ ଯଥାର୍ଥ ବୋଲି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଶା ବିନିଯୋଗ ବିଲ୍ ଉପରେ ଆଲୋଚନା ହେବାପରେ ଗୃହରେ ବିବୃତି ରଖି ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବିଧାନସଭାକୁ ଏତେଦିନ ଧରି ବିରୋଧୀ ଚଳାଇଦେଲେ ନାହିଁ। ସରକାର ସମସ୍ତ ବିଷୟରେ ଆଲୋଚନା କରିବା ପାଇଁ ସବୁ ସମୟରେ ପ୍ରସ୍ତୁତ ରହିଥିଲେ। ବିରୋଧୀ ଦଳର ସଦସ୍ୟମାନଙ୍କୁ ମଧ୍ୟ ଏତେଦିନ ଭିତରେ ଅନେକ ଥର ଅନୁରୋଧ କରାଯାଇଛି। କିନ୍ତୁ ବିରୋଧୀ ଦଳ ଅସହିଷ୍ଣୁମନୋଭାବ ନେଇ ବିଶୃଙ୍ଖଳା ସୃଷ୍ଟିକରିବାରୁ ଗୃହରେ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଫଳପ୍ରଦ ଆଲୋଚନା ହୋଇପାରିଲା ନାହିଁ। ବିରୋଧୀ ଦଳର ଆଚରଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏସ୍‌ସିବି ଘଟଣା ହେଉ ବା ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି କଥା ସବୁ ବିଷୟରେ ଆଲୋଚନା କରିବାକୁ ରାଜ୍ୟ ସରକାର ପ୍ରସ୍ତୁତ ଥିଲେ। କିନ୍ତୁ ବିରୋଧୀ ଆଲୋଚନାରେ ଅଂଶଗ୍ରହଣ ନ କରି ଗୃହ ବାହାରେ ହୋହଲ୍ଲା, ସ୍ଲୋଗାନ ଏବଂ ବିଭିନ୍ନ ପ୍ରକାର ବିଶୃଙ୍ଖଳିତ ଆଚରଣରେ ମଜିରହିଲେ। ଏହାଦ୍ୱାରା ଜନସାଧାରଣଙ୍କ ଟିକସରୁ ସେମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଯେଉଁ ଗମ୍ଭୀର ଫଳପ୍ରଦ ଆଲୋଚନା ହୋଇପାରିଥାଆନ୍ତା, ତାହା ବରବାଦ ହୋଇଗଲା। ଏମାନେ ଏସ୍‌ସିବି ଘଟଣା କଥା ଯେତିକି ଜୋର୍‌ରେ କହୁଛନ୍ତି ସେମାନେ ମନେପକାଇବା ଦରକାର ଯେତେବେଳେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା କରାଗଲା ସେତେବେଳେ ଏମାନଙ୍କ ନୈତିକତା କ'ଣ ଚୁଲିକୁ ଯାଇଥିଲା। ଏସ୍‌ସିବି ଘଟଣାରେ ଏମାନଙ୍କ ଆଖିରେ ଲୁହ ନ ଥାଇ ଛଳନା କରୁଛନ୍ତି। ଏଭଳି ଛଳନାକୁ ସେ ପସନ୍ଦ କରନ୍ତି ନାହିଁ। ସେହି ଘଟଣାରେ ବିଚାରବିଭାଗୀୟ ତଦନ୍ତ ଆରମ୍ଭ ହୋଇସାରିଛି। ତଥ୍ୟ ଆସିବା ଯାଏଁ ଅପେକ୍ଷା କରିବାରେ ଅସୁବିଧା କେଉଁଠି ରହିଛି। ଏମାନେ ଏସବୁ କଥାକୁ ନେଇ ଯେଉଁ ଦୁର୍ବଳ ମୁଖ୍ୟମନ୍ତ୍ରୀର ସଂଜ୍ଞା ନିରୂପଣ କରିଛନ୍ତି ସେମାନେ ଜାଣିବା ଦରକାର, କେଉଁ ମୁଖ୍ୟମନ୍ତ୍ରୀ ଦୁର୍ବଳ ଥିଲେ ତା'ର ଉତ୍ତର ଜନସାଧାରଣ ନୂଆପଡ଼ା ଉପନିର୍ବାଚନ ଏବଂ ରାଜ୍ୟ ସଭା ନିର୍ବାଚନରେ ଦେଇସାରିଛନ୍ତି। ୨୦୨୪ରେ ମଧ୍ୟ ତା'ର ଉତ୍ତର ଲୋକମାନେ ଦେଇଥିଲେ। ରାଜ୍ୟବାସୀଙ୍କୁ ଭ୍ରମିତ କରିବାକୁ କେବଳ ବିରୋଧୀ ନାଟକୀୟ ଢଙ୍ଗରେ ବିରୋଧ କରୁଛନ୍ତି। ଏବେ ବିଜେଡି ଏବଂ କଂଗ୍ରେସ ୨ ଭାଇ ଭଳି କାନ୍ଧରେ କାନ୍ଧ ମିଶାଇ ବିରୋଧ କରୁଛନ୍ତି। ଲୋୟର ପିଏମ୍‌ଜିରେ ୨ ଦଳ ଭାଇ ଭଳି ସୋମବାର ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ଗଣତନ୍ତ୍ରରେ ବିଜେଡି ଓ କଂଗ୍ରେସ ଏକାଠିହେବା ଶୁଭ ସୂଚନା କୁହାଯିବ। ମାତ୍ର ଦୁଇ ଦଳ ଏକାଠି ହେବା ପୂର୍ବରୁ ନିଜର ବିଧାୟିକା ଏବଂ ବିଧାୟକମାନଙ୍କୁ ବିଶ୍ୱାସକୁ ନେଇଥିଲେ ଏତେଜଣ ତାଙ୍କ ଦଳ ଛାଡ଼ି ନ ଥାଆନ୍ତେ। ୧୧ ଜଣ ସଦସ୍ୟା ଏବଂ ସଦସ୍ୟଙ୍କ ମନକୁ ବିଜେଡି ଏବଂ କଂଗ୍ରେସ ନେଇପାରିଲେ ନାହିଁ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, କେତେଜଣ ବିରୋଧୀ ଦଳର ବିଧାୟକ ରାଜ୍ୟର ଋଣ ଭାର କଥା କହୁଥିଲେ। ସେମାନେ ଜାଣିବା ଦରକାର ୨୦୨୬ ଫେବୃଆରୀ ଶେଷ ସୁଦ୍ଧା ରାଜ୍ୟର ସମୁଦାୟ ଋଣ ଭାର ୧ ଲକ୍ଷ ୨୫ ହଜାର ୯୫୧ କୋଟି ଟଙ୍କା ରହିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ବଜେଟରେ ରାଜ୍ୟ ସରକାର ୪୬,୪୦୦ କୋଟି ଟଙ୍କାର ଋଣ କରିବାର ପ୍ରାବଧାନ ରଖିଥିଲେ। ମାତ୍ର ଅର୍ଥର ସୁବିନିଯୋଗ ଦ୍ୱାରା ଏହି ଅବଧି ମଧ୍ୟରେ ଫେବୃଆରୀ ଶେଷ ସୁଦ୍ଧା କେବଳ ୨୩ ହଜାର ୫ କୋଟି ଟଙ୍କାର ଋଣ ଆହରଣ କରିଛୁ। ୧୭,୭୪୬ କୋଟି ଟଙ୍କାର ଋଣ ପରିଶୋଧ ମଧ୍ୟ କରିଛୁ। କେତେଜଣ ମାନ୍ୟବର ମୁଣ୍ଡ ପିଛା ଋଣ କଥା କହି ଚିନ୍ତା ପ୍ରକଟ କରିଛନ୍ତି। ଯାହା ଋଣ କରାଯାଇଛି ସବୁ ନିୟମ ଭିତରେ ରହିଛି। ତେଣୁ ଗୃହରେ କେହି ଋଣ ହାରର ପୋଷଣୀୟତା ବାବଦକୁ ସନ୍ଦେହ ପ୍ରକାଶ କରିବାର ଆବଶ୍ୟକତା ନାହିଁ। ବର୍ତ୍ତମାନ ସମଗ୍ର ମଧ୍ୟପ୍ରାଚ୍ୟ ଗତ ୧ ମାସ ହେଲା ଗୋଟିଏ ସଂଘର୍ଷମୟ ପରିସ୍ଥିତି ଦେଇ ଗତି କରୁଛି, ଯାହାର ସିଧାସଳଖ ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡୁଛି। ବର୍ତ୍ତମାନ ଭାରତ ଏକମାତ୍ର ଦେଶ ଯିଏ ଏକ୍ସାଇଜ ଡ୍ୟୁଟି ଛାଡ଼ କରିଛି। ଦରଦାମ ନିୟନ୍ତ୍ରଣରେ ରହିଛି। ଗ୍ୟାସ୍ ଗଚ୍ଛିତ ଅଛି। ଏଭଳି ପରିସ୍ଥିତିରେ କଳାବଜାରକାରୀ ଏବଂ ଅସାଧୁ ବେପାରୀଙ୍କ ଉପରେ ନଜର ରଖାଯାଇଛି। ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରିବାକୁ ଚାହେଁ, ରାଜ୍ୟରେ ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ୍ ଗଚ୍ଛିତ ରହିଛି। ଅଯଥାରେ କେହି ଭୟଭୀତ ନ ହେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଶେଷରେ ଗୃହରେ ୨୦୨୬-୨୭ ଆର୍ଥିକ ବର୍ଷର ବ୍ୟୟ ମଞ୍ଜୁର ବିଧେୟକଙ୍କୁ ମଞ୍ଜୁରୀ ମିଳିଛି।









ଟ୍ରାନ୍ସଜେଣ୍ଡର ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହୋଇଥିବାରୁ ଏହାର ପ୍ରତିବାଦରେ ଏଲ୍‌ଜିବିଟିକ୍ୟୁଆଇଏ+ ସମ୍ପ୍ରଦାୟର ସମର୍ଥକମାନେ ମଙ୍ଗଳବାର ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ବିକ୍ଷୋଭ କରୁଛନ୍ତି।

# ସମୟସୀମା ଶେଷ ପୂର୍ବରୁ ୩୫ ମାଓବାଦୀଙ୍କ ଆତ୍ମସମର୍ପଣ

**ରାୟପୁର,୩୧।୩**

ଭାରତକୁ ମାଓବାଦୀ ମୁକ୍ତ କରିବା ଲାଗି କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ସମୟସୀମା ଶେଷ ହେବାର କିଛି ଘଣ୍ଟା ପୂର୍ବରୁ ମଙ୍ଗଳବାର ଛତିଶଗଡ଼ ବସ୍ତର ଅଞ୍ଚଳର ୫ ଜିଲାରୁ ମୋଟ ୩୫ ଜଣ ମାଓବାଦୀ ସୁରକ୍ଷା ବଳ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ୧୨ ମହିଳାଙ୍କ ସମେତ ୨୫ ଜଣ କ୍ୟାଡର ମାଓବାଦୀ ବିଜାପୁର ଜିଲାରେ ଆତ୍ମସମର୍ପଣ କରିଥିବା ବସ୍ତର ରେଞ୍ଜ ପୋଲିସ ଆଇଜି ସୁନ୍ଦରରାଜ ପଟ୍ଟଲିଙ୍ଗମ୍ କହିଛନ୍ତି। ସେମାନଙ୍କୁ ଧରାଇଦେଲେ ୧.୪୭ କୋଟି ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ପୂର୍ବରୁ ଘୋଷଣା ହୋଇଥିଲା। ଉକ୍ତ ଜିଲାରେ ଥିବା ମାଓବାଦୀଙ୍କ ଆଡ୍ଡାସ୍ଥଳୀରୁ ଗତ କିଛିଦିନ ମଧ୍ୟରେ ୯୩ଟି ଅସ୍ତ୍ର, ନଗଦ ୨.୯୦ କୋଟି ଟଙ୍କା ଏବଂ ୧୧.୬୦ କୋଟି ଟଙ୍କା ମୂଲ୍ୟର ୭.୨୦ କେ.ଜି ସୁନା ଜବତ ହୋଇଥିଲା। ଦେଶର ମାଓବାଦୀ ନିରୋଧୀ ଅଭିଯାନ ଇତିହାସରେ ଏହା ସର୍ବାଧିକ ମୂଲ୍ୟର ସାମଗ୍ରୀ ଜବତ ବୋଲି ଜଣେ ବରିଷ୍ଠ ଅଫିସର କହିଛନ୍ତି। ଚଳିତ ମାସ ଆରମ୍ଭରେ ମାଓବାଦୀଙ୍କ କ୍ୟାମ୍ପରୁ ୧.୬୪ କୋଟି ଟଙ୍କା ମୂଲ୍ୟର ୧ କେଜି ସୁନା ଏବଂ ନଗଦ ୩.୭୩ କୋଟି ଟଙ୍କା ଜବତ ହୋଇଥିଲା। ଜବତ ଅସ୍ତ୍ର ମଧ୍ୟରେ ୪ଟି ଏକେ-୪୭ ରାଇଫଲ, ୯ଟି ଏସ୍‌ଏଲ୍‌ଆର୍ ରାଇଫଲ, ଗୋଟିଏ ଇନ୍‌ସାସ୍ ଏଲ୍‌ଏମ୍‌ଜି ଆଦି ରହିଛି।

# ସମୁଦ୍ରରେ ବୋଟ୍ ବୁଡ଼ି ୨୭ ନିଖୋଜ

**ପାଲୁ,୩୧।୩**

ଇଣ୍ଡୋନେସିଆ ଉପକୂଳର ଅଶାନ୍ତ ସମୁଦ୍ରରେ ଏକ ବୋଟ୍ ବୁଡ଼ିଯିବାରୁ ୨୭ ଜଣ ନିଖୋଜ ହୋଇଯାଇଛନ୍ତି। ସେମାନଙ୍କ ଉଦ୍ଧାର ପାଇଁ ରେସ୍କ୍ୟୁ ଟିମ୍‌କୁ ସାମିଲ କରାଯାଇଛି। ରବିବାର ସନ୍ଧ୍ୟାରେ ଯାତ୍ରୀବାହୀ ବୋଟ୍‌ଟି ନର୍ଥ ମାଲୁକୁ ପ୍ରଦେଶର ତାଲିଆବୁ ବନ୍ଦରରୁ ଛାଡ଼ି ଉତ୍ତର ସୁଲାୱେସୀ ପ୍ରଦେଶର କେବା ଅଭିମୁଖେ ଯାଉଥିଲା। ତାଲିଆବୁ ଦ୍ୱୀପ ଉତ୍ତରଭାଗ ସମୁଦ୍ରରେ ବୋଟ୍‌ଟି ବୁଡ଼ିଯାଇଥିବା ରେସ୍କ୍ୟୁ ଅପରେଶନ ମୁଖ୍ୟ ମହମ୍ମଦ ରିଜାଲ କହିଛନ୍ତି। ଖରାପ ପାଗ ଯୋଗୁ ଉତ୍ତାଳ ତରଙ୍ଗରେ ବୋଟ୍‌ର ମଙ୍ଗ ଭାଙ୍ଗିଯିବାରୁ ଏହା ବୁଡ଼ିଗଲା ବୋଲି ଏହାର କ୍ୟାପ୍‌ଟେନ୍ ଜଣାଇଛନ୍ତି। ଏକ ବଡ଼ ବୋଟ୍ ସହାୟତାରେ ଯାତ୍ରୀମାନଙ୍କୁ ବାହାର କରାଯାଇଥିବା କୁହାଯାଉଥିଲେ ମଧ୍ୟ ସେମାନେ ଏବେ କେଉଁଠି ଜଣାପଡ଼ିନାହିଁ।

## ଆମେରିକା ପାଇଁ ଏୟାରବେସ୍ ବନ୍ଦକଲା ଇଟାଲୀ

**ରୋମ୍,୩୧।୩**

ସ୍ପେନ୍ ପରେ ଅନ୍ୟତମ ନାଟୋ ସହଯୋଗୀ ରାଷ୍ଟ୍ର ଇଟାଲୀ ଏହାର ଏୟାର ବେସ୍‌କୁ ଆମେରିକା ଯୁଦ୍ଧବିମାନର ବ୍ୟବହାର ପାଇଁ ଅନୁମତି ଦେବାକୁ ମନା କରିଦେଇଛି। ଇରାନ ବିରୋଧୀ ଯୁଦ୍ଧରେ ଇଟାଲୀର ସିସିଲିରେ ଥିବା ଏୟରବେସ୍‌କୁ ଆମେରିକା ବ୍ୟବହାର କରିପାରିବ ନାହିଁ। ଇରାନ ଯୁଦ୍ଧରେ ସାମରିକ ଭାବେ ସାମିଲ ହେବାକୁ ୟୁରୋପୀୟ ସଂଘ ରାଷ୍ଟ୍ରଗୁଡ଼ିକ ଏପର୍ଯ୍ୟନ୍ତ ଆଗ୍ରହ ଦେଖାଇ ନ ଥିବାରୁ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ଚିନ୍ତା ବଢ଼ିଚାଲିଛି।

## ସ୍ୱାମୀଙ୍କ ଆତ୍ମହତ୍ୟା ପରେ ୧୭ ମହଲାରୁ ଡେଇଁ ଜୀବନ ହାରିଲେ ସ୍ତ୍ରୀ

**ଚେନ୍ନାଇ,୩୧।୩(ପି.ଟି.)**

ତେଲଙ୍ଗାନାର ଏକ ଯୁବ ଇଞ୍ଜିନିୟର ଦମ୍ପତି ସେମାନଙ୍କ ବେଙ୍ଗାଲୁରୁ ଘରେ ଆତ୍ମହତ୍ୟା କରିଛନ୍ତି। ତେଲଙ୍ଗାନା ସିଦ୍ଦିପେଟ୍ ଅଞ୍ଚଳର ସଫ୍ଟୱେର ଇଞ୍ଜିନିୟର ଭାନୁ ଚନ୍ଦ୍ର ରେଡ୍ଡୀ ଖୁଣ୍ଟା(୩୨) ସୋମବାର ନିଜ ଆପାର୍ଟମେଣ୍ଟ ପ୍ରକୋଷ୍ଠରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଆଇବିଏମ୍ କମ୍ପାନୀରେ କାମ କରୁଥିବା ତାଙ୍କ ସ୍ତ୍ରୀ ବିବି ଶାଜିୟା ସିରାଜ(୩୧) ଘରେ ପହଞ୍ଚି ଡୋର ଭିତର ପଟୁ ବନ୍ଦ ଥିବା ଦେଖିଥିଲେ। ଘରୁ କୌଣସି ଜବାବ ନ ମିଳିବାରୁ ସେ ସୁରକ୍ଷା କର୍ମୀ ଓ ପଡ଼ୋଶୀଙ୍କୁ ଜଣାଇଥିଲେ। ପଡ଼ୋଶୀମାନେ କବାଟ ଖୋଲିବା ପରେ ଭାନୁ ଆତ୍ମହତ୍ୟା କରିଥିବା ଦେଖାଯାଇଥିଲା। ଏହାର କିଛି ମିନିଟ୍ ପରେ ଶାଜିୟା ଉକ୍ତ ଆପାର୍ଟମେଣ୍ଟର ୧୭ତମ ମହଲାରୁ ଡେଇଁ ପ୍ରାଣ ହରାଇଥିଲେ। ପରିବାର ସଦସ୍ୟଙ୍କ ଅଭିଯୋଗକ୍ରମେ ୨ଟି ଅସ୍ୱାଭାବିକ ମୃତ୍ୟୁ ମାମଲା ଦାଏର ହୋଇଛି। ତେବେ କ'ଣ ପାଇଁ ସେମାନେ ଆତ୍ମହତ୍ୟା କଲେ, ତାହାର ତଦନ୍ତ ଜାରି ରହିଛି।

## ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ: ବିଜୟଙ୍କ ବିରୋଧରେ ମାମଲା

**ଚେନ୍ନାଇ,୩୧।୩(ପି.ଟି.)**

ଟିଭିକେ ନେତା ବିଜୟଙ୍କ ଚେନ୍ନାଇ ରାଲି ବେଳେ ନିର୍ବାଚନ ଆଚରଣ ବିଧି ଏବଂ ଟ୍ରାଫିକ୍ ନିୟମ ଉଲ୍ଲଂଘନ ହୋଇଥିବା ଅଭିଯୋଗରେ ତାଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ସୋମବାର ବିଜୟ ନାମାଙ୍କନପତ୍ର ଦାଖଲ କରିବା ପରେ ପେରାମ୍ବୁରରୁ ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲେ। ଉତ୍ତର ଚେନ୍ନାଇରେ ସେ କେତେକ ରାଲି କରିଥିଲେ, ଯେଉଁଥିରେ ବହୁସଂଖ୍ୟାରେ ଜନସମାଗମ ହୋଇଥିଲା। କୋଲାଥୁର ନିର୍ବାଚନମଣ୍ଡଳୀ ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍‌ର ଜଣେ ଅଫିସରଙ୍କ ଅଭିଯୋଗ ଆଧାରରେ ବିଜୟଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

# ହର୍ମୁଜ୍‌ରେ ନିଜ ସୁରକ୍ଷା ନିଜେ କର

## ଅନ୍ୟ ରାଷ୍ଟ୍ରଙ୍କ ଅସହଯୋଗକୁ ନେଇ ଟ୍ରମ୍ପ କ୍ଷୁବ୍ଧ


ଡୋନାଲ୍ଡ ଟ୍ରମ୍ପ

**ୱାଶିଂଟନ୍, ୩୧।୩**

ଇରାନ୍ ଉପକୂଳସ୍ଥିତ ହର୍ମୁଜ୍ ଷ୍ଟ୍ରେଟ୍ ଏବେ ବୈଶ୍ୱିକ ସ୍ତରରେ ସବୁଠୁ ବଡ଼ ଚିନ୍ତା ପାଲଟିଛି। ଏନର୍ଜ କରିଡର ଭାବେ ପରିଚିତ ଏହି ସାମୁଦ୍ରିକ ପଥରେ ଇରାନ୍ ପ୍ରତିବନ୍ଧକ ଲଗାଇଥିବାରୁ ଉପସାଗରୀୟ ଦେଶଗୁଡ଼ିକରୁ ତୈଳ ଓ ଗ୍ୟାସ୍ ପରିବହନ ବାଧାପ୍ରାପ୍ତ ହୋଇଛି। ଏହା ଯୋଗୁ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବୃଦ୍ଧି ପାଇ ଚାଲିଥିଲାବେଳେ ବୈଶ୍ୱିକ ଅର୍ଥନୀତି ପାଇଁ ସଙ୍କଟ ଆଣିଛି। ସେପଟେ ମାତ୍ର କିଛି ଦିନ ମଧ୍ୟରେ ଇରାନ୍ ଅପରେଶନ ଶେଷ କରିବାକୁ ଚିନ୍ତା କରିଥିବା ଆମେରିକା ଓ ଇସ୍ରାଏଲ ୪ ସପ୍ତାହରୁ ଅଧିକ ସମୟ ଧରି ଯୁଦ୍ଧରେ ଲିପ୍ତ ହୋଇଥିଲେ ମଧ୍ୟ ହର୍ମୁଜ୍ ଷ୍ଟ୍ରେଟ୍ ସ୍ୱାଭାବିକ ହୋଇପାରି ନାହିଁ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍‌କୁ ଦୁଇ ଦୁଇ ଥର ଚେତାବନୀ ଦେଇଥିଲେ ମଧ୍ୟ ଇରାନ୍ ଏହାକୁ ଖାତିର କରିନାହିଁ।

ହର୍ମୁଜ୍‌କୁ ମୁକ୍ତ କରିବା ଲାଗି ଟ୍ରମ୍ପ ଅନ୍ୟ ରାଷ୍ଟ୍ରଙ୍କ ସହଯୋଗ ଲୋଡିଥିଲେ ହେଁ କାହାଠାରୁ ସହଯୋଗ ନ ପାଇବାରୁ କ୍ଷୁବ୍ଧ ହେବା ସହ ମଙ୍ଗଳବାର କଡ଼ା ଟିପ୍ପଣୀ ଦେଇଛନ୍ତି। ବର୍ତ୍ତମାନ ଅନ୍ତର୍ଜାତୀୟ ସ୍ତରରେ ଜେଟ୍ ଫ୍ୟୁଏଲ୍(ବିମାନ ଇନ୍ଧନ)ର ଘୋର ଅଭାବ ଦେଖାଯାଇଥିବାରୁ ଅନ୍ୟ ରାଷ୍ଟ୍ର ଏହାକୁ ଆମେରିକାରୁ କିଣନ୍ତୁ, ନ ହେଲେ ହର୍ମୁଜ୍‌ରେ ନିଜ ସୁରକ୍ଷା ନିଜେ ବୁଝି ଉପସାଗରୀୟ ଦେଶରୁ ତୈଳ ଆଣନ୍ତୁ ବୋଲି ଟ୍ରମ୍ପ କହିଛନ୍ତି। ଏପରିକି ହର୍ମୁଜ୍ ସମସ୍ୟାର ସମାଧାନ ନ ହେଲେ ମଧ୍ୟ ଇରାନ୍ ବିରୋଧରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିଦେବାକୁ ଟ୍ରମ୍ପ ଧମକ ଦେଇଛନ୍ତି। ହର୍ମୁଜ୍ ଉପରେ ଗୁରୁତ୍ୱ ନ ଦେଇ ଇରାନ୍‌ର ଆଣବିକ ଓ ସାମରିକ ଭିତ୍ତିଭୂମିକୁ ନଷ୍ଟ କରିବା ଲାଗି ରହିଥିବା ଆମେରିକାର ମୂଳଲକ୍ଷ୍ୟ ସାଧନ ଦିଗରେ କାର୍ଯ୍ୟ କରିବାକୁ ଟ୍ରମ୍ପ ଗୁରୁତ୍ୱ ଦେବେ ବୋଲି ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶ ପାଇଥିବା ରିପୋର୍ଟରୁ ଜଣାପଡ଼ିଛି। ଏହି କ୍ରମରେ ବିଶେଷକରି ବ୍ରିଟେନକୁ ଟାର୍ଗେଟ କରି ଟ୍ରମ୍ପ ସୋସିଆଲ ମିଡିଆ ଟ୍ରୁଥ୍‌ରେ ଉଲ୍ଲେଖ କରି କହିଛନ୍ତି, ଯେଉଁ ରାଷ୍ଟ୍ର ହର୍ମୁଜ୍ ସମସ୍ୟା ସମାଧାନ ପାଇଁ ଆମେରିକାକୁ ସହଯୋଗ କରିନାହାନ୍ତି, ସେମାନେ ଉପସାଗରୀୟ ଦେଶରୁ କିଭଳି ତୈଳ ଆଣିବେ ତାହା ନିଜେ ଚିନ୍ତା କରନ୍ତୁ। ନିଜେ ଲଢ଼େଇ କରି ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ତୈଳ ଆଣିବା ଶିଖନ୍ତୁ । ଏଦିଗରେ ଆମେରିକା ଆଉ କାହାରିକୁ ସାହାଯ୍ୟ କରିବ ନାହିଁ। ଏହା ନ କରିପାରିଲେ ଆମେରିକାରୁ ତୈଳ କିଣିବାକୁ ପ୍ରସ୍ତୁତ ହୁଅନ୍ତୁ। ଉଲ୍ଲେଖଯୋଗ୍ୟ, ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ବିଶ୍ୱର ୨୦ ପ୍ରତିଶତ ତୈଳ ପରିବହନ ହୋଇଥିଲାବେଳେ ଏବେ କେତେକ ନିର୍ଦ୍ଦିଷ୍ଟ ଦେଶର ଜାହାଜକୁ ବାଦ୍ ଦେଲେ ଅନ୍ୟ ରାଷ୍ଟ୍ର ଏହି ପଥ ଦେଇ ତୈଳ ପରିବହନ କରିପାରୁନାହାନ୍ତି। ବିଶେଷକରି ଆମେରିକା ଓ ଇସ୍ରାଏଲ ସମେତ ଆମେରିକାର ସହଯୋଗୀ ରାଷ୍ଟ୍ରଙ୍କ ପାଇଁ ଇରାନ୍ ଏହି ପଥ ଦେଇ ତୈଳ ପରିବହନ ବନ୍ଦ କରିଦେଇଛି। ଏଣିକି ପ୍ରତି ଜାହାଜ ଉପରେ ଶୁଳ୍କ ଆଦାୟ କରିବାକୁ ମଧ୍ୟ ଇରାନ୍ ଧମକ ଦେଇଛି।

## କୁଏଟ୍ ଜାହାଜ ଉପରେ ଇରାନ୍‌ର ଆକ୍ରମଣ


ଇରାନ୍ କ୍ଷେପଣାସ୍ତ୍ର ମାଡ଼ରେ କୁଏଟ୍‌ର କ୍ଷତିଗ୍ରସ୍ତ ତୈଳବାହୀ ଜାହାଜ।

**ତେହରାନ୍ , ୩୧।୩**

ହର୍ମୁଜ୍ ଷ୍ଟ୍ରେଟ୍ ନ ଖୋଲିଲେ ଇରାନ୍‌ର ପାୱାର ପ୍ଲାଣ୍ଟଗୁଡ଼ିକୁ ଧ୍ୱଂସ କରିଦିଆଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଧମକ ଦେଇଥିଲେ। ଏହାପରେ ଯୁଦ୍ଧ ବୁଝାମଣା ନ କଲେ

**ପାୱାର ପ୍ଲାଣ୍ଟ ଧ୍ୱଂସ କରିବାକୁ ଧମକ ଦେଇଥିଲେ ଟ୍ରମ୍ପ**

ଆଗାମୀ ଦିନରେ ଇରାନ୍ ବିରୋଧରେ ନିର୍ଣ୍ଣାୟକ ଯୁଦ୍ଧ ହେବ ବୋଲି ମଙ୍ଗଳବାର ଆମେରିକା ପ୍ରତିରକ୍ଷା ସଚିବ ପେଟେ ହେଗ୍‌ସେଥ୍ ପୁଣି ଧମକ ଦେବାର କିଛି ଘଣ୍ଟା ପରେ ଇରାନ୍ କୁଏଟ୍‌ରେ ଏକ ତୈଳବାହୀ ଜାହାଜ ଉପରେ ଆକ୍ରମଣ କରିଛି। ଆମେରିକା ଧମକକୁ ଖାତିର ନ କରି ଆଇଆର୍‌ଜିସି ପକ୍ଷରୁ ଦୁବାଇ ଉପକୂଳ ନିକଟରେ ଏହି ଜାହାଜ ଉପରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି।

## ପ୍ରତି ଜାହାଜରୁ ଶୁଳ୍କ ଆଦାୟ କରିବ ଇରାନ୍

**ତେହରାନ୍ , ୩୧।୩**

ଇରାନ୍-ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ହର୍ମୁଜ୍ ଷ୍ଟ୍ରେଟ୍ ସବୁଠୁ ଚର୍ଚ୍ଚାରେ ରହିଥିବାବେଳେ ଏବେ ଏହି ପଥ ଦେଇ ଯାଉଥିବା ପ୍ରତ୍ୟେକ ଜାହାଜ ଉପରୁ ଶୁଳ୍କ ଆଦାୟ କରିବାକୁ ଇରାନ୍ ନିଷ୍ପତ୍ତି ନେଇଛି। ଏଥିନେଇ ଇରାନ୍ ସରକାର ଆଣିଥିବା ପ୍ରସ୍ତାବକୁ ମଙ୍ଗଳବାର ସଂସଦୀୟ ସୁରକ୍ଷା କମିଟି ଅନୁମୋଦନ ଦେଇଛି। ଏହାବ୍ୟତୀତ ଆମେରିକା ଏବଂ ଇସ୍ରାଏଲର କୌଣସି ଜାହାଜକୁ ଏହି ବାଟ ଦେଇ ଯିବାକୁ ଦିଆଯିବ ନାହିଁ ବୋଲି ଇରାନ୍ ସ୍ପଷ୍ଟ କରିଛି। ସେହିପରି ଯେଉଁସବୁ ଦେଶ ଇରାନ୍ ବିରୋଧରେ ଆର୍ଥିକ କଟକଣା ଲାଗୁ କରିବାରେ ସଂଶ୍ଳିଷ୍ଟ ଥିଲେ ସେସବୁ ଦେଶର ଜାହାଜକୁ ମଧ୍ୟ ଏହି ପଥ ଦେଇ ଯିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଇରାନ୍ କହିଛି।

## ଚଞ୍ଚଲ କୁମାର ସୂଚନା ପ୍ରସାରଣ ସଚିବ

**ବୀର ବିକ୍ରମ ଯାଦବ ହେଲେ ଡିଜିସିଏ ମୁଖ୍ୟ**


ଚଞ୍ଚଲ କୁମାର

**ନୂଆଦିଲ୍ଲୀ,୩୧।୩**

ବରିଷ୍ଠ ଆଇଏଏସ୍ ଅଫିସର ଚଞ୍ଚଲ କୁମାରଙ୍କୁ ସୂଚନା ପ୍ରସାରଣ ବିଭାଗ ସଚିବ ନିଯୁକ୍ତ କରାଯାଇଛି। ୧୯୯୨ ବ୍ୟାଚ୍‌ର ବିହାର କ୍ୟାଡର ଅଫିସର କୁମାର ଏବେ ଉତ୍ତରପୂର୍ବାଞ୍ଚଳ ବିକାଶ ମନ୍ତ୍ରଣାଳୟ ସଚିବ ରହିଛନ୍ତି। ଖଣି ମନ୍ତ୍ରଣାଳୟ ଅତିରିକ୍ତ ସଚିବ ଥିବା ସଞ୍ଜୟ ଲୋହିୟାଙ୍କୁ ଅର୍ଥ ମନ୍ତ୍ରଣାଳୟ ଆର୍ଥିକ ସେବା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ୍ କମିଟି ସେମାନଙ୍କ ନିଯୁକ୍ତି ପ୍ରସ୍ତାବକୁ ଅନୁମୋଦନ କରିଛି।

ସେହିପରି ଓଡ଼ିଶା କ୍ୟାଡରର ୧୯୯୬ ବ୍ୟାଚ୍ ଆଇଏଏସ୍ ଅଫିସର ବୀରବିକ୍ରମ ଯାଦବଙ୍କୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ମୁଖ୍ୟ ଭାବେ ମଙ୍ଗଳବାର ନିଯୁକ୍ତି ପ୍ରଦାନ କରାଯାଇଛି। ଯାଦବ ଏବେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ରହିଛନ୍ତି। ବର୍ତ୍ତମାନ ଡିଜିସିଏ ମୁଖ୍ୟ ଥିବା ଫୈଜ ଅହମଦ କିଦ୍‌ୱାଇଙ୍କ ସ୍ଥାନରେ ଯାଦବ ଦାୟିତ୍ୱ ଗ୍ରହଣ କରିବେ। କିଦ୍‌ୱାଇଙ୍କୁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ଅତିରିକ୍ତ ସଚିବ ନିଯୁକ୍ତ କରଯାଇଛି।

# ଏବର୍ଷ ଅଧିକ ଦିନ ଗ୍ରୀଷ୍ମପ୍ରବାହ




**ନୂଆଦିଲ୍ଲୀ,୩୧।୩(ପି.ଟି.)**

ଚଳିତ ବର୍ଷ ଏପ୍ରିଲରୁ ଜୁନ୍ ମଧ୍ୟରେ ଭାରତର ପୂର୍ବ, କେନ୍ଦ୍ରୀୟ ଏବଂ ଉତ୍ତର-ପଶ୍ଚିମାଞ୍ଚଳ ସମେତ ଦକ୍ଷିଣପୂର୍ବ ଭାଗର କେତେକ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ଦିନ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏହାର ମାସିକ ପୂର୍ବାନୁମାନରେ ଉଲ୍ଲେଖ କରିଛି। ଉପରୋକ୍ତ ମାସଗୁଡ଼ିକରେ ଦେଶର ଅଧିକାଂଶ ଭାଗରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକ କିମ୍ବା ଏହାଠାରୁ କମ୍ ରହିବ। ତେବେ ପୂର୍ବ ଏବଂ ଉତ୍ତରପୂର୍ବ ଭାରତର ଅଧିକାଂଶ ଅଞ୍ଚଳ, କେନ୍ଦ୍ରୀୟ ଭାରତର ପୂର୍ବ ଭାଗ ଏବଂ ଉପଦ୍ୱୀପ ଅଞ୍ଚଳରେ ସ୍ୱାଭାବିକ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ ବୋଲି ଆଶା କରାଯାଉଛି।

ଏପ୍ରିଲ, ମେ' ଓ ଜୁନ୍‌ରେ ମହାରାଷ୍ଟ୍ର, ତେଲଙ୍ଗାନାର କେତେକ ଅଞ୍ଚଳକୁ ବାଦ୍ ଦେଲେ ଅଧିକାଂଶ ଭାଗରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ ବୋଲି ଆଇଏମ୍‌ଡି କହିଛି। ତେବେ ଏପ୍ରିଲରେ ଦେଶର ଅଧିକାଂଶ ଭାଗରେ ମୁଖ୍ୟତଃ ତାପମାତ୍ରା ସ୍ୱାଭାବିକ ଓ ଏହାଠାରୁ କମ୍ ରହିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ପୂର୍ବ ଓ ଉତ୍ତରପୂର୍ବ ଭାରତରେ ଅଧିକାଂଶ ଅଞ୍ଚଳରେ ସର୍ବାଧିକ ତାପମାତ୍ରା ଅଧିକ ଅନୁଭୂତ ହେବ। ସେହିପରି ଏପ୍ରିଲରେ ମୋଟାମୋଟି ଭାବେ ଦେଶରେ ହାରାହାରି ବୃଷ୍ଟିପାତ ସ୍ୱାଭାବିକଠାରୁ ଅଧିକ ରହିପାରେ ବୋଲି ଆକଳନ କରାଯାଇଛି। ଉତ୍ତରପୂର୍ବ ଭାରତକୁ ବାଦ୍ ଦେଲେ ଦେଶର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକ ଏବଂ ଏହାଠାରୁ ଅଧିକ ବର୍ଷା ହୋଇପାରେ। ଉତ୍ତରପୂର୍ବ ଭାରତର ବିଭିନ୍ନ ସ୍ଥାନରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବା ଆଶା କରାଯାଉଛି ବୋଲି ଆଇଏମ୍‌ଡି କହିଛି।

## ପୂର୍ବ ପ୍ରେମିକାଙ୍କ ସହ ରୋମାନ୍ସ


ନାଗାର୍ଜୁନ

**ହାଇଦ୍ରାବାଦ:** ସାଉଥ୍ ସିନେମାର 'କିଙ୍ଗ୍'ଭାବେ ପରିଚିତ ଅଭିନେତା ନାଗାର୍ଜୁନ ଖୁବଶୀଘ୍ର ନିଜର ୧୦୦ତମ ଫିଲ୍ମ ଆରମ୍ଭ କରିବେ, ଯାହାର ଟାଇଟଲ 'କିଙ୍ଗ୍ ୧୦୦' ରଖାଯାଇଛି। କିନ୍ତୁ ଏହି ଫିଲ୍ମ ସହ ଜଡ଼ିତ ସବୁଠାରୁ ଆଶ୍ଚର୍ଯ୍ୟଜନକ ଖବର ହେଉଛି, ଦୀର୍ଘ ୨୮ ବର୍ଷ ପରେ ପୁଣିଥରେ ନାଗାର୍ଜୁନ ଏବଂ ତବ୍ବୁଙ୍କ ଯୋଡ଼ି ପରଦାରେ ଏକାଠି ଦେଖିବାକୁ ମିଳିବ। ୯୦ ଦଶକରେ ନାଗାର୍ଜୁନ ଏବଂ ତବ୍ବୁଙ୍କ କେମିଷ୍ଟ୍ରି ଦର୍ଶକଙ୍କୁ ବେଶ୍ ପସନ୍ଦ ଆସୁଥିଲା। ସେମାନେ ଅନେକ ବଡ଼ ହିଟ୍ ଫିଲ୍ମରେ କାମ କରିଥିଲେ। ଏବେ ପ୍ରାୟ ତିନି ଦଶନ୍ଧି ପରେ ଏହି ପ୍ରସିଦ୍ଧ ଯୋଡ଼ି 'କିଙ୍ଗ ୧୦୦' ଜରିଆରେ ପ୍ରତ୍ୟାବର୍ତ୍ତନ କରୁଛନ୍ତି, ଯାହା ପ୍ରଶଂସକଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଦେଇଛି। ଏହି ମେଗା ପ୍ରୋଜେକ୍ଟର ନିର୍ଦ୍ଦେଶନା ଭାର ରା. କାର୍ତ୍ତିକ ସମ୍ଭାଳିଛନ୍ତି। ଫିଲ୍ମର ପ୍ରାୟ ୫୦ ପ୍ରତିଶତ କାମ ଶେଷ ହୋଇସାରିଛି। ଏହା ଏକ ପୂର୍ଣ୍ଣ କମର୍ସିଆଲ ଏଣ୍ଟରଟେନର ଫିଲ୍ମ, ଯାହା ଜଣେ ବାପା ଓ ଝିଅଙ୍କ ସମ୍ପର୍କ ଉପରେ ଆଧାରିତ। ଏହି ଫିଲ୍ମରେ ନାଗାର୍ଜୁନଙ୍କୁ ୨୫ ବର୍ଷରୁ ୬୦ ବର୍ଷ ପର୍ଯ୍ୟନ୍ତ ବୟସର ଭିନ୍ନ ଭିନ୍ନ ରୂପରେ ଦେଖିବାକୁ ମିଳିବ। ଏଥିପାଇଁ ହଲିଉଡ ଭଳି 'ଡି-ଏଜିଙ୍ଗ୍' ଟେକ୍ନୋଲୋଜିର ସାହାଯ୍ୟ ନିଆଯାଉଛି। ନାଗାର୍ଜୁନ ଏବଂ ତବ୍ବୁଙ୍କ ବ୍ୟତୀତ ଏହି ଫିଲ୍ମରେ ସୁସ୍ମିତା ଭଟ୍ଟ ଏବଂ ବିଜୟେନ୍ଦ୍ର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ନାଗାର୍ଜୁନଙ୍କ ପାଇଁ ଏହି ୧୦୦ତମ ଫିଲ୍ମ ଅତ୍ୟନ୍ତ ସ୍ୱତନ୍ତ୍ର ହୋଇଥିବାରୁ ନିର୍ମାତା ଏହାକୁ ଏକ ବଡ଼ ସ୍କେଲ୍‌ରେ ନିର୍ମାଣ କରୁଛନ୍ତି। ପୁଣିଥରେ ନିଜ ପ୍ରିୟ ଯୋଡ଼ିଙ୍କୁ ପରଦାରେ ଦେଖିବା ପାଇଁ ଦର୍ଶକ ଚାହିଁ ରହିଛନ୍ତି।

# ଛେଳି, ମେଣ୍ଢାଙ୍କୁ ପିପିଆର୍ ଟିକା



ଏଣ୍ଟାରୋଟକ୍ସେମିଆ ଓ ପିପିଆର୍ ରୋଗର ଟିକା ଛେଳି ଓ ମେଣ୍ଢାମାନଙ୍କୁ ପଶୁଡାକ୍ତରଙ୍କୁ ଯୋଗାଯୋଗ କରି ନିଶ୍ଚିତ ଭାବେ ଦିଅନ୍ତୁ । ଛେଳି ଓ ମେଣ୍ଢାମାନଙ୍କୁ ସକାଳ ୬ ଘଟିକା ଠାରୁ ୧୦ ଘଟିକା ଓ ଅପରାହ୍ନ ୪ଘଟିକାଠାରୁ ୬ଘଟିକା ପର୍ଯ୍ୟନ୍ତ ଚରିବାକୁ ବାହାରକୁ ଛାଡ଼ନ୍ତୁ । ଗୁହାଳରେ ଯଥେଷ୍ଟ ପରିମାଣରେ ଥଣ୍ଡାପାଣି ରଖନ୍ତୁ । ଛେଳି ଓ ମେଣ୍ଢାମାନଙ୍କୁ ନିକଟସ୍ଥ ପଶୁଡାକ୍ତରଙ୍କ ପରାମର୍ଶରେ କୃମିନାଶକ ଦିଅନ୍ତୁ । ଏହି ମାସରେ ଛେଳି ଓ ମେଣ୍ଢାମାନେ ଚରିଲେ ମଧ୍ୟ ଯଥେଷ୍ଟ ଘାସ ପାଇ ନ ଥାନ୍ତି । ତେଣୁ ଛେଳି ବା ମେଣ୍ଢା ପିଛା ୧୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ ଏବଂ ଡାଳପତ୍ର କାଟି ଖାଇବାକୁ ଦିଅନ୍ତୁ ।

# ଖରାଟିଆ ମୁଗ ଫସଲରେ ଜଳସେଚନ

ଖରାଟିଆ ମୁଗ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ। ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣି, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବା ସମ୍ଭାବନା ରହିଛି । ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ । ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଣ୍ଟାକ୍‌କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନକଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ ।



## ଏ ମାସର କୃଷି ସୂଚନା

# ନଳିତାଚାଷ ପାଇଁ ପ୍ରସ୍ତୁତି

ନଳିତା ବୁଣିବା ପାଇଁ ମାଟିକୁ ଭଲଭାବରେ ଗୁଣ୍ଡକରି ହେକ୍ଟର ପ୍ରତି ୧୨ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଶେଷ ଓଡ଼ ଚାଷରେ ପିଟା ନଳିତାରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ମଧୁର ନଳିତାରେ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ । ଧାଡ଼ିରେ ବୁଣିଲେ ନିର୍ବାଚିତ କିସମରୁ ହେକ୍ଟର ପ୍ରତି ୭.୫ କି.ଗ୍ରା. ପିଟା ନଳିତା ବା ୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ । ଛଟାବୁଣା କରୁଥିଲେ ହେକ୍ଟର ପ୍ରତି ୧୦ କି.ଗ୍ରା. ପିଟା ନଳିତା ବା ୭.୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ । ମଧୁର ନଳିତା ୨୫ ସେ.ମି. x ୧୦ ସେ.ମି. ବ୍ୟବଧାନ ଓ ପିଟା ନଳିତା ୩୦ ସେ.ମି. x ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ବୁଣିବା ପୂର୍ବରୁ ୧ କି.ଗ୍ରା. ମଞ୍ଜି ପ୍ରତି ୩ ଗ୍ରାମ୍ ଥିରାମ୍ କିମ୍ବା ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୨ ଗ୍ରାମ୍ କାର୍ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ ।

**ଡାଲୁଅ ଧାନ**

ଡାଲୁଅ ଧାନରେ ସମୟୋପଯୋଗୀ ଜଳସେଚନ କରନ୍ତୁ । ସାର ପ୍ରୟୋଗର ୧ ଦିନ ପୂର୍ବରୁ କ୍ଷେତରୁ ଜଳ ନିଷ୍କାସନକରି ସାର ପ୍ରୟୋଗର ୪୮ ଘଣ୍ଟା ପରେ ୫ ସେ.ମି. ଜଳ ବାନ୍ଧି ରଖନ୍ତୁ । ଧାନ ଫୁଲ ଉଡ଼ାଇବାର ୨୦ ଦିନ ଆଗରୁ ଓ ୧୦-୧୫ ଦିନ ପର୍ଯ୍ୟନ୍ତ କ୍ଷେତ୍ରରେ ୩-୫ ସେ.ମି. ପାଣି ବାନ୍ଧି ରଖନ୍ତୁ। ଧାନକେଣ୍ଡାର ୮୫% ପାଚିଗଲେ ଅମଳ କରନ୍ତୁ ।

**ଗହମ**

ଗହମ ଗଛ ଶୁଖି ହଳଦିଆ ପଡ଼ିଗଲେ ଓ କେଣ୍ଡାକୁ ବଙ୍କେଇ ଦେଲେ ଯଦି ସହଜରେ ଭାଙ୍ଗିଯାଏ ତେବେ ଗହମ ଫସଲ ଅମଳ ପାଇଁ ଉପଯୁକ୍ତ । ଅମଳ ପରେ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

**ଚିନାବାଦାମ**

ଚିନାବାଦାମ ଫସଲ ଅମଳକରି ୨-୩ ଦିନ ଖରାରେ ଶୁଖାଇ ବସ୍ତାରେ ସାଇତି ରଖନ୍ତୁ। ଆର୍ଦ୍ରତା କମାଇବା ଏବଂ ପୋକ ନ ଲାଗିବା ପାଇଁ ୩୦ କି.ଗ୍ରା. ବିହନରେ ୨୫୦ ଗ୍ରାମ୍ କ୍ୟାଲ୍‌ସିୟମ୍ କ୍ଲୋରାଇଡ୍ ବସ୍ତା ଭିତରେ ରଖନ୍ତୁ ।

**ପନିପରିବା**

ଖରାଟିଆ ପନିପରିବା ଯଥା କଲରା, କାକୁଡ଼ି, ଜହ୍ନି, ଖଡ଼ା, ଲେଉଟିଆ, ପୋଇ, ଲାଉ, କଖାରୁ,



ବାଇଗଣ, ଲଙ୍କା, ଭେଣ୍ଡି, ଛଚିନ୍ଦ୍ରା ଆଦି ଲାଭଜନକ ଭାବେ ଚାଷ କରାଯାଇପାରିବ । ପୋଟଳ ଗଛର ଫୁଲ କଷି ହୋଇ ଫଳ ହେଉଥିଲେ ଗଛ ମୂଳରୁ ଘାସ ବାଛି ଖୁସାଇ ସାର ପ୍ରୟୋଗ କରନ୍ତୁ । କଖାରୁ ଜାତୀୟ ଫସଲରେ ଫଳ ଖସି ପଡ଼ୁଥିଲେ ପ୍ଲାନୋଫିକ୍ସ ୧ ମି.ଲି./୪.୫ ଲିଟର ପାଣିରେ ମିଶାଇ ଉପରଓଳି ସ୍ପ୍ରେ କରନ୍ତୁ । ଫଳମାଛି ଲାଗିଲେ ମଧ୍ୟ କଖାରୁ ଜାତୀୟ ଫସଲର ଫଳ ଝଡ଼ିଯାଇଥାଏ ଓ ଏହା ବଙ୍କା ମଧ୍ୟ ହୋଇଯାଇଥାଏ । ମାଟିର ବତର ଦେଖି ପାଣି ଦିଅନ୍ତୁ । ତରଭୁଜ ପାଚିଲା ପରେ ତୋଳନ୍ତୁ । ତରଭୁଜ ସମ୍ପୂର୍ଣ୍ଣ ପାକଳ ହୋଇ ନ ଥିଲେ ତରଭୁଜ ଫାଟିବାକୁ କମ୍ କରିବା ପାଇଁ ବୋରାକ୍ସ ୨ ଗ୍ରାମ୍/୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

**ଗୋପାଳନ**

ଦୁଧିଆଳୀ ଗାଈ ଓ ବଳଦଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ୬ ମାସ ଅନ୍ତରରେ ଥରେ ଦିଅନ୍ତୁ। ଦୁଧିଆଳୀ ଗାଈକୁ ଗ୍ରୀଷ୍ମ ଉତ୍ତାପରୁ ରକ୍ଷା କରିବା ପାଇଁ ଛାଇ ଜାଗାରେ ବାନ୍ଧନ୍ତୁ ଓ ଯଥେଷ୍ଟ ପରିମାଣରେ ଥଣ୍ଡାପାଣି ପିଇବାକୁ ଦିଅନ୍ତୁ । ଅଧିକ ଗରମରୁ ରକ୍ଷା ପାଇଁ ଗାଈମାନଙ୍କୁ ଦିନ ୧୨ଟାରେ ଥରେ ଓ ଦିନ ୪ଟା ବେଳକୁ ଆଉ ଥରେ ଥଣ୍ଡାପାଣିରେ ଗାଧୋଇ ଦିଅନ୍ତୁ ।

**କୁକୁଡ଼ା ଓ ବତକ ପାଳନ**

କୁକୁଡ଼ା ଓ ବତକଙ୍କ କକ୍‌ସିଡିଆ ବା ନାଳରକ୍ତ ଝାଡ଼ାର ପ୍ରତିକାର ପାଇଁ କକ୍‌ସିଡିଆ ନିରୋଧୀ ଔଷଧ ଦାନା ବା ପାଣିରେ ନିୟମିତ ପ୍ରୟୋଗ କରନ୍ତୁ । ପ୍ରବଳ ଖରାତାପରୁ କୁକୁଡ଼ାମାନଙ୍କୁ ରକ୍ଷାକରିବା ପାଇଁ କୁକୁଡ଼ାଘରର ଟିଣଛାତ କିମ୍ବା ଆଜ୍‌ବେଷ୍ଟସ୍ ଛାତ ଉପରେ ନଡ଼ା ଛାଉଣି କରନ୍ତୁ । ମାଟିହାଣ୍ଡିରେ ପାଣି ରଖି ଥଣ୍ଡାପାଣିକୁ କୁକୁଡ଼ାଙ୍କୁ ପିଇବାକୁ ଦିଅନ୍ତୁ । ଅଧିକ ଗରମ ବେଳେ ଦିନ ୧୨ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ାଙ୍କୁ ଦାନା ଖାଇବାକୁ ଦିଅନ୍ତୁ ନାହିଁ । ଦୁଇ ମାସରୁ ଅଧିକ ବୟସର କୁକୁଡ଼ାଙ୍କୁ ଘୁମାରୋଗ ନ ହେବା ପାଇଁ ପଶୁଡାକ୍ତରଙ୍କ ସହାୟତାରେ ଆର୍ ଟୁ ବି ଟିକା ଦିଅନ୍ତୁ।

**ମାଛଚାଷ**

ଏକ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ପ୍ରତିଦିନ ସମପରିମାଣର କୃତ୍ରିମ ଖାଦ୍ୟ ମିଶ୍ରଣ (ଚିନାବାଦାମ ପିଡ଼ିଆ ଓ କାଣ୍ଡିଆକୁଣ୍ଡା) ପ୍ରତ୍ୟେକରୁ ୮ କିଲୋ ୭୫୦ ଗ୍ରାମ୍ ଲେଖାଏ ସମୁଦାୟ ୧୭ କିଲୋ ୫୦୦ ଗ୍ରାମ୍ ପ୍ରୟୋଗ କରିବା ଆବଶ୍ୟକ ।

**ମହୁଚାଷ**

ମହୁବାକ୍ସଗୁଡ଼ିକ ଗଛ ତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖା ଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି । ତେଣୁ ନିୟମିତ ପରିଦର୍ଶନକରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳକରି ଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନକରି ବିକ୍ରୟ କରନ୍ତୁ।

**ଛତୁଚାଷ**

ପାଳଛତୁ ଚାଷ କରୁଥିଲେ ଖରାଦିନେ ଛତୁ ବେଡ୍‌ର ଉପଯୁକ୍ତ ଯତ୍ନ ନିଅନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର-୩

## ଚାଷୀଙ୍କ ପାଇଁ

- ସୋରିଷ ଚାଷ କରୁଥିଲେ ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ଏକ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍‌ଏଲ୍ ୧୨୦ ମି.ଲି. ସିଞ୍ଚନ କରନ୍ତୁ । କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।
- ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ । ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ ।
- ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଟିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।
- ଚିନାବାଦମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛିଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ୨ପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶିଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ ।



# ସୂର୍ଯ୍ୟମୁଖୀ ଚାଷରେ ରୋଗପୋକ ଦମନ

ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ କରିବା ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍‌ଏଲ୍) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍‌କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ । କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।



## ଅଳ୍ପରେ...

- ଆଖୁଚାଷରେ ପ୍ରଥମ ସାର ପ୍ରୟୋଗର ୩୦ ଦିନ ପରେ ଅର୍ଥାତ୍ ଆଖୁ ଲଗାଇବାର ୬୦ ଦିନ ପରେ ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ଦ୍ୱିତୀୟ କିସ୍ତିରେ ପ୍ରୟୋଗକରି ହୁଡ଼ା ଟେକନ୍ତୁ ଓ ଜଳସେଚନ କରନ୍ତୁ ।
- ଧାନ ବଦଳରେ ଅଣଧାନ ଫସଲ ଯଥା ମକା, ବରଗୁଡ଼ି, ହରଡ଼, ବିରି, ମାଣ୍ଡିଆ, ଚିନାବାଦାମ, ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ।
- ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ।
- ବ୍ୟବସାୟିକ ଭିତ୍ତିରେ ଗେଣ୍ଡୁ, ରଜନୀଗନ୍ଧା, ଜିନିଆ ଆଦି ଫୁଲଚାଷ କରନ୍ତୁ। ବାଡ଼ି ବଗିଚାର ଅଭାବରେ ଟେବୁଲ୍ ଗୋଲାପ, ଲିଲିୟମ୍ ଓ ସୂର୍ଯ୍ୟମୂଖୀ ଇତ୍ୟାଦି ଫୁଲକୁ କୁଣ୍ଡରେ ମଧ୍ୟ ଲଗାଯାଇ ପାରିବ । ବିହନ ମଞ୍ଜି, କୋଳା ଓ ଖଣ୍ଡରୁ ଚାରା ଉତ୍ପନ୍ନ କରାଯାଇ ପାରିବ।
- ମରୁଡ଼ି ସହି ପାରୁଥିବା ଧାନ କିସମ ଯଥା- ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।



## ଲୋଟଣି ଜାତୀୟ ଚିନାବାଦାମ ଚାଷ

ଲୋଟଣି ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ। ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ। ପ୍ରଥମେ ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡକରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ)। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ।

# ଡାଲୁଅ ଧାନରେ କାଣ୍ଡବିନ୍ଧା ପୋକ ଦମନ



ଡାଲୁଅ ଧାନରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଟିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଡାଲୁଅ ଧାନରେ ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧/୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନ୍‌ପ୍ରେକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ।



# ଝାଡ଼ଖଣ୍ଡରେ ଓଡ଼ିଆ ଭାଷାକୁ ସୁରକ୍ଷା ଦେଉଥିବା ଯୋଦ୍ଧା



ଝାଡ଼ଖଣ୍ଡର ବିଭିନ୍ନ ସ୍କୁଲ୍‌ରେ ଓଡ଼ିଆ ଭାଷାକୁ ସୁରକ୍ଷା ଦେଉଥିବା ଶିକ୍ଷୟିତ୍ରୀଶିକ୍ଷକ।

ଓଡ଼ିଆ ଭାଷାର ସୁରକ୍ଷା ପାଇଁ କେନ୍ଦୁଝର ଜିଲା ସୀମାନ୍ତ ଝାଡ଼ଖଣ୍ଡର ଦୁର୍ଗମ ଅଞ୍ଚଳରେ ଉଦ୍ୟମ ଚଳାଇଛନ୍ତି ଶତାଧିକ ଓଡ଼ିଆ ଯୋଦ୍ଧା। ଝାଡ଼ଖଣ୍ଡ ସରକାର ଓଡ଼ିଆ ଶିକ୍ଷକ ନିଯୁକ୍ତ କରୁ ନ ଥିବାରୁ ଓଡ଼ିଆ ଯୋଦ୍ଧା କୁହାଯାଉଥିବା ଏହି ଶିକ୍ଷକମାନେ ଗତ ୨୨ ବର୍ଷ ଧରି ଓଡ଼ିଶା ସରକାରଙ୍କ ଉତ୍କଳ ସମ୍ମିଳନୀ ମାଧ୍ୟମରେ ଆର୍ଥିକ ସହାୟତା ମାସିକ ୩ ହଜାର ଟଙ୍କା ଦରମାରେ ଓଡ଼ିଆ ମାତୃଭାଷା ଶିକ୍ଷାଦାନ କରିଆସୁଛନ୍ତି। ଓଡ଼ିଆ ଭାଷା ଏବଂ ସଂସ୍କୃତିକୁ ସୁରକ୍ଷା ଦେବା ପାଇଁ ଏହି ଯୋଦ୍ଧାମାନେ ସେମାନଙ୍କ ପ୍ରୟାସ ଜାରି ରଖିଛନ୍ତି, ଯାହା ଓଡ଼ିଶା ଲାଗି ଗର୍ବର ବିଷୟ ହୋଇଛି।

ପ୍ରକାଶ ଯେ, ଝାଡ଼ଖଣ୍ଡର ପୂର୍ବ ସିଂହଭୂମ, ଷଢ଼େଇକଳା-ଖରସୁଆଁ, ପଶ୍ଚିମ ସିଂହଭୂମ ଭଳି ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲାଗୁଡ଼ିକ ପ୍ରାୟତଃ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଭାବେ ଜଣାଶୁଣା। ଏହି ଅଞ୍ଚଳରେ ହଜାର ହଜାର ଓଡ଼ିଆ ଭାଷାଭାଷୀ ପରିବାର ବସବାସ କରିଆସୁଛନ୍ତି। ଓଡ଼ିଶାରୁ ବିଚ୍ଛିନ୍ନ ହେବାପରେ ସେଠାକାର ଝାଡ଼ଖଣ୍ଡ(ପୂର୍ବରୁ ବିହାର) ସରକାର ହିନ୍ଦୀ ଭାଷାକୁ ପ୍ରାଧାନ୍ୟ ଦେଇଆସୁଥିବା ସତ୍ତ୍ୱେ ଏହି ଓଡ଼ିଆ ଯୋଦ୍ଧା(ଶିକ୍ଷୟିତ୍ରୀ ଶିକ୍ଷକ) ଓଡ଼ିଆ ଭାଷା ଏବଂ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ସଂଘର୍ଷ କରୁଛନ୍ତି। ସେମାନେ ବର୍ଷ ବର୍ଷ ଧରି ଓଡ଼ିଶାରେ ପୁନଃ ମିଶ୍ରଣ ପାଇଁ ସଂଘର୍ଷ କରିଆସୁଥିଲେ। କିନ୍ତୁ ବିଫଳ ହେବାପରେ ନିଜର ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି। ସେହିପରି ସ୍ଥାନୀୟ ଓଡ଼ିଆ ଭାଷାଭାଷୀ ସମସ୍ତ ବାଧା ସତ୍ତ୍ୱେ ସେମାନେ ଉତ୍କଳମଣି ଗୋପବନ୍ଧୁ ଦାସ ଜୟନ୍ତୀ, ମଧୁବାବୁ ଜୟନ୍ତୀ, ଓଡ଼ିଶା ଦିବସ, ବୀରପୁରୁଷଙ୍କ ଜୟନ୍ତୀ, ତିରୋଧାନ ଦିବସ ସହ ବିଭିନ୍ନ ଓଡ଼ିଆ ପର୍ବପର୍ବାଣି ପାଳନ କରିଆସୁଛନ୍ତି। ଏହାବ୍ୟତୀତ ସେମାନେ ଓଡ଼ିଆ ଭାଷାଭାଷୀ ବିଦ୍ୟାଳୟଗୁଡ଼ିକୁ ଜୀବନ୍ତ ରଖିବା ଏବଂ ସେମାନଙ୍କ ପାଠ୍ୟକ୍ରମରେ ମାତୃଭାଷା ଓଡ଼ିଆକୁ ଜାରି ରଖିବା ପାଇଁ ପ୍ରୟାସ କରିଆସୁଛନ୍ତି। ଝାଡ଼ଖଣ୍ଡ ସରକାର(ପୂର୍ବର ବିହାର ରାଜ୍ୟ) ଓଡ଼ିଆ ଭାଷାଭାଷୀ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ମଧ୍ୟ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତ କରି ନ ଥିବାରୁ, ଉତ୍କଳ ସମ୍ମିଳନୀ ହିନ୍ଦୀ ଭାଷୀ ଝାଡ଼ଖଣ୍ଡ ରାଜ୍ୟରେ ଜଣେ ଲେଖାଏ ଓଡ଼ିଆ ଶିକ୍ଷକଙ୍କୁ ଓଡ଼ିଆ ମାତୃଭାଷା ପଢ଼ାଇବାକୁ ନିଯୁକ୍ତ କରିଥିବା ବେଳେ ଶିକ୍ଷା ନିରୀକ୍ଷକମାନଙ୍କୁ ନିୟୋଜିତ କରାଯାଇଛି।

ପୂର୍ବ ସିଂହଭୂମ ଜିଲାର ୨୯ଟି ସ୍କୁଲ୍‌ରେ ୫୪ ଶିକ୍ଷକ, ଷଢ଼େଇକଳା- ଖରସୁଆଁ ଜିଲାର ୫୨ ସ୍କୁଲ୍‌ରେ ୫୮ ଶିକ୍ଷକ ଏବଂ ପଶ୍ଚିମ ସିଂହଭୂମ ଜିଲାର ୩୯ଟି ସ୍କୁଲ୍‌ରେ ୪୨ ଶିକ୍ଷକ ନିୟୋଜିତ ଅଛନ୍ତି। ସେମାନେ ଦୀର୍ଘ ୨୨ ବର୍ଷ ଧରି ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ଅଧୀନରେ ରହି ଶିକ୍ଷାଦାନ କରିଆସୁଛନ୍ତି ବୋଲି ଉତ୍କଳ ସମ୍ମିଳନୀର ବରିଷ୍ଠ ସଦସ୍ୟ ସରୋଜ ପ୍ରଧାନ କହିଛନ୍ତି। ଆମେ ଓଡ଼ିଆ ଭାଷା ଏବଂ ସଂସ୍କୃତିକୁ ବଞ୍ଚାଇବା ପାଇଁ ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ସ୍ୱଳ୍ପ ଦରମାରେ ଶିକ୍ଷା ଦେଉଛୁ। ଓଡ଼ିଶା ସରକାରଙ୍କ ସମର୍ଥନରେ ଆମେ ନିରନ୍ତର ଶିକ୍ଷାଦାନ କରୁଛୁ। ଓଡ଼ିଶା ସରକାର ଆମକୁ ପୂର୍ଣ୍ଣ ସହାୟତା ଦେଲେ ଏଠାରେ ଓଡ଼ିଆ ଭାଷା ବଞ୍ଚିରହିବ ବୋଲି ଓଡ଼ିଆ ଶିକ୍ଷୟିତ୍ରୀ ରୀତାରାଣୀ ଦୁବେ ଆଶାବ୍ୟକ୍ତ କରିଛନ୍ତି।

ରିପୋର୍ଟ- **ନରେଶ ଚନ୍ଦ୍ର ପଟ୍ଟନାୟକ**

# ୧୯୭୨ରୁ ଆରମ୍ଭ

ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଲକ୍ଷ୍ୟନେଇ ୧୯୩୬ ଏପ୍ରିଲ ପହିଲାରେ ଭାଷାଭିତ୍ତିକ ପ୍ରଦେଶ ଭାବରେ ଓଡ଼ିଶା ଜନ୍ମ ନେଇଥିଲା। ଏକ ସ୍ୱତନ୍ତ୍ର ପ୍ରଦେଶ ସୃଷ୍ଟି ଓଡ଼ିଆଙ୍କ ଭିତରେ ସୃଷ୍ଟି କରିଥିଲା ଅଭୂତପୂର୍ବ ସ୍ୱାଭିମାନ। ମାତ୍ର ସ୍ୱାଧୀନତା ପ୍ରାପ୍ତିର ୨୫ ବର୍ଷ ବିତିଯାଇଥିଲେ ମଧ୍ୟ ଓଡ଼ିଶା(ଉତ୍କଳ) ଦିବସ କେବେ ଆନୁଷ୍ଠାନିକ ଭାବରେ ପାଳିତ ହୋଇ ନ ଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଏହି ଐତିହାସିକ ଦିନର ଗୁରୁତ୍ୱକୁ ଉପଲବ୍ଧିକରି ତାକୁ ଶାସକୀୟ ମର୍ଯ୍ୟାଦା ଦେବା ଫଳରେ ଏହା ୧୯୭୨ ମସିହାଠାରୁ ଆନୁଷ୍ଠାନିକ ଭାବରେ ପାଳନ ହେଉଛି। ଓଡ଼ିଆ ଅସ୍ମିତାର ପୁନର୍ଜାଗରଣ ପାଇଁ ନନ୍ଦିନୀଦେବୀଙ୍କର ଏଇ ନିଷ୍ପତ୍ତିକୁ ଓଡ଼ିଆ ଇତିହାସ ସଗୌରବେ ସ୍ମରଣ କରିବ ନିଶ୍ଚୟ।

୧୯୪୮ ମସିହା ମଧ୍ୟଭାଗରେ ଓଡ଼ିଶାରୁ ଷଢ଼େଇକଳା ଓ ଖରସୁଆଁ ଯାଇ ବିହାରରେ ମିଶିଲା। ୧୯୪୭ରେ ସ୍ୱାଧୀନତାପ୍ରାପ୍ତି ପରେ ଏଇ ୨ ରାଜ୍ୟର ତତ୍କାଳୀନ ଦେଶୀୟ ରାଜାମାନେ ଓଡ଼ିଶାରେ ମିଶିବା ପାଇଁ ସେମାନଙ୍କର ସ୍ୱୀକୃତିପତ୍ର କେନ୍ଦ୍ର ସରକାରଙ୍କୁ ଦେଇଥିଲେ। ସେତେବେଳେ ଶତକଡ଼ା ୬୦ ଭାଗ ଲୋକ ଥିଲେ ଓଡ଼ିଆ ଭାଷାଭାଷୀ ଏବଂ ସେମାନେ ପ୍ରାୟ ବର୍ଷେ ପାଖାପାଖି ଓଡ଼ିଶା ରାଜ୍ୟର ଅଂଶୀଦାର ଥାଇ ମାତୃଭାଷାର ଆନନ୍ଦ ସ୍ୱାଭାବିକ ଭାବରେ ଉପଭୋଗ କରିବାର ଗୌରବ ପାଇଥିଲେ। ମାତ୍ର ସେଇ ଅଞ୍ଚଳର ବନବାସୀମାନେ ଓଡ଼ିଶା ସହ ମିଶ୍ରଣକୁ ବିରୋଧକରି ଆନ୍ଦୋଳନ କଲେ। ସେମାନଙ୍କର ବିରୋଧର ମୁଖ୍ୟ କାରଣ ଥିଲା ଓଡ଼ିଶା ସହ ଏଇ ୨ଦେଶୀୟ ରାଜ୍ୟ ସିଧାସଳଖ ସଂଯୁକ୍ତ ନ ଥିଲେ। ମୟୂରଭଞ୍ଜ ୧୯୪୯ରେ ଓଡ଼ିଶାରେ ମିଶିବା ପର୍ଯ୍ୟନ୍ତ ତାହା ଥିଲା ସ୍ଥିତି। ପୁନର୍ବାର ସେତେବେଳେ ବିହାରରୁ ବହୁ ସର୍ବଭାରତୀୟ ନେତୃବୃନ୍ଦ ଥାଇ ବିହାର ସପକ୍ଷରେ ଲବି କଲେ। ଭାରତ ସରକାର ଏ ବାବଦରେ କମିଶନ ବସାଇଲେ ଏବଂ ଏହି ବୌଦକର କମିଶନର ରିପୋର୍ଟ ମୁତାବକ ୧୯୪୮ ମେ ୧୮ରେ ଏଇ ଦେଶୀୟ ରାଜ୍ୟ ବିହାରର ଅଂଶ ବିଶେଷ ପାଲଟିଲା।

ଏକ ଐତିହାସିକ ସତ୍ୟକୁ ଅସ୍ୱୀକାର କରିବା ଅନ୍ୟାୟ। ମାତ୍ର ସେଇ ଓଡ଼ିଆଭାଷୀଙ୍କ ଦୁଃଖ ଅପନୋଦନ ପାଇଁ ଇତିହାସରେ ପ୍ରତିବାଦର ସ୍ୱର ଥିଲା କ୍ଷୀଣ ଓ ଗୌଣ। ୧୯୫୬ରେ ରାଜ୍ୟ ପୁନର୍ଗଠନ କମିଶନ ବସିବା ବେଳେ ତତ୍କାଳୀନ ଓଡ଼ିଶା ସରକାର ଏଇ ଦାବିକୁ ପୁନରୁତ୍ଥାପନ କରିଥିଲେ, ମାତ୍ର ପରେ କେନ୍ଦ୍ର ସରକାରଙ୍କ ଚାପରେ ଚୁପ୍ ରହିଲେ। ଆଉ ବିଡ଼ମ୍ବିତ ହୋଇଗଲା ଓଡ଼ିଆଙ୍କ ଭାଗ୍ୟ। ଖାଲି କ'ଣ ଝାଡ଼ଖଣ୍ଡରେ ଥିବା ଷଢ଼େଇକଳା ଆଉ ଖରସୁଆଁ? ପାରଳାଖେମୁଣ୍ଡି ଦେଶୀୟ ରାଜ୍ୟ ସିନା ଓଡ଼ିଶାରେ ମିଶିଲା ଗଜପତି କୃଷ୍ଣଚନ୍ଦ୍ରଙ୍କ ନିର୍ଣ୍ଣାୟକ ନେତୃତ୍ୱ ଯୋଗୁ, ମାତ୍ର ପାରଳା ରାଜ୍ୟ ଅଧୀନରେ ଥିବା ଶ୍ରୀକାକୁଳମ୍ ଜିଲାର ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକ କାଳକ୍ରମେ ଆନ୍ଧ୍ରପ୍ରଦେଶର ଅଂଶ ବିଶେଷ ପାଲଟିଲା। ବେଙ୍ଗଲ ପ୍ରେସିଡେନ୍ସିରେ ଥିବା ମେଦିନୀପୁର ଜିଲାର ବହୁ ଓଡ଼ିଆ ଭାଷା ଅଞ୍ଚଳ ପଶ୍ଚିମବଙ୍ଗରେ ରହିଲା ଏବଂ ସେଦିନର ବେହେରା, ମହାନ୍ତି, ଜେନାମାନେ କାଳକ୍ରମେ ବେରା, ମାଇତି, ଜାନା ପାଲଟିଗଲେ। ଛତିଶଗଡ଼ର ଓଡ଼ିଆ ସୀମାନ୍ତବର୍ତ୍ତୀ ଅଞ୍ଚଳର ବହୁ ଲୋକ ମଧ୍ୟ ଓଡ଼ିଆ ଭାଷାଭାଷୀ ହେବା ସହ ଓଡ଼ିଆ ସଂସ୍କୃତିକୁ ପୁରୁଷାନୁକ୍ରମେ ଗ୍ରହଣ କରିଛନ୍ତି।କଥା ହେଉଛି ବିଚ୍ଛିନ୍ନାଞ୍ଚଳରେ ଥିବା ଓଡ଼ିଆ ଭାଷାଭାଷୀଙ୍କ ଭବିଷ୍ୟତ କ'ଣ ? ଏସବୁସ୍ଥାନରେ ଓଡ଼ିଆ ଭାଷାର ସୁରକ୍ଷା ତଥା ବିସ୍ତାର ଲାଗି ରାଜନୈତିକ ଇଚ୍ଛା, ସରକାରୀ ତଥା ସାମୂହିକ ଆନ୍ତରିକତାର ଆବଶ୍ୟକତା ରହିଛି।

– **ନିରଞ୍ଜନ ସାହୁ**
ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ
ମୋ: ୯୪୩୮୪୮୨୯୧୧

# ଏମାନଙ୍କ ମତରେ

## ଆତ୍ମନିର୍ଭରଶୀଳ ରାଜ୍ୟ ଗଠନ କରିପାରିନୁ



ପ୍ରାଚୁର୍ଯ୍ୟ ଭରା ଓଡ଼ିଶାର ଯୁବକମାନେ ଏବେ ରୋଜଗାର ପାଇଁ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ଗାଁ ପରିବେଶ ଆଉ ଆଗ ଭଳି ନାହିଁ। ଓୟୁଏଟି ଭଳି ଅନୁଷ୍ଠାନ ସ୍ଥାପନ ହେଲା। ଖଣି ଖାଦାନରେ ଭରା ଓଡ଼ିଶା। ମାତ୍ର ଆମେ ନାସିକ ଆଳୁ, ଆନ୍ଧ୍ର ମାଛ ଓ ଅଣ୍ଡା ଉପରେ ନିର୍ଭରଶୀଳ। ୯୦ ବର୍ଷ ପରେ ମଧ୍ୟ ଆମ୍ଭେମାନେ ଦାଦନମୁକ୍ତ, ନିଶାମୁକ୍ତ ତଥା ଆତ୍ମନିର୍ଭରଶୀଳ ରାଜ୍ୟ ଗଠନ କରିପାରୁନାହୁଁ।

**- ଦିଲ୍ଲୀପ ଦାଶଶର୍ମା, ସାଧାରଣ ସମ୍ପାଦକ, ଉତ୍କଳ ସମ୍ମିଳନୀ**

## ନିଜ ଭାଷାକୁ ଭଲ ପାଇ ପାରୁନେ



୧୯୮୦ରୁ ଓଡ଼ିଆକୁ ସରକାରୀ ଭାଷା କରିବା ପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଆଉ ୨୦୧୭ ଅଗଷ୍ଟ ୧୭ରେ ଓଡ଼ିଆ ଭାଷାକୁ ସରକାରୀ ଭାଷା ଭାବେ ପାଳନ କରିବା ପାଇଁ ରୁଲ୍ ପ୍ରକାଶ ପାଇଥିଲା। ଏଥିସହ ଏହାକୁ ପାଳନ ନ କରୁଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ ୧୯୬୨ (ସିସିଏ) ରୁଲ୍ ଅନୁଯାୟୀ ଦଣ୍ଡିତ ହେବେ ବୋଲି ନିୟମ ଜାରି ହୋଇଥିଲା। ମାତ୍ର ଏହି ନିୟମକୁ କିଏ ମାନୁଛି! ସରକାର ନୂତନ ଆଇନ ଆଣୁଥିବାବେଳେ ଏହାର କାର୍ଯ୍ୟକାରିତା ପାଇଁ କେହି ବ୍ୟଗ୍ର ନୁହନ୍ତି। ପ୍ରକୃତପକ୍ଷେ ଆମେ ନିଜ ଭାଷାକୁ ଭଲ ପାଇପାରୁନେ।

**- ପବିତ୍ର ମହାରଥା, ଆବାହକ, ଭାଷା ଆନ୍ଦୋଳନ**

## ସମୟୋପଯୋଗୀ ବିନିଯୋଗ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ



ପ୍ରାକୃତିକ ସମ୍ବଳ ଆଉ ଅନନ୍ୟ ସାଂସ୍କୃତିକ ସମ୍ପଦରରେ ପରିପୂର୍ଣ୍ଣ ଓଡ଼ିଶା। କିନ୍ତୁ ରାଜ୍ୟର ଅଧିବାସୀଙ୍କର ଜୀବନ ଧାରଣର ମାନ ଏବଂ ପ୍ରଗତି ସେତେ ଉଲ୍ଲେଖନୀୟ ହୋଇପାରିନି। ଏଭଳି ସ୍ଥିତିରେ ଶିଳ୍ପ କ୍ଷେତ୍ରରେ ରାଜ୍ୟର ମାନବ ସମ୍ବଳକୁ ଗୁରୁତ୍ୱ, ପ୍ରଯୁକ୍ତିବିଦ୍ୟାର ବାସ୍ତବ ଆବଣ୍ଟନ, ଗୁଣାତ୍ମକ ଓ ଧନ୍ଦାମୂଳକ ଶିକ୍ଷାର ପ୍ରଚଳନ, ରାଜ୍ୟର ପ୍ରାକୃତିକ ସମ୍ବଳର ସମୟୋପଯୋଗୀ ବିନିଯୋଗ ହିଁ ଏକ ସମୃଦ୍ଧ ଓଡ଼ିଶା ଗଠନର ସୁଯୋଗ ତିଆରି କରିବ।

**- ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ, କବି**

## ଓଡ଼ିଆ ଭାଷାର ସଫଳ ପ୍ରଦର୍ଶନ ଆବଶ୍ୟକ



ଅତୀତ ତୁଳନାରେ ବର୍ତ୍ତମାନ ଓଡ଼ିଆ ଅସ୍ମିତାକୁ ସୁରକ୍ଷିତ ରଖିବା ଦିଗରେ ଯେଉଁଭଳି ଉଦ୍ୟମ ଚାଲିଛି। ଏହାକୁ ଯଥେଷ୍ଟ କି ପର୍ଯ୍ୟାପ୍ତ ବୋଲି କୁହାଯାଇପାରିବ ନାହିଁ। ଆମେ ଓଡ଼ିଆ ଅସ୍ମିତା ବିଷୟରେ କହିବା ଆରମ୍ଭ କରିଛେ। କହିବା ଏବଂ ଶୁଣି ଶୁଣି ଏ ଦିଗରେ ଭାବିବା ଆରମ୍ଭ କରିଛେ। କିନ୍ତୁ ଓଡ଼ିଆ ଭାଷାର ସଫଳ ପ୍ରଦର୍ଶନ ଲାଗି ଆହୁରି ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

**- ଇଂ. ଶ୍ରୀନିବାସ ଘଟୁଆରୀ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଓ ନୃତ୍ୟଶିଳ୍ପୀ**

## ୨୫ଶହ ବର୍ଷ ପୁରୁଣା ଶାସ୍ତ୍ରୀୟ ଭାଷାକୁ ଲୁଚାଇବାର ଉଦ୍ୟମ ଚାଲିଛି




ଓଡ଼ିଆ ପ୍ରୀତି ଜାଗ୍ରତ ପାଇଁ ସରକାରଙ୍କର ଓଡ଼ିଆ ପକ୍ଷ ପାଳନ ଉଦ୍ୟମ ସ୍ୱାଗତଯୋଗ୍ୟ। ମାତ୍ର ଜନସାଧାରଣଙ୍କ ଭିତରେ ମାତୃଭାଷା ଓ ନିଜ ରାଜ୍ୟକୁ ନେଇ ସ୍ୱତଃ ଭାବାବେଗ ସୃଷ୍ଟି ନ ହେଲେ ଏଭଳି ଉଦ୍ୟମ ପାଣିର ଗାର ପାଲଟିଯିବ। ୨୫ଶହ ବର୍ଷ ପୁରୁଣା ଶାସ୍ତ୍ରୀୟ ଭାଷାକୁ ହିନ୍ଦୀର ଆବରଣ ତଳେ ଲୁଚାଇବାର ଉଦ୍ୟମ ଚାଲିଛି। ରାଜ୍ୟ ସରକାର ଯେଉଁଦିନ ଓଡ଼ିଆ ଭାଷାକୁ ଶାସନ, ସଂସ୍କୃତି, ରୋଜଗାର ଓ ଭାବପ୍ରବଣତାର ଭାଷା କରିବେ ସେଦିନ ହିଁ ଏ ପକ୍ଷ ପାଳନ ସାର୍ଥକ ହେବ।

**- ଶୁଭ୍ରାଂଶୁ ପଣ୍ଡା, କଥାଶିଳ୍ପୀ**












# ବିମାନ ରକ୍ଷଣାବେକ୍ଷଣ କ୍ଷେତ୍ରରେ ବଢ଼ିବ ନିଯୁକ୍ତି

## ଗତି ଶକ୍ତି ବିଶ୍ୱବିଦ୍ୟାଳୟ, ଡିଜିସିଏ ମଧ୍ୟରେ ଚୁକ୍ତି

ଭୁବନେଶ୍ୱର,୩୧।୩
(ଅନୁରାଧା ମହାରଣା)

ପରିବହନ ଏବଂ ଲଜିଷ୍ଟିକ୍ସ କ୍ଷେତ୍ର ପାଇଁ ଭାରତର ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଗତି ଶକ୍ତି ବିଶ୍ୱବିଦ୍ୟାଳୟ (ଜିଏସ୍‌ଭି) ଏବଂ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ମଧ୍ୟରେ ନୂଆଦିଲ୍ଲୀସ୍ଥିତ ରେଳ ଭବନରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମ ମୋହନ ନାଇଡୁଙ୍କ ଉପସ୍ଥିତିରେ ଡିଜିସିଏ ମହାନିର୍ଦ୍ଦେଶକ ଫୈଜ ଅହମ୍ମଦ କିଦ୍‌ୱାଇ ଏବଂ ଜିଏସ୍‌ଭି ଭିସି ପ୍ରଫେସର ମନୋଜ ଚୌଧୁରୀଙ୍କ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି ବିମାନ ରକ୍ଷଣାବେକ୍ଷଣ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ବୃଦ୍ଧିକରିବ ବୋଲି ଆଶା କରାଯାଉଛି। ବିମାନ ରକ୍ଷଣାବେକ୍ଷଣ ଇଞ୍ଜିନିୟରିଂ (ଏଏମ୍‌ଇ) ପ୍ରଶିକ୍ଷଣକୁ ନବୀକରଣ କରି ଭାରତରେ ଦ୍ରୁତଗତିରେ ବୃଦ୍ଧି ପାଉଥିବା ରକ୍ଷଣାବେକ୍ଷଣ, ମରାମତି ଏବଂ ଓଭରହଲିଂ (ଏମ୍‌ଆର୍‌ଓ) କ୍ଷେତ୍ରକୁ ସହାୟତା ଏବଂ ସକ୍ଷମ କରିବ। ବିମାନ ଚଳାଚଳ ରକ୍ଷଣାବେକ୍ଷଣ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ପ୍ରବର୍ତ୍ତନ ମାଧ୍ୟମରେ ଏଏମ୍‌ଇ ଶିକ୍ଷାର ମାନକୀକରଣ, ଗୁଣାତ୍ମକ ମାନଦଣ୍ଡ ବୃଦ୍ଧି ଏବଂ ଯୁବକମାନଙ୍କ ପାଇଁ ଏମ୍‌ଆର୍‌ଓ କ୍ୟାରିୟରକୁ ଅଧିକ ଆକାଂକ୍ଷୀ କରିବା ଉପରେ ଗୁରୁତ୍ୱ ଦେବ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ ଗତିଶକ୍ତି ବିଶ୍ୱବିଦ୍ୟାଳୟରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ ପରାମର୍ଶ ଦେଇଥିଲେ। ଏଭଳି ପଦକ୍ଷେପ ଦ୍ୱାରା ବାର୍ଷିକ ଅତି କମ୍‌ରେ ୧୦୦୦ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ଏବଂ ଏହି ଲକ୍ଷ୍ୟକୁ ସାକାରକରିବା ପାଇଁ ପର୍ଯ୍ୟାପ୍ତ ପାଣ୍ଠି ସହାୟତା ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ରାମମୋହନ ନାଇଡୁ ତାଙ୍କ ଅଭିଭାଷଣରେ କହିଥିଲେ, ଭାରତର ବିମାନ ଚଳାଚଳ କ୍ଷେତ୍ର ଆଜି ଦେଶର ସବୁଠାରୁ ପ୍ରଗତିଶୀଳ କ୍ଷେତ୍ର, ଯାହା ବାର୍ଷିକ ୧୦ ରୁ ୧୨% ଅଧିକ ହାରରେ ବୃଦ୍ଧି ପାଉଛି। ଆଗାମୀ ୧୫ ବର୍ଷ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆଶା କରାଯାଉଛି। ଏହି ଅବସରରେ ରେଳପଥ ବୋର୍ଡର ଅଧ୍ୟକ୍ଷ ସତୀଶ କୁମାର ଏବଂ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ସଚିବ ସମୀର କୁମାର ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।

# ସବୁଜ ହାଇଡ୍ରୋଜେନ୍ ନୀତି ଘୋଷଣାରେ ଓଡ଼ିଶା ପ୍ରଥମ ରାଜ୍ୟ

ଭୁବନେଶ୍ୱର,୩୧।୩
(ଅନୁରାଧା ମହାରଣା)



ସ୍ଥାୟୀ ଶକ୍ତି ସମାଧାନ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭାହୋଇଛି। ସ୍ଥାୟୀ ଶକ୍ତି ସମାଧାନ ପାଇଁ ଭାରତର ଅନ୍ୱେଷଣକୁ ସମର୍ଥନ ଦେଇ ଓଡ଼ିଶା ସବୁଜ ହାଇଡ୍ରୋଜେନ୍ ନୀତି ଘୋଷଣା କରିଥିବା ପ୍ରଥମ ରାଜ୍ୟ ହୋଇପାରିଛି। ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ସହ ସମନ୍ୱୟ ରଖି ଶିଳ୍ପକ୍ଷେତ୍ରରେ ଡିକାର୍ବନାଇଜେଶନ ଭଳି ପଦକ୍ଷେପ ରାଜ୍ୟର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଭାରତୀୟ ଶିଳ୍ପ ମହାସଂଘର ସଦସ୍ୟ ଏବଂ ନବୀକରଣୀୟ ଶକ୍ତିର ଅନ୍ୟାନ୍ୟ ସଂସ୍ଥା ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି, ଏହି ନୀତି ନବୀକରଣୀୟ ଶକ୍ତି (ଆର୍‌ଇ)ରେ ଗୁରୁତ୍ୱପୂର୍ଣ୍ଣ ନିବେଶକୁ ପ୍ରୋତ୍ସାହନ ଦେବ। ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ ଉପରେ ଗୁରୁତ୍ୱଦେବା ସହ ଏହି ନୀତି ଓଡ଼ିଶାକୁ ସ୍ୱଚ୍ଛ ଶକ୍ତି ନବସୃଜନର କେନ୍ଦ୍ରର ମାନ୍ୟତା ଦେବ। ଓଡ଼ିଶା ବିପର୍ଯ୍ୟୟ-ପ୍ରତିରୋଧୀ ଭିତ୍ତିଭୂମି, ବଣ୍ଟନ କ୍ଷେତ୍ର ସଂସ୍କାର ସହ ବ୍ୟାଟେରି ଶକ୍ତି ସଂରକ୍ଷଣ ପ୍ରଣାଳୀ ସହିତ ସମନ୍ୱିତ ଭାସମାନ ସୌର ଏବଂ ପମ୍ପଡ ଷ୍ଟୋରେଜ ପ୍ରକଳ୍ପ (ପିଏସ୍‌ପି) ଭଳି ପ୍ରକଳ୍ପରେ ନିବେଶ ଉପରେ ଅଧିକ ଗୁରୁତ୍ୱ ଦେଉଛି। ରାଜ୍ୟର ନବୀକରଣୀୟ ଶକ୍ତିନୀତି ୨୦୨୨ କାରଖାନାରୁ ନିର୍ଗତ ଗ୍ୟାସ୍ ହ୍ରାସ କରିବ ବୋଲି ମହାସଂଘ ଆଶା ପ୍ରକାଶ କରିଛି। ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓପିଜିସିଏଲ୍‌ର ସିଏମ୍‌ଡି ଭାସ୍କର ଜ୍ୟୋତି ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌ଇ ଆଣ୍ଡ ଏମ୍‌ସି ସପ୍ତାହରେ ଏମ୍‌ଜିଏମ୍ ମିନେରାଲ୍ସ ପୁରସ୍କୃତ

ଭୁବନେଶ୍ୱର,୩୧।୩
(ଅନୁରାଧା ମହାରଣା)




ଭାରତୀୟ ଖଣି ବ୍ୟୁରୋ (ଆଇବିଏମ୍) ତତ୍ତ୍ୱାବଧାନରେ ୨୭ତମ ଖଣି ପରିବେଶ ଏବଂ ଖଣିଜ ସମ୍ପଦ ସଂରକ୍ଷଣ (ଏମ୍‌ଇ ଆଣ୍ଡ ଏମ୍‌ସି) ସପ୍ତାହ ୨୦୨୫-୨୬ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାରତୀୟ ଖଣି ବ୍ୟୁରୋର ଖଣି ମହାନିୟନ୍ତ୍ରକ ପଙ୍କଜ କୁଲଶ୍ରେଷ୍ଠ ଉପସ୍ଥିତ ଥିଲେ। ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍‌ର ପଟାବେଡ଼ା ଲୌହ ଖଣିକୁ ବନୀକରଣ ନିମନ୍ତେ ପ୍ରଥମ ପୁରସ୍କାର, ସ୍ଥାୟୀ ବିକାଶ ନିମନ୍ତେ ଦ୍ୱିତୀୟ ପୁରସ୍କାର ଏବଂ ସାମଗ୍ରିକ କାର୍ଯ୍ୟଦକ୍ଷତା ନିମନ୍ତେ ଦ୍ୱିତୀୟ ପୁରସ୍କାରରେ ସମ୍ମାନିତ କରାଯାଇଛି। କମ୍ପାନୀ ପକ୍ଷରୁ ଚେୟାରମ୍ୟାନ ପଙ୍କଜ ଲୋଚନ ମହାନ୍ତି ତଥା ଅନ୍ୟ ବରିଷ୍ଠ ଖଣି ଅଧିକାରୀମାନେ ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଭାରତୀୟ ଖଣି ବ୍ୟୁରୋ (ଭୁବନେଶ୍ୱର ଅଚଳ)ର ଅରୁଣ କୁମାର, ଆଞ୍ଚଳିକ ଖଣି ନିୟନ୍ତ୍ରକ, ସଞ୍ଜୀବ କୁମାର ମହାପାତ୍ର, ଆଞ୍ଚଳିକ ଖଣି ଭୂତତ୍ତ୍ୱବିତ୍ ଓ ଅନ୍ୟ ଅଧିକାରୀମାନଙ୍କ ଦ୍ୱାରା ସୁଚାରୁ ରୂପେ ପରିଚାଳନା କରାଯାଇଥିଲା।

# ଇଣ୍ଡିଗୋର ନୂଆ ସିଇଓ ହେଲେ ୱିଲିୟମ ୱାଲ୍ସ

ନୂଆଦିଲ୍ଲୀ,୩୧।୩

ଇଣ୍ଡିଗୋର ନୂଆ ସିଇଓ ହେଲେ ୱିଲିୟମ ୱାଲ୍ସ। ଇଣ୍ଡିଗୋର ମୂଳ କମ୍ପାନୀ ଇଣ୍ଟରଗ୍ଲୋବ ଆଭିଏଶନ ଲିମିଟେଡ୍ ବ୍ରିଟିଶ ଏୟାରୱେଜ୍‌ର ପୂର୍ବତନ ମୁଖ୍ୟ ୱିଲିୟମ ୱାଲ୍ସଙ୍କୁ ଏହାର ନୂତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବରେ ନିଯୁକ୍ତ କରିଛି। ଚଳିତ ମାସ ଆରମ୍ଭରେ ପିଟର ଏଲବର୍ସ ସିଇଓ ପଦରୁ ଇସ୍ତଫା ଦେବା ପରେ ଏହି ନିଯୁକ୍ତି ଘୋଷଣା କରାଯାଇଛି। ବିଶ୍ୱ ଆଭିଏଶନ ଜଗତରେ 'ୱିଲି' ନାମରେ ପରିଚିତ ୱାଲ୍ସଙ୍କ ପାଖରେ ଏହି କ୍ଷେତ୍ରରେ ଦଶନ୍ଧିରୁ ଅଧିକ ସମୟର ନେତୃତ୍ୱ ନେବାର ଅଭିଜ୍ଞତା ରହିଛି। ସେ ବର୍ତ୍ତମାନ ଇଣ୍ଟରନ୍ୟାଶନାଲ ଏୟାର୍ ଟ୍ରାନ୍ସପୋର୍ଟ ଆସୋସିଏଶନର ମହାନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଛନ୍ତି। ତାଙ୍କର ଏହି କାର୍ଯ୍ୟକାଳ ଜୁଲାଇ ୩୧ରେ ଶେଷ ହେବାକୁ ଯାଉଛି। ଅଗଷ୍ଟ ୩ ସୁଦ୍ଧା ଇଣ୍ଡିଗୋରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ସେ ବ୍ରିଟିଶ ଏୟାରୱେଜ୍‌ର ସିଇଓ ଏବଂ ପରେ ଇଣ୍ଟରନ୍ୟାଶନାଲ ଏୟାରଲାଇନ୍ସ ଗ୍ରୁପର ସିଇଓ ଭାବରେ କାର୍ଯ୍ୟ କରିଛନ୍ତି। ଗତ ଡିସେମ୍ବର ମାସରେ ଦେଖାଦେଇଥିବା ବିମାନ ସଙ୍କଟ ପରେ ଦେଶର ସବୁଠାରୁ ବଡ଼ ଏୟାରଲାଇନ୍ସର ସିଇଓ ପଦରୁ ପିଟର ଏଲବର୍ସ ଇସ୍ତଫା ଦେଇଥିଲେ। ୩ ବର୍ଷ ଧରି ସେ ଇଣ୍ଡିଗୋର ନେତୃତ୍ୱ ନେଇଥିଲେ ଏବଂ ତାଙ୍କ କାର୍ଯ୍ୟକାଳ ମଧ୍ୟରେ କମ୍ପାନୀର ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଥିଲା। ଇଣ୍ଡିଗୋର ଚେୟାରମ୍ୟାନ ବିକ୍ରମ ସିଂ ମେହେଟ୍ଟା କହିଛନ୍ତି, ବୃହତ୍ ବିମାନ ସେବା ପରିଚାଳନା ଏବଂ ଜଟିଳ ବଜାର ସ୍ଥିତିକୁ ମୁକାବିଲା କରିବାରେ ୱାଲ୍ସଙ୍କ ଅଭିଜ୍ଞତା ରହିଛି, ଯାହା ଇଣ୍ଡିଗୋର ବିକାଶକୁ ଆହୁରି ସୁଦୃଢ଼ କରିବ। ସେହିପରି ଇଣ୍ଡିଗୋର ପରିଚାଳନା ନିର୍ଦ୍ଦେଶକ ରାହୁଲ ଭାଟିଆ କହିଛନ୍ତି, ୱାଲସଙ୍କ ଗ୍ରାହକକେନ୍ଦ୍ରିକ ବିମାନ ସେବାରେ ବିଶେଷ ଦକ୍ଷତା ରହିଛି। ୱିଲିୟମ ୱାଲ୍ସ କହିଛନ୍ତି, ବର୍ତ୍ତମାନ ଆଭିଏଶନ କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ହେଉଛି ଏବଂ ଇଣ୍ଡିଗୋ ଏହାର ଆଗଧାଡ଼ିରେ ରହିଛି। ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବରେ ସେ କମ୍ପାନୀର ବ୍ୟାବସାୟିକ ରଣନୀତି ପ୍ରସ୍ତୁତ କରିବା ସହ ଅପରେଶନାଲ ପ୍ରଦର୍ଶନକୁ ସୁଦୃଢ଼ କରିବା, ନେଟ୍‌ୱର୍କର ବିସ୍ତାର ଏବଂ ଗ୍ରାହକଙ୍କ ଅଭିଜ୍ଞତାକୁ ଉନ୍ନତ କରିବା ଉପରେ ଗୁରୁତ୍ୱ ଦେବେ।

# ଓ.ପି. ଜିନ୍ଦଲଙ୍କ ପୁଣ୍ୟ ତିଥିରେ କଲ୍ୟାଣକାରୀ କାର୍ଯ୍ୟକ୍ରମ

ଅନୁଗୋଳ,୩୧।୩
(ଜ୍ୟୋତିରଞ୍ଜନ ସାହୁ)


ରକ୍ତଦାନ ଶିବିରକୁ ଅଧିକାରୀମାନେ ଉଦ୍‌ଘାଟନ କରୁଛନ୍ତି।

ଓ. ପି. ଜିନ୍ଦଲ ଗ୍ରୁପ୍‌ର ପ୍ରତିଷ୍ଠାତା ଓ. ପି. ଜିନ୍ଦଲଙ୍କ ୨୧ତମ ପୁଣ୍ୟତିଥି ଅନୁଗୋଳ ଜିନ୍ଦଲନଗରଠାରେ ପାଳିତ ହୋଇଯାଇଛି। ଜିନ୍ଦଲ ଷ୍ଟିଲ୍‌ର ଅନୁଗୋଳ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ. ବିଜୁ ନାୟାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆଇରନ ଜୋନ୍) ଦାମୋଦର ମିତ୍ତଲ, ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ସମେତ କର୍ମଚାରୀ, କର୍ମବୀର ଏବଂ ସମ୍ପ୍ରଦାୟ ସଦସ୍ୟମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ଅବସରରେ ଜିନ୍ଦଲ ଷ୍ଟିଲ୍‌ର ସାମାଜିକ ଦାୟିତ୍ୱ ଶାଖା ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରି ବ୍ଲଡ୍ ବ୍ୟାଙ୍କ ଏବଂ ଜିଲା ମୁଖ୍ୟ ଡାକ୍ତରଖାନା ସହାୟତାରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୩୮୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହାସହ ଜିନ୍ଦଲ ଫାଉଣ୍ଡେଶନ ଅନୁଗୋଳର ଅବହେଳିତ ଏବଂ ଦିବ୍ୟାଙ୍ଗ ପିଲାମାନଙ୍କ ସେବା କରୁଥିବା ଆଶ୍ରୟସ୍ଥଳୀ, ଅନୁଷ୍ଠାନ ଏବଂ ଗୋଶାଳା ସମେତ ବିଭିନ୍ନ ସାମାଜିକ ସଙ୍ଗଠନକୁ ସହାୟତା ପ୍ରଦାନ କରାଯାଇଥିଲା।

# ନୂଆ ରୟାଲ ଏନ୍‌ଫିଲ୍ଡ ଗରିଲା ୪୫୦ର ବଜାର ପ୍ରବେଶ

ଭୁବନେଶ୍ୱର,୩୧।୩
(ଅନୁରାଧା ମହାରଣା)




ଭୁବନେଶ୍ୱର ଲୁଇସ୍‌ରୋଡ୍‌ସ୍ଥିତ ଜୟବାବା ଅଟୋମୋବାଇଲ୍ସରେ ରୟାଲ ଏନ୍‌ଫିଲ୍ଡର ଗରିଲା ୪୫୦ର ବଜାର ପ୍ରବେଶ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରସିଦ୍ଧ ରାଇଡର ଡ. କୀର୍ତ୍ତିକେତନ ପ୍ରଧାନ, ସାତ୍ତ୍ୱିକ ସାମଲ, ଡିଲର ପ୍ରିନ୍ସିପାଲ ହର୍ଷିତ ଲୋଧା ଏବଂ ସତ୍ୟ ଧଳ ଉପସ୍ଥିତ ଥିଲେ। ହର୍ଷିତ ଲୋଧା କହିଛନ୍ତି, ଆପେକ୍ସ ରେଡ୍, ଆପେକ୍ସ ବ୍ଲାକ୍ ଏବଂ ଆପେକ୍ସ ଗ୍ରୀନ୍ ଆଦି ୩ ରଙ୍ଗରେ ସହ ହ୍ୱାଇଲାଇଟ ବ୍ଲୁ ମଧ୍ୟ ଲଞ୍ଚ ହୋଇଛି। ଆପେକ୍ସ ରେଡ୍ ଭାରିଆଣ୍ଟର ଏକ୍ସ-ଶୋ'ରୁମ୍ ମୂଲ୍ୟ ୨.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି ଏବଂ ସବୁଠୁ ଦାମୀ ବ୍ରାଭା ବ୍ଲୁ ଭାରିଆଣ୍ଟର ମୂଲ୍ୟ ୨.୭୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି।

# ଡା. ଲକ୍ଷ୍ମୀକାନ୍ତ ନନ୍ଦ ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ଚିକିତ୍ସକ ନିଯୁକ୍ତ

ଭୁବନେଶ୍ୱର,୩୧।୩
(ଅନୁରାଧା ମହାରଣା)

ଓଡ଼ିଶାର ବିଶିଷ୍ଟ ହୋମିଓପ୍ୟାଥିକ ଚିକିତ୍ସାବିତ୍ ତଥା ଭୁବନେଶ୍ୱରସ୍ଥିତ ଡା. ଅଭିନ୍ନ ଚନ୍ଦ୍ର ହୋମିଓପ୍ୟାଥିକ ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ଓ ପ୍ରଫେସର, ଡା. ଲକ୍ଷ୍ମୀକାନ୍ତ ନନ୍ଦ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅବୈତନିକ ବ୍ୟକ୍ତିଗତ ଚିକିତ୍ସକ ଭାବେ ନିଯୁକ୍ତି ପାଇଛନ୍ତି। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସାରା ଓଡ଼ିଶାରେ ଖୁସିର ଲହରି ଖେଳିଯାଇଛି। ଜଗତ୍‌ସିଂହପୁର ଜିଲା ମୁଦିପୁର ପଞ୍ଚାୟତର ବିଶିଷ୍ଟ କବିରାଜ ବୈକୁଣ୍ଠ ନନ୍ଦଙ୍କ ବଡ଼ ପୁଅ ହେଉଛନ୍ତି ଡା. ଲକ୍ଷ୍ମୀକାନ୍ତ ନନ୍ଦ। ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଫେସର ନନ୍ଦ ଆୟୁଷ ରିସର୍ଚ୍ଚ ଆଣ୍ଡ ଡେଭଲେପମେଣ୍ଟ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରି ଆସୁଥିଲେ।

# ଡିଜିପିନ୍ ବ୍ୟବସ୍ଥା ଆପଣାଇଲା ଟିପିସିଓଡିଏଲ୍

ଭୁବନେଶ୍ୱର,୩୧।୩
(ଅନୁରାଧା ମହାରଣା)

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍), ଭାରତର ପ୍ରଥମ ପାୱାର ୟୁଟିଲିଟି ଭାବେ ଡିଜିପିନ୍ ବ୍ୟବସ୍ଥାକୁ ଆପଣାଇଛି। ଦେଶର ଏହି ଅତ୍ୟାଧୁନିକ ଡିଜିଟାଲ୍ ଆଡ୍ରେସିଂ ସିଷ୍ଟମକୁ ଗ୍ରହଣକରି ଟିପିସିଓଡିଏଲ୍ ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଡିଜିଟାଲ୍ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକ୍ଚର (ଡିପିଆଇ)ର ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି। ଭାରତୀୟ ଡାକ ବିଭାଗ, ଭାରତୀୟ ମହାକାଶ ଗବେଷଣା ସଂଗଠନ(ଇସ୍ରୋ) ଏବଂ ଆଇଆଇଟି ହାଇଦ୍ରାବାଦର ମିଳିତ ସହଯୋଗରେ ବିକଶିତ ଏହି ଡିଜିପିନ୍, ଜଟିଳ ଲାଟିଚ୍ୟୁଡ୍-ଲଙ୍ଗିଚ୍ୟୁଡ୍ ସ୍ଥାନାଙ୍କ ବଦଳରେ ଏକ ସରଳ ୧୦ ଅଙ୍କ ବିଶିଷ୍ଟ ଆଲଫାନିୟୁମେରିକ କୋଡ୍ ବ୍ୟବହାର କରେ। ଏହି ନୂତନ ବ୍ୟବସ୍ଥା ଦ୍ୱାରା ଅତି ସଠିକ ଏବଂ ସହଜ ଭାବେ ସ୍ଥାନ ଚିହ୍ନଟ କରାଯାଇପାରିବ, ଯାହାକି ସ୍ୱଳ୍ପ କନେକ୍ଟିଭିଟି ଥିବା ଅଞ୍ଚଳରେ ମଧ୍ୟ କାର୍ଯ୍ୟକ୍ଷମ ହେବ ଏବଂ ଶାସନ ବ୍ୟବସ୍ଥା ଓ ସେବା ପ୍ରଦାନ କ୍ଷେତ୍ରରେ ଏକ ପରିବର୍ତ୍ତନ ଆଣିବ। ଏହି ନୂତନ ସଂଯୋଗୀକରଣ ଦ୍ୱାରା ନେଟ୍‌ୱର୍କର ସ୍ଥିତି ସ୍ପଷ୍ଟ ଭାବେ ଜଣାପଡ଼ିବ, ଫିଲ୍ଡ କାର୍ଯ୍ୟଗୁଡ଼ିକ ସରଳ ହେବ ଏବଂ ରକ୍ଷଣାବେକ୍ଷଣ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହେଲେ ଅତି କମ୍ ସମୟ ମଧ୍ୟରେ ସେବା ଯୋଗାଇ ଦିଆଯାଇପାରିବ। ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଏହାଦ୍ୱାରା ଆମେ ନ୍ୟାଶନାଲ ଆଡ୍ରେସିଂ ଗ୍ରୀଡ୍ ସହ ସାମିଲ ହୋଇପାରିବୁ ଏବଂ ତଥ୍ୟଭିତ୍ତିକ ନିଷ୍ପତ୍ତି ଗ୍ରହଣ କରି ଉପଭୋକ୍ତାମାନଙ୍କୁ ବିଶ୍ୱସନୀୟ ଓ ଉନ୍ନତ ସେବା ପ୍ରଦାନ କରିବୁ।

# ଅନନ୍ତ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ

ତାଳଚେର,୩୧।୩ (ମନୋଜ ନନ୍ଦ)




ଅନୁଗୋଳ ଜିଲା ତାଳଚେରସ୍ଥିତ ମହାନଦୀ କୋଲ୍ ଫିଲ୍ଡ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ଅନନ୍ତ ବିହାର ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ତଥା ଲୋକାଲ ମ୍ୟାନେଜିଂ କମିଟିର ଚେୟାରମ୍ୟାନ ଅଶୋକ କୁମାର ଧଳ ମୁଖ୍ୟ ଅତିଥି ଭାବେ ସମ୍ମାନିତ ଅତିଥି ଭାବେ ଜଗନ୍ନାଥ କ୍ଷେତ୍ର ଅନନ୍ୟା ମହିଳା ମଣ୍ଡଳ ଅଧ୍ୟକ୍ଷା ସୁସ୍ମିତା ଧଳ ଓ ଅନ୍ୟତମ ଅତିଥି ଭାବେ ଏମ୍‌ସିଏଲ୍ ଅନନ୍ତ ଓସିପି ପ୍ରକଳ୍ପ ଅଧିକାରୀ ଅକ୍ଷୟ କୁମାର ଦାଶ, ଅନନ୍ୟା ମହିଳା ମଣ୍ଡଳ ସମ୍ପାଦିକା ଇପାଲି ଅପରାଜିତା ଦାଶ, ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ରର ପରସୋନେଲ ମ୍ୟାନେଜର ନରେଶ ମିଞ୍ଜିୟାଲା, ଏରିଆ ଫାଇନାନ୍ସ ମ୍ୟାନେଜର ପ୍ରଦୀପ କୁମାର ସାହୁ, ଜଗନ୍ନାଥ କ୍ଷେତ୍ରର ଷ୍ଟାଫ୍ ଅଫିସର ମାନିକ ଗର୍ଗ, ଜଗନ୍ନାଥ କ୍ଷେତ୍ରର ଆସିଷ୍ଟାଣ୍ଟ ମ୍ୟାନେଜର ନିହାର ରଞ୍ଜନ ପ୍ରଧାନ, ଡିଏଭି ହାୟର ସେକେଣ୍ଡାରି ସ୍କୁଲ ଟିଟିପିଏସ୍ ଅଧ୍ୟକ୍ଷା ତଥା ଆଞ୍ଚଳିକ ସହ ଅଧିକାରୀ ଜ୍ୟୋତି ମିଶ୍ର, ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁ, ଡିଏଭି ପବ୍ଲିକ ସ୍କୁଲ ଟିଟିପିଏସ୍ ଅଧ୍ୟକ୍ଷ ସମୀର କାନୁନ୍‌ଗୋ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଶୁଭେନ୍ଦୁ ଶେଖର ବୋଷ ବାର୍ଷିକ ବିବରଣୀ ପଠନ କରିଥିଲେ। ବାର୍ଷିକ ମୁଖପତ୍ର 'ଜାଗୃତି' ଉନ୍ମୋଚନ କରାଯାଇଥିଲା।

# ଗିଫ୍ଟରେ 'କର୍ମକ୍ଷେତ୍ରରେ ଭବିଷ୍ୟତ: ଚ୍ୟାଲେଞ୍ଜ' ସମ୍ମିଳନୀ

ଭୁବନେଶ୍ୱର,୩୧।୩(ଅନୁରାଧା ମହାରଣା)

ଭୁବନେଶ୍ୱରର ଗିଫ୍ଟ କଲେଜର ଏମ୍‌ବିଏ ବିଭାଗ ପକ୍ଷରୁ 'କର୍ମକ୍ଷେତ୍ରରେ ଭବିଷ୍ୟତ: ଚ୍ୟାଲେଞ୍ଜ' ବିଷୟବସ୍ତୁ ଉପରେ ଏକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ସମ୍ମାନିତ ଅତିଥି ସୁନୀଲ କୁମାର ମହାପାତ୍ର କହିଥିଲେ, ଦ୍ରୁତ ପ୍ରଯୁକ୍ତିବିଦ୍ୟା ପ୍ରଗତି ଯୋଗୁଁ କ୍ଷେତ୍ର-ନିର୍ଦ୍ଦିଷ୍ଟ ଚାକିରି ଭୂମିକା ନିରନ୍ତର ବିକଶିତ ହେଉଛି। ମୁଖ୍ୟବକ୍ତା ପ୍ରଫେସର ଏଲ୍.କେ. ଜେନା କାର୍ଯ୍ୟ ସଂସ୍କୃତି ସଂଗଠନାତ୍ମକ ପରିବେଶକୁ ଆକାର ଦିଏ ବୋଲି କହିଥିଲେ। ମୁଖ୍ୟ ଅତିଥି ଡ. ଦେବବ୍ରତ ଦାଶ କହିଥିଲେ, ଏଆଇ ଦକ୍ଷତା ବୃଦ୍ଧି କରେ । ଡ. ବି.କେ. ସୁନ୍ଦରାୟଙ୍କ ଅଧ୍ୟକ୍ଷତା କରିଥିଲେ। ଶେଷ ଅଧିବେଶନରେ ମୁଖ୍ୟ ଅତିଥି ତଥା ଓଏଚ୍‌ପିସି(ଏଚ୍‌ଆର୍)ର ନିର୍ଦ୍ଦେଶକ ସନ୍ଦୀପ ପଟ୍ଟନାୟକ, ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।


**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Odisha Coal and Power Limited — OCPL
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**NOTICE INVITING TENDER**

**NIT No : OCPL/MCMP/SER-208/2026** **Date : 01/04/2026**

Bids in prescribed format are invited in www.tendersodisha.gov.in from the Agency for the following work:

| Sl. No. | Name of the work | Cost of Tender Paper | Issue of Tender Document | Last Date of bid Submission | Bid Opening date |
|---|---|---|---|---|---|
| 1 | Construction of Toilet Block in High School at Kanaktora, Laikera and at GP Hemgir, Sundargarh, Odisha | Nil | 01/04/2026 3.00 P.M. | 27/04/2026 5.00 P.M. | 29/04/2026 At 03:30 P.M. |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., www.tendersodisha.gov.in or may refer our website i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

**Sd./- Sr. Manager (Contract and Commercial)**

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Odisha Coal and Power Limited — OCPL
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**SHORT TENDER NOTICE**

**NIT No : OCPL/SER-216_1/2026** **Date : 01/04/2026**

Sealed bids in prescribed format are invited from Companies / firms / agencies for the following work:

| Sl. No. | Name of the work | Cost of Tender Paper | Issue of Tender Document | Last date & Time of Submission of bid | Date & Time of Opening of Techno-Commercial of bid |
|---|---|---|---|---|---|
| 1 | Transportation of Coal from Manoharpur Coal Mines to NTPC, Darlipali, Sundargarh by Road | Rs.11,800/- (Rupees Eleven Thousand and Eight Hundred only) including GST. | 01/04/2026 | 05:00 PM on 08/04/2026 | 03:30 PM on 09/04/2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., www.tendersodisha.gov.in or may refer our website i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

**Sd./- Chief Operating Officer**

Leadership and beyond
दि न्यू इन्डिया एश्योरन्स कंपनी लिमिटेड
The New India Assurance Co. Ltd
India's Premier Multinational General Insurance Company
ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍:୦୬୭୪-୨୫୪୫୪୬୭

**ସଂଶୋଧନ ପତ୍ର:**
**ଇ-ଟେଣ୍ଡର ନିମନ୍ତେ ବିଡ୍ ଦାଖଲର ଅନ୍ତିମ ତାରିଖ ବୃଦ୍ଧି**

ଇ-ଟେଣ୍ଡର (ବିଜ୍ଞାପନ ନଂ. ଭୁବନେଶ୍ୱର ଆରଓ/ଇଏସ୍‌ଟିବି/ ଭଦ୍ରକ ବିଓ/ ଇଣ୍ଟେରିୟର ସିଭିଲ ଆଣ୍ଡ ଇଲେକ୍ଟ୍ରିକାଲ ୱାର୍କ/୫୫୦୮୦୧) ଯାହାକି ଏହି ବିଭାଗ ଦ୍ୱାରା ତା୧୬.୦୨.୨୦୨୬ରିଖରେ ଜାରି କରାଯାଇଥିଲା। ତଦନୁଯାୟୀ ସମସ୍ତ ସମ୍ଭାବ୍ୟ ବିଡରମାନଙ୍କୁ ଜଣାଇ ଦିଆଯାଉଛି କି, ବିଭାଗ ତରଫରୁ ନିମ୍ନମତେ ଇ-ଟେଣ୍ଡର ନିମନ୍ତେ ବିଡ୍ ଦାଖଲର ଅନ୍ତିମ ତାରିଖ ବୃଦ୍ଧି କରାଗଲା।

| ବିବରଣୀ | ମୂଳ ତାରିଖ | ସଂଶୋଧିତ ତାରିଖ |
|---|---|---|
| ବିଡ୍ ଦାଖଲର ସମାପ୍ତି ତାରିଖ | ୩୦.୦୩.୨୦୨୬ ଅପରାହ୍ନ ୫ ଘଟିକା | ୦୬.୦୪.୨୦୨୬ ଅପରାହ୍ନ ୫ ଘଟିକା |
| ବିଡ୍ ଖୋଲାଯିବା ତାରିଖ | ୩୧.୦୩.୨୦୨୬ ପୂର୍ବାହ୍ନ ୧୧ ଘଟିକା | ୦୭.୦୪.୨୦୨୬ ପୂର୍ବାହ୍ନ ୧୧ ଘଟିକା |

ବିଡରମାନେ ଟେଣ୍ଡର କାଗଜାତ୍ ଆମର ୱେବ୍‌ସାଇଟ୍: www.tenderwizard.com/NIAEPROCରୁ ଡାଉନଲୋଡ୍ କରିପାରିବେ।

ସ୍ୱା/- ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର

**OFFICE OF THE DEAN & PRINCIPAL,**
**MAHARAJA KRISHNA CHANDRA GAJAPATI MEDICAL COLLEGE**
**BRAHMAPUR-760 004, GANJAM, ORISSA.**
No.3845/MCB-26/Welfare/ Berhampur dated the 26th March, 2026

**TENDER CALL NOTICE**

No. 10001/155/2526:- Sealed Tenders are invited from the Registered, Rate Contract holding firms having valid GST Registration/Number for supply of **"Fire Extinguisher" & filling up of existing Extinguisher for MKCG Medical College & Hospital, Berhampur"** so as to reach in the office of the undersigned within FIFTEEN days from the date of publication of the advertisement following the terms & conditions. The detailed Tender Paper, Terms & Conditions along with list of articles to be supplied can be obtained from the details available in the website, www.mkcgmch.org

E.O.M
Sd./- Dean & Principal
OIPR-10001/10013/1/25-26/0019 **MKCG Medical College, Berhampur**

**OFFICE OF THE SUPERINTENDING ENGINEER**
**ANGUL IRRIGATION DIVISION, ANGUL**
**Email: eeangulirrigation@gmail.com**
**Quotation Call Notice No. 15 /25-26 Dated.26.03.2026**
**for hiring of private vehicle**

No. 32001/277/2526:- Sealed quotations are invited from interested reputed Travel Agencies/ Tour Operators/ private individuals for providing four no. of AC Diesel driven vehicles of TUV 300/Bolero Neo / Sumo Gold / Ertiga / Innova / Scorpio having sitting capacity not more than ten including driver, which shall conform to the terms and conditions (Appendix -A enclosed in the booklet) for official use in the O/o the **1)** Additional Chief Engineer, Angul Irrigation Circle, Angul, **2)** Superintending Engineer, Angul Irrigation Division, Angul, **3)** Assistant Executive Engineer, Derjang- Aunli Sub Division, Angul & Assistant Executive Engineer, Flood Sub Division, Angul under Angul Irrigation Division, Angul, and 4) Assistant Executive Engineer, Manjore Irrigation Sub Division, Athamallik & Assistant-Executive Engineer, Sapua Badjore Irrigation Sub Division, Satmile under Angul Irrigation Division, Angul on monthly rent basis respectively.

**1)** The application form of quotation containing General Bid Information & Terms and Conditions for hiring of Vehicle etc. will be available with the Cashier of this office & can be obtained from Dtd.31.03.2026 at 10.00 AM to Dtd.06.04.2026 by 3.00PM on the working days during working hours on payment of Rs. 1000/- (Rupees one thousand) only per set. **2)** The completed quotation in all respect should reach the undersigned on or before Dtd.06.04.2026 by 3.00PM and shall be opened on the same day at 4.00 PM in presence of the bidders or their authorized representatives who wish to be present. **3)** The Authority reserves the right to cancel or reject quotation call notice without assigning any reason thereof.

**Sd./- Superintending Engineer**
OIPR-32001/32049/1/25-26/0003 **Angul Irrigation Division, Angul**

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**VACANCY**
Required Mech./Elec. Degree Engg, pass out before year 2015. Send Biodata - inforaipur2022@gmail.com
**Contact : 6261272838**

**VACANCY**
Required ITI/12th pass for a Engineering Servicing Company at Mumbai/ Odisha, email - career.solasmar@gmail.com
**Mob. - 9267968727**

See Career Appointment on every **Wednesday & Saturday**

**WANTED**
**Krishna Teja Construction**
Wanted **Civil Engineer** with 3 to 5 years Experience.
Languages Must : Telugu, Hindi, English
**Call : 9000219239**

**UTKAL UNIVERSITY**
**VANI VIHAR,**
**BHUBANESWAR-751004**
UTKAL UNIVERSITY NAAC ACCREDITED A+

**Walk-In-Interview for Empanelment of Human Resources under RUSA 2.0 Project**

**No.:DRS/RUSA-1041-2016(HR)/3642/2026** **Date: 31.03.2026**

Utkal University Invites applications for the following contractual position **(One-year Contract)** in Vani Vihar and Rural Campus under RUSA 2.0 Project.

The engagement under the advertised positions will be on purely temporary basis for a period of 1 (one) year from the date of engagement, which may be extended, at the sole discretion of the University, depending on Project requirement.

**PR and Media Cell**

| Sl. No. | Position | Remuneration (in/month) | No. of Position | Date of Interview and Time |
|---|---|---|---|---|
| 1 | Public Relation Officer/ Documentation Officer | **Rs. 50,000/-** only (Consolidated) | 1 | Shall be Communicated Later |

Please visit **www.utkaluniversity.ac.in** for detailed Notification, eligibility criteria and terms of reference, job descriptions and conditions along with the application form and other details.

Candidates fulfilling the requirements in the Notification and desirous of appearing for the Walk-in Interview may apply by sending in the completed application form to **rusa.utkal@gmail.com** on or before **09.04.2026.**

Candidates may walk in for the Interview with hard copy of the application, self-attested photocopies of mark-sheets, certificates, and other relevant documents in support of applications on the date of interview, which shall be communicated later.

University reserves the right to cancel/amend the advertisement without assigning any reason. No. TA/DA will be paid for attending the interview.

**Sd/- REGISTRAR**


ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଦର୍ଶନ ପାଇଁ ଗୋପାଳପ୍ରସାଦ ଅଞ୍ଚଳ ଶ୍ରଦ୍ଧାଳୁମୟ।


ମା'ଙ୍କ ନବକଳେବର ବା ପାଟବରୀ ଉତ୍ସବ ପାଳନ କରାଯାଉଛି।


ଲୋକ ମହୋତ୍ସବ ଉଦ୍‌ଘାଟନୀ ମଞ୍ଚରେ ଅତିଥିମାନେ।

# ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ନବଦିନାତ୍ମକ ଯାତ୍ରା ଆରମ୍ଭ

**ତାଳଚେର,୩୧।୩(ମନୋଜ ନନ୍ଦ)**


ମା'ଙ୍କ ଉଭାସ୍ଥଳୀରେ ପୂଜାର୍ଚ୍ଚନା ଚାଲିଛି।

■ ଲୋକାରଣ୍ୟ ଗୋପାଳପ୍ରସାଦସ୍ଥିତ ପୀଠ ଓ ଉଭାସ୍ଥଳୀ
■ ୪ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ନବଦିନାତ୍ମକ ବାର୍ଷିକ ଯାତ୍ରା ଓ ୨୨ତମ ଲୋକ ମହୋତ୍ସବ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଥିସହିତ ମା' ହିଙ୍ଗୁଳାଙ୍କ ନବ କଳେବର ତଥା ପାଟବରୀ ଉତ୍ସବ ମଧ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରାର ପ୍ରଥମ ଦିନରେ ପ୍ରାୟ ୪ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ।

ଚଳିତବର୍ଷ ଅଗ୍ନିରୂପା ମା' ହିଙ୍ଗୁଳା ମନ୍ଦିରର ପୂର୍ବ ଦିଗରେ ପ୍ରାୟ ୨୦୦ ମିଟର ଦୂର ଅରା ବାଉଁଶ ଜଙ୍ଗଲ ନିକଟରେ ଆବିର୍ଭାବ ହୋଇଛନ୍ତି। ମା'ଙ୍କ ପ୍ରତ୍ୟକ୍ଷ ଦର୍ଶନ କରିବା ପାଇଁ ଉଭାସ୍ଥଳୀକୁ ବଡି ଭୋରରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ସକାଳେ ସମାନ୍ୟ ବର୍ଷା ହୋଇଥିଲେ ମଧ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଥିଲା। ପ୍ରତ୍ୟୁଷରୁ ମା' ହିଙ୍ଗୁଳାଙ୍କ ମଙ୍ଗଳ ଆଳତି, ବାଲ ଭୋଗ ଆଦି ନୀତି ପାରମ୍ପରିକ ରୀତିନୀତି ଅନୁଯାୟୀ ସମ୍ପନ୍ନ କରାଯାଇଥିଲା। ଏହାପରେ ମା' ହିଙ୍ଗୁଳାଙ୍କ ନବକଳେବର ଓ ପାଟବରୀ ପୂଜା କରାଯାଇ ଚଳନ୍ତି ପ୍ରତିମା ଆଲମକୁ ଉଭାସ୍ଥଳୀକୁ ନିଆଯାଇଥିଲା। ସେଠାରେ ଦେହୁରୀ ଶାବରୀ ମନ୍ତ୍ରରେ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ଖରା ଓ ଗରମରୁ ଭକ୍ତମାନଙ୍କୁ ସୁରକ୍ଷା ଦେବା ପାଇଁ ଉଭାସ୍ଥଳୀ ଓ ମନ୍ଦିର ଚତୁଃପାର୍ଶ୍ୱକୁ କପଡ଼ା ଦ୍ୱାରା ସିଲିଂ କରାଯାଇଥିଲା। ଚଳିତବର୍ଷ ଉଭାସ୍ଥଳୀରେ ୨ଟି ବିଶାଳ ବିଶ୍ରାମାଗାର ନିର୍ମାଣ କରାଯାଇଛି। ଉଭାସ୍ଥଳୀ ଓ ମନ୍ଦିରରେ ସ୍ୱତନ୍ତ୍ର ବ୍ୟାରିକେଡ଼ କରାଯାଇ ଦର୍ଶନ ବ୍ୟବସ୍ଥା କରାଯାଇଛି। ଭକ୍ତମାନେ ମା' ଅଗ୍ନିରୂପାଙ୍କୁ ନଡ଼ିଆ, କଦଳୀ, ଗୁଡ଼, ଘିଅ, ସିନ୍ଦୂର, ଚୁଡ଼ି, ଛିଟ, ପୁଷ୍ପ ଆଦି ଭୋଗ ଅର୍ପଣ କରିଥିଲେ। ଜିଲା ପ୍ରଶାସନ ସହ ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ପୂର୍ବତନ ସଦସ୍ୟମାନଙ୍କ ସକ୍ରିୟ ସହଭାଗିତାରେ ମା'ଙ୍କ ଏହି ଅନନ୍ୟ ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଆରମ୍ଭ ହୋଇଥିଲା ବେଳେ ଏପ୍ରିଲ ୮ ତାରିଖ ଦିନ ମା'ଙ୍କ ଏହି ପ୍ରସିଦ୍ଧ ଯାତ୍ରା ସମାପନ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏମ୍‌ସିଏଲ୍ ଅଧ୍ୟକ୍ଷ ଉଦୟ ଅନନ୍ତ କାଓଲେ ଯୋଗଦେଇ ମା' ହିଙ୍ଗୁଳାଙ୍କୁ ଦର୍ଶନ କରିଥିଲେ।

## ମନ୍ଦିର ଓ ଉଭାସ୍ଥଳୀରେ କେନ୍ଦ୍ରମନ୍ତ୍ରୀଙ୍କ ପୂଜାର୍ଚ୍ଚନା

**ତାଳଚେର,୩୧।୩ (ମନୋଜ ନନ୍ଦ)**

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପବିତ୍ର ନବଦିନାତ୍ମକ ଯାତ୍ରା ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସପରିବାର ମନ୍ଦିରରେ ପହଞ୍ଚି ମା'ଙ୍କୁ ଦର୍ଶନ କରିବା ସହ ଉଭାସ୍ଥଳୀରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଅନୁଗୋଳ ମାଟିର ଶ୍ରୀବୃଦ୍ଧି ସହ ମା'ଙ୍କ କରୁଣାରୁ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସଂକଳ୍ପ ସାକାର ହେଉ ବୋଲି ପ୍ରାର୍ଥନା କରିଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ମା'ଙ୍କ ପୀଠରେ ସ୍ୱଚ୍ଛତା କାର୍ଯ୍ୟରେ ସାମିଲ ହୋଇଥିଲେ। ପରିବେଶକୁ ସୁନ୍ଦର ଓ ସ୍ୱଚ୍ଛ ରଖିବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହାସହ ଯାତ୍ରାକୁ ଆସିଥିବା ଶ୍ରଦ୍ଧାଳୁମାନଙ୍କୁ ଅନ୍ନ ପ୍ରସାଦ ବିତରଣ କରିବା ସହ ଅନ୍ୟାନ୍ୟ ସେବା କାର୍ଯ୍ୟରେ ସାମିଲ ହୋଇଥିଲେ। ତାଙ୍କ ସହିତ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ସାମିଲ ଥିଲେ।

## ଅନ୍ନପ୍ରସାଦ ବିତରଣ କଲେ ସ୍ୱେଚ୍ଛାସେବୀ

ହିଙ୍ଗୁଳା ଯାତ୍ରା ଅବସରରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଭକ୍ତମାନଙ୍କୁ ଅନ୍ନପ୍ରସାଦ ବିତରଣ କରାଯାଇଥିଲା। ଆଞ୍ଚଳିକ ଠିକା ମଜଦୁର ସଂଘ ତାଳଚେର, ମହାନଦୀ କୋଲ୍‌ଫିଲ୍ଡସ୍ ଠିକାଦାର ଶ୍ରମିକ ସଂଘ ଏବଂ କଣିହାଁ ବ୍ଲକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘ, ମହେଶ କୁମାର ଅଗ୍ରୱାଲ, ମା ହିଙ୍ଗୁଳା ଅନ୍ନବସ୍ତ୍ର କମିଟି ଆଦି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅନ୍ନପ୍ରସାଦ ବିତରଣ କରାଯାଇଥିଲା। ସେହିପରି ହିଙ୍ଗୁଳା କୋଇଲାଖଣି କର୍ମଚାରୀ ସଙ୍ଗଠନ, ପ୍ରତିଭା ମହିଳା ମଣ୍ଡଳ, ହିଙ୍ଗୁଳା ଟ୍ରକ୍ ମାଲିକ ସଂଘ, ଗୋପାଳପ୍ରସାଦ ଟ୍ରକ୍ ମାଲିକ ସଂଘ ସମେତ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ଥଣ୍ଡା ପାନୀୟ ବଣ୍ଟନ କରାଯାଇଥିଲା।

## ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା

ହିଙ୍ଗୁଳା ଯାତ୍ରାର ପ୍ରଥମ ଦିବସରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ୯ ଦିନ ଧରି ଯାତ୍ରାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଉଭୟ ମନ୍ଦିର ଓ ଉଭାସ୍ଥଳୀରେ ସିସିଟିଭି କ୍ୟାମେରା ଲଗାଯାଇ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ ନିରୀକ୍ଷଣ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁମାନଙ୍କୁ ସୂଚନା ପ୍ରଦାନ କରିବା ପାଇଁ ଉଭୟ ଉଭାସ୍ଥଳ ଓ ମନ୍ଦିର ପରିସରରେ ସୂଚନା କେନ୍ଦ୍ର ଖୋଲାଯାଇଛି। ଶ୍ରଦ୍ଧାଳୁମାନଙ୍କ ଭିଡ଼ କମାଇବା ପାଇଁ ବିଭିନ୍ନ ଛକ ରାସ୍ତାରେ ବ୍ୟାପକ ପୋଲିସ ମୁତୟନ, ଦୁର୍ଘଟଣା ଏଡ଼ାଇବାକୁ ୱାନ୍ ୱେ ଟ୍ରାଫିକ ବ୍ୟବସ୍ଥା, ମା' କରଡେଇ ପୀଠ ନିକଟସ୍ଥ ପଡ଼ିଆ ଓ ଗଜରାଜ ଷ୍ଟାଡିୟମରେ ଗାଡି ପାର୍କିଂ ବ୍ୟବସ୍ଥା କରାଯାଇଛି।

## ଲୋକ ମହୋତ୍ସବ ଉଦ୍‌ଘାଟିତ

ମା'ଙ୍କ ଉଭାସ୍ଥଳୀ ନିକଟରେ ବିଭିନ୍ନ ଭଜନ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଉଛି। ଫଳରେ ଏହା ଭକ୍ତଙ୍କ ମଧ୍ୟରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରୁଛି। ସେହିପରି ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଲୋକ ମହୋତ୍ସବ ଅନୁଷ୍ଠିତ ହେଉଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଦୈନିକ ଏହି ଲୋକ ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପ୍ରତିଭାବାନ କଳାକାର ଯୋଗଦେଇ ନିଜ ପ୍ରତିଭାର ପରାକାଷ୍ଠା ପ୍ରଦର୍ଶନ କରିବେ ବୋଲି ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

## କୋଇଲା ଟ୍ରକ୍ ଚଳାଚଳକୁ ବିରୋଧ ପାଇଁ ଶପଥ

**ଛେଣ୍ଡିପଦା,୩୧।୩ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦାସ୍ଥିତ ନୟନୀ କୋଇଲା ଖଣିରୁ ଗାଁ ଦେଇ କୋଇଲା ପରିବହନକୁ ତେନ୍ତୁଲୋଇ ଗ୍ରାମବାସୀ ବିରୋଧ କରିବା ସହ ମଙ୍ଗଳବାର ଗ୍ରାମର ଆରାଧ ଦେବୀ ମା' କନକଦୁର୍ଗା ମନ୍ଦିର ସମ୍ମୁଖରେ ଗ୍ରାମବାସୀ ସାମୂହିକ ଭାବେ ଶପଥ ନେଇଛନ୍ତି। କ୍ଷତିଗ୍ରସ୍ତ ହେଉଥିବା କୋଶଳା, କମ୍ପସଲା, ଚାଙ୍ଗୁଡ଼ିଆ, ସନ୍ତରାବନ୍ଧ, ବାଲିପଟା, ପୁଟଗାଡ଼ିଆ, ନାଉପଦା, ଦୁର୍ଗାପୁର ଆଦି ଗ୍ରାମରେ ଗ୍ରାମବାସୀ ବୈଠକ କରି କୋଇଲା ଟ୍ରକ୍ ଚଳାଚଳ କରାଇ ଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଥିବାବେଳେ ତେନ୍ତୁଲୋଇ ଗ୍ରାମ ସଭାପତି ଗୁଣ୍ଡିଚା ସାହୁଙ୍କ ଆହ୍ୱାନ କ୍ରମେ ମା' କନକ ଦୁର୍ଗାଙ୍କ ମନ୍ଦିରରେ ଜରୁରୀ ବୈଠକ ବସିଥିଲା। କୋଇଲା ପାରିବହନ ପାଇଁ ପ୍ରଶାସନ ପକ୍ଷରୁ ଛେଣ୍ଡିପଦାରୁ ଜରପଡା ଯାଇଥିବା ୨୯ କି.ମି. ରାସ୍ତାକୁ ୪ଲେନ କରାଗଲେ ଗ୍ରାମବାସୀ ଜୀବିକା ହରାଇ ବାସଚ୍ୟୁତ ହେବା ସହିତ ଅଞ୍ଚଳ ପ୍ରଦୂଷିତ ହେବ। ତେଣୁ ମା ମାଟିର ସୁରକ୍ଷା ପାଇଁ ଯେ ପର୍ଯ୍ୟନ୍ତ ନୂତନ ବାଇପାସ ରାସ୍ତା ନିର୍ମାଣ ନ ହୋଇଛି, ସେ ଯାଏ ଗାଁ ଭିତର ଦେଇ କୋଇଲା ବୋଝେଇ ଟ୍ରକ୍ ଯାଇପାରିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଗ୍ରାମ ସମ୍ପାଦକ ପ୍ରଶାନ୍ତ ଦେହୁରୀ, ପ୍ରମୋଦ ବେହେରା, ସମ୍ପାଦକ ମାନସ ରଞ୍ଜନ ବେହେରା, ପୂର୍ବତନ ସମ୍ପାଦକ କୁନୁ ସାହୁ, ଶିକ୍ଷାବିତ ପ୍ରହଲାଦ ସାହୁ, ପୁରୁଷୋତ୍ତମ ପ୍ରଧାନଙ୍କ ସମେତ ପ୍ରାୟ ୭ଶହରୁ ଅଧିକ ଗ୍ରାମବାସୀ ଯୋଗ ଦେଇଥିଲେ।

## ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**ବଇଣ୍ଡା, ୩୧।୩ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳର ବିକାଶ ପାଇଁ ମଙ୍ଗଳବାର ବଇଣ୍ଡା ଗ୍ରାମବାସୀ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁଙ୍କ ନେତୃତ୍ୱରେ ଏକ ଦାବିପତ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ବଇଣ୍ଡା ଅଞ୍ଚଳରେ ଅନେକ ସମସ୍ୟା ଲାଗି ରହିଛି। ବିଶେଷକରି କରୋନା ପୂର୍ବରୁ ରାଜ୍ୟ ବାହାରକୁ ଯାଉଥିବା ସମସ୍ତ ଏକ୍ସପ୍ରେସ ଟ୍ରେନ୍ ବଇଣ୍ଡା ରେଳ ଷ୍ଟେଶନରେ ରହୁଥିବାବେଳେ ବର୍ତ୍ତମାନ ସେଗୁଡ଼ିକ ରହଣି କରୁନାହିଁ। ତେଣୁ ଉକ୍ତ ଟ୍ରେନଗୁଡିକ ବଇଣ୍ଡା ଷ୍ଟେଶନରେ ରହଣି କରିବା ସହ ବଇଣ୍ଡାର ସମସ୍ତ ବିକାଶମୂଳକ କାର୍ଯ୍ୟ ଶୀଘ୍ର କରିବାକୁ ଦାବି କରାଯାଇଛି। ଏଥିସହ କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟକୁ ଉଦ୍‌ଘାଟନ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯିବା ସହ ବଇଣ୍ଡା ହାଇସ୍କୁଲର କିପରି ବିକାଶ ହେବ ସେ ନେଇ ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଛି। ସମସ୍ତ ଦାବି ପୂରଣ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରା, ସହ ସମ୍ପାଦକ ପରିକ୍ଷିତ ସାହୁ, କୋଷାଧ୍ୟକ୍ଷ ବିନୀତ ସାହା, ମାନସ ସାହୁ, ଜମ୍ବେଶ୍ୱର ସାହୁ, ସନାତନ ପ୍ରଧାନ, ଅମିୟ ମିଶ୍ର, ବିକ୍ରମ ସାହୁଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଏପ୍ରିଲ, ମେ ଓ ଜୁନ୍ ମାସ ପାଇଁ ଜିଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

**ଅନୁଗୋଳ,୩୧।୩(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଏପ୍ରିଲ, ମେ ଓ ଜୁନ୍ ମାସ ପାଇଁ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିରେ ଜିଲାପାଳ ଓ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେବେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଏପ୍ରିଲ ମାସ ୬ ତାରିଖ ସୋମବାର ପୂର୍ବାହ୍ନ ୧୦ଟାରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ କଣିହାଁ ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ସେହିପରି ୧୩ ତାରିଖ ସକାଳ ୭ଟାରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ, ୨୦ ତାରିଖ ସକାଳ ୭ଟାରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ, ୨୭ ତାରିଖ ସକାଳ ୭ଟାରେ ତାଳଚେର ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ସେହିପରି ମେ ମାସ ୪ ତାରିଖ ସୋମବାର ସକାଳ ୭ଟାରେ କିଶୋରନଗର ବ୍ଲକ କାର୍ଯ୍ୟାଳୟ, ୧୧ ତାରିଖ ସକାଳ ୭ଟାରେ ବଣ୍ଡରପାଳ ବ୍ଲକ କାର୍ଯ୍ୟାଳୟ, ୧୮ ତାରିଖ ସକାଳ ୭ଟାରେ ପାଲଲହଡା ବ୍ଲକ କାର୍ଯ୍ୟାଳୟ, ୨୫ ତାରିଖ ସକାଳ ୭ଟାରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ସେହିପରି ଜୁନ ମାସ ୧ ତାରିଖ ସକାଳ ୭ଟାରେ କଣିହାଁ ବ୍ଲକ କାର୍ଯ୍ୟାଳୟ, ୮ ତାରିଖ ସକାଳ ୭ଟାରେ ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ, ୧୬ ତାରିଖ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ସଦର ମହକୁମା (ସର୍କିଟ ହାଉସ), ୨୨ ତାରିଖ ପୂର୍ବାହ୍ନ ୧୦ଟାରେ ତାଳଚେର ବ୍ଲକ କାର୍ଯ୍ୟାଳୟ ଓ ୨୯ ତାରିଖ ପୂର୍ବାହ୍ନ ୧୦ଟାରେ ବଣ୍ଡରପାଳ ବ୍ଲକ କାର୍ଯ୍ୟାଳୟଠାରେ ଜନଶୁଣାଣି ଅନୁଷ୍ଠିତ ହେବ।

## ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

**କଣିହାଁ,୩୧।୩(ନିରୋଜ ପ୍ରଧାନ)**

କଣିହାଁ ବ୍ଲକ ରେଙ୍ଗାଳି ସବ୍‌ଷ୍ଟେଶନରେ ପାୱାରଗ୍ରୀଡ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡରୁ ଛଟେଇ ୬ଜଣ ଠିକା ଶ୍ରମିକଙ୍କୁ ପୁନଃନିଯୁକ୍ତି, ସମସ୍ତ ଠିକା ଶ୍ରମିକଙ୍କୁ ଇଏସ୍‌ଆଇ କାର୍ଡ ପ୍ରଦାନ, ମାସର ସମସ୍ତ କାର୍ଯ୍ୟ ଦିବସରେ କାମ ଦେବା ଦାବିରେ ଠିକା ଶ୍ରମିକମାନେ ଗତ ୨୬ ତାରିଖ ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଆସୁଥିଲେ। ଉପରୋକ୍ତ ଦାବି ସମ୍ପର୍କରେ ପିଜିସିଆଇଏଲ୍ କର୍ତ୍ତୃପକ୍ଷ ଓ ଶ୍ରମିକ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ପରେ ଆନ୍ଦୋଳନକୁ ୮ ଏପ୍ରିଲ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଆଲୋଚନା ବିଫଳ ହେଲେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି କୈଳାସ ମାଝୀ, ବଂଶୀଧର ସାହୁ, ବିନୋଦ ନାଏକ, ଗୌତମ ସେଠୀ, ବିଦ୍ୟାଧର ସାମଲ ପ୍ରମୁଖ ଜଣାଇଛନ୍ତି।

## ମା' ଶିଶୁଙ୍କ ପ୍ରଥମ ଗୁରୁ

**ଆଠମଲ୍ଲିକ,୩୧।୩(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ସହରସ୍ଥିତ ଉଇଜଡମ ଇଣ୍ଟର ନ୍ୟାଶନାଲ ସ୍କୁଲ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ନଳିନୀକାନ୍ତ କ୍ଷେତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଆଦିତ୍ୟ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଶିକ୍ଷା ସମ୍ବନ୍ଧିତ ନିର୍ଦ୍ଦେଶକ ସତୀନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଭବାନୀ ଶଙ୍କର ମିଶ୍ର, ସ୍କୁଲ ନିର୍ଦ୍ଦେଶକ ରାହୁଲ ଦେବ, ଶୁଭେନ୍ଦୁ କୁମାର ସୋନା ପ୍ରମୁଖ ଯୋଗଦେଇ ମା' ହିଁ ଶିଶୁଙ୍କ ପ୍ରଥମ ଗୁରୁ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀ ଓ ଶ୍ରେଷ୍ଠ ଛାତ୍ରୀଭାବେ ସମୀକ୍ଷା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ, ଶିକ୍ଷକମାନେ ସହଯୋଗ କରିଥିଲେ।

## ବଳରାମପ୍ରସାଦରେ ହିଙ୍ଗୁଳା ଯାତ୍ରା

**ବଣ୍ଡରପାଳ,୩୧।୩(ସୁବାସ ସାହୁ)**


ବଳରାମପ୍ରସାଦରେ ମା' ହିଙ୍ଗୁଳା ଯାତ୍ରା ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଅନୁଗୋଳ ଜିଲା ବଣ୍ଡରପାଳ ବ୍ଲକ ବଳରାମପ୍ରସାଦ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହୋଇଯାଇଛି। ଏହି ଯାତ୍ରା ୯ ଦିନ ଚାଲିବ। ଅପରାହ୍ନରେ ଦିଅଁଘରୁ ମା'ଙ୍କ ଆଲମ ଶୋଭାଯାତ୍ରା ଆଡ଼ମ୍ବରରେ ବାହାରି ଗାଁ ପରିକ୍ରମା କରି ପୀଠରେ ପହଞ୍ଚିଥିଲା। ମୁଖ୍ୟ ପୂଜକ ମଦନ ମୋହନ ଦେହୁରୀଙ୍କ ଦ୍ୱାରା ବିଧିବଧ ପୂଜାର୍ଚ୍ଚନା ଓ ମାଜଣା ପୂଜା କରାଯାଇଥିଲା। କାଳିଶୀ ଭାବେ ପ୍ରାଣବନ୍ଧୁ ମହାପାତ୍ର ଉଭାସ୍ଥଳକୁ ଯାଇ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଚଳିତ ବର୍ଷ ମନ୍ଦିର ସମ୍ମୁଖ ପାହାଡ଼ ତଳେ ମା'ଙ୍କ ଆବିର୍ଭାବ ହୋଇଛି। ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିବାବେଳେ ବୁଧବାରଠାରୁ ଅପେରା କାର୍ଯ୍ୟକ୍ରମ ହେବ। ଶେଷରେ ଶୀତଳ ପର୍ବ ସହ ଯାତ୍ରାର ସମାପନ ହେବ ବୋଲି ପୂଜା କମିଟି ସଭାପତି ଅନୀଲ କୁମାର ବେହେରା, ସମ୍ପାଦକ ସରୋଜ କୁମାର ସିଂହ, ସହସମ୍ପାଦକ ବସନ୍ତ କୁମାର ମହାପାତ୍ର ଓ କୋଷାଧ୍ୟକ୍ଷ ଗୋକୁଳ ବଲ୍ଲଭ ଅମାନ୍ତ ସୂଚନା ଦେଇଥିଲେ। ପୂଜା କମିଟି ସଦସ୍ୟ ପର୍ଶୁରାମ ସାମଲ, ଗଜେନ୍ଦ୍ର ମହାଳିକ, ଭଗବାନ ସାମଲ, ହେରେନ ସିଂହ, ଗୋପବନ୍ଧୁ ବାରିକ ଓ ରଞ୍ଜନ ସାମଲ ସହଯୋଗ କରିଥିଲେ। ସୁରକ୍ଷା ବ୍ୟବସ୍ଥା ପାଇଁ ନାଲ୍‌କୋ ଥାନା ପକ୍ଷରୁ ପୋଲିସ ବ୍ୟବସ୍ଥା କଡ଼ା କରାଯାଇଛି। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଭକ୍ତଙ୍କ ପାଇଁ ଦହିପଣା, ସର୍ବତ ଓ ଥଣ୍ଡା ପାଣିର ବ୍ୟବସ୍ଥା କରାଯାଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ରଜନୀକାନ୍ତ ସିଂହ ଓ ବଣ୍ଡରପାଳ ବ୍ଲକ ଅଧ୍ୟକ୍ଷ ବିଜୟ ନାଥ ପ୍ରମୁଖ ମା'ଙ୍କ ଦର୍ଶନ କରିଥିଲେ।

## ହନୁମାନ ବାଟିକା ପରିସରରେ ପ୍ରତିଷ୍ଠା ଉତ୍ସବ

**ବନ୍ତଳା,୩୧।୩(ସୁଶିତ ସାହୁ)**



ଅନୁଗୋଳ ବ୍ଲକ ବଡ଼କେରା ପଞ୍ଚାୟତ ଡୁମୁଣି ଗ୍ରାମସ୍ଥିତ ହନୁମାନ ବାଟିକା ପରିସରରେ ୧୩ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କଳସ ଶୋଭାଯାତ୍ରା ସହ ଆଖପାଖ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ। ପଣ୍ଡିତ ଜ୍ୟୋତିରଞ୍ଜନ ଆଚାର୍ଯ୍ୟ, ଦୀନବନ୍ଧୁ ପାଳଶର୍ମା ଓ ପଦ୍ମନାଭ ପାଳଶର୍ମା ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମ ସଭାପତି ଦୁଷ୍ମନ୍ତ ଖୁଣ୍ଟିଆ, ଦେଉଳସାହି ସଭାପତି ବରୁଣ ସାହୁ, ଅନୁଷ୍ଠାନ ସଭାପତି ଭଗବାନ ବିଶ୍ୱାଳ, ସମ୍ପାଦକ ଅଟଳ ବିହାରି ଖୁଣ୍ଟିଆ, ସୁଗ୍ରୀବ ବେହେରା, ସୌର ଦେହୁରୀ, ପପୁନ ଖୁଣ୍ଟିଆ, ଅମିତ ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ, କେଶବ ବେହେରା, ରଣଜିତ ବିଶ୍ୱାଳ, ସୁବଳ ଖୁଣ୍ଟିଆ ସହଯୋଗ କରିଥିଲେ।

## ଜୀବେଦୟା କାର୍ଯ୍ୟକ୍ରମରେ କୋମ୍ବିଂ ଅପରେଶନ

**ବନ୍ତଳା,୩୧।୩(ସୁଶିତ ସାହୁ)**

ଅନୁଗୋଳ ବନ ବିଭାଗ ପକ୍ଷରୁ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ପମ୍ପାସରଠାରେ ମଙ୍ଗଳବାର ଜୀବେଦୟା କାର୍ଯ୍ୟକ୍ରମରେ କୋମ୍ବିଂ ଅପରେଶନ କରାଯାଇଥିଲା। ଅନୁଗୋଳ ଆଇଏଫ୍‌ଏସ୍ ସିଦ୍ଧାର୍ଥ ଜୈନଙ୍କ ନେତୃତ୍ୱ ଓ ପମ୍ପାସର ରେଞ୍ଜ ଅଧିକାରୀ ଅଜିତ୍ ଦାଲେଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍‌ସିଏଫ୍ ଡ. ସଞ୍ଜୟ କୁମାର ସ୍ୱାଇଁଙ୍କ ସହ ବିଭିନ୍ନ ରେଞ୍ଜ ଅଧିକାରୀ, ଫରେଷ୍ଟର, ଫରେଷ୍ଟଗାର୍ଡ, ଗଜସାଥୀ, ସ୍କ୍ୱାର୍ଡସଦସ୍ୟ ଓ ଗଜମିତ୍ର ଉପସ୍ଥିତ ଥିଲେ।

## ଲୁହାମୁଣ୍ଡାରେ ମା' ହିଙ୍ଗୁଳା ଯାତ୍ରା

**ବଇଣ୍ଡା, ୩୧।୩ (ପରିକ୍ଷିତ ସାହୁ)**



ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମରେ ମଙ୍ଗଳବାର ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳେ ମନ୍ଦିରରେ ମା'ଙ୍କୁ ପୂଜା କରାଯିବାପରେ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ମା' ଯାତ୍ରା ପଡ଼ିଆରେ ପହଞ୍ଚିବା ପରେ ଯାତ୍ରା ଆରମ୍ଭ ହୋଇଥିଲା। ପଡ଼ିଆକୁ ସୁସଜ୍ଜିତ କରାଯାଇଥିବାବେଳେ ବିଭିନ୍ନ ସ୍ଥାନରୁ ଆସିଥିବା ଉଠା ବ୍ୟବସାୟୀମାନେ ଷ୍ଟଲ ଖୋଲିଥିଲେ। ମନ୍ଦିର ନିକଟରେ ମା ଆବିର୍ଭାବ ହୋଇଥିବାରୁ ସେଠାରେ କୋଇଲାରେ ଅଗ୍ନି ସଂଯୋଗ କରାଯାଇ ଯାତ୍ରା ଆରମ୍ଭ କରାଯାଇଥିଲା। ଲୋକଙ୍କ ମନରଞ୍ଜନ ପାଇଁ ଯାତ୍ରା ପରିବେଷଣ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ବଇଣ୍ଡାର ମା' ମଙ୍ଗଳା ସାହିଠାରେ ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରେ ନୀତି ନିୟମ ଅନୁସାରେ ମା'ଙ୍କ ପୂଜା କରାଯାଇଥିଲା। ତପନ ଦେହୁରୀ ପୂଜା କରିଥିବାବେଳେ ଜଣେ ମାନସିକଧାରୀ ଭକ୍ତଙ୍କ ଦେହରେ ମା' ଆବିର୍ଭାବ ହୋଇଥିଲେ। ମାନସିକ ପୂରଣ ପାଇଁ ଅଧିଆ ପଡିଥିବା ଭକ୍ତଙ୍କୁ ଆଶୀର୍ବାଦ କରିବା ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ଲୁଲୁ ସାହୁ, ସର୍ବେଶ୍ୱର ସାହୁ, ଚିହ୍ନିରୁ ସାହୁ, ସଞ୍ଜୀବ ବେହେରାଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଭୂମିପୂଜା, ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ

**ଆଠମଲ୍ଲିକ,୩୧।୩(ଉଦୀପ୍ତ ପୁରୋହିତ)**


ଆଠମଲ୍ଲିକ ମିନି ଷ୍ଟାଡିୟମରେ ଅନୁଷ୍ଠିତ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟ ଅତିଥିମାନେ।

ଅନୁଗୋଳ ଜିଲା ଆଠମଲ୍ଲିକ ଗସ୍ତରେ ଆସି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ୨୦୪ କୋଟି ୩୨ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପର ଭୂମିପୂଜା ଓ ଶୁଭ ଉଦ୍‌ଘାଟନ କରିଛନ୍ତି। ଏହା ଆଠମଲ୍ଲିକ ଅଞ୍ଚଳର ପ୍ରଗତି ପଥକୁ ପ୍ରଶସ୍ତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ମତପ୍ରକାଶ କରିଛନ୍ତି। ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳ ପଡ଼ିଆରେ ଅନୁଷ୍ଠିତ ସାଧାରଣ ସଭାକୁ ସମ୍ବୋଧନ କରି କେନ୍ଦ୍ରମନ୍ତ୍ରୀ ଓଡ଼ିଶା ଦିବସ ଉପଲକ୍ଷେ ଆଠମଲ୍ଲିକ ବାସୀଙ୍କୁ ଅଭିନନ୍ଦନ ଜଣେଇବା ସହ ଓଡ଼ିଶା ଦିବସକୁ ଖଡ଼ିଛୁଆଁ ଦିବସ ଭାବେ ପାଳନ ହେଉଥିବାରୁ ସ୍କୁଲ ଯିବାକୁ ବୟସ ହୋଇଥିବା ସମସ୍ତ ଶିଶୁଙ୍କୁ ସ୍କୁଲ ନେବାକୁ ଅଭିଭାବକମାନଙ୍କୁ ଅନୁରୋଧ କରିଥିଲେ। ଉଦ୍‌ଘାଟନ ହୋଇଥିବା ପ୍ରକଳ୍ପ ମଧ୍ୟରେ ମୁଖ୍ୟତଃ ଗମନାଗମନକୁ ଗୁରୁତ୍ୱ ଦିଆଯାଇ ରାସ୍ତା ଓ ସେତୁ ନିର୍ମାଣ, ସ୍କୁଲ କମ୍ୟୁନିଟି ସେଣ୍ଟର ଥିବାରୁ ଲୋକଙ୍କ ସୁବିଧା ପାଇଁ ସହାୟକ ହୋଇପାରିବ ବୋଲି କହିଥିଲେ। ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ସଭାରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ମଞ୍ଚାସୀନ ଥିଲେ। ଏହି ଅବସରରେ ୧୨୩ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ପ୍ରମାଣ ପତ୍ର ସହ ବିଭିନ୍ନ ଚାଷରେ ସଫଳତା ପାଇଥିବା ଚାଷୀଙ୍କୁ ପୁରସ୍କାର ଏବଂ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ବିଡିଓ ଦେବଦତ୍ତ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍‌ପି ରାହୁଲ ଜୈନ, ଉପଜିଲାପାଳ ଉପେନ୍ଦ୍ର ଲୁହା, ବିଡିଓ ଟିଟସ ମହାନନ୍ଦିଆ, ତହସିଲଦାର ପ୍ରସନ୍ନ ଟେଟେ, ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ଏସ୍‌ଡିପିଓ ସୁଶାନ୍ତ ତାଉଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହାପୂର୍ବରୁ ଭାଜପାର ମିଶ୍ରଣ ପର୍ବରେ ମନ୍ତ୍ରୀ ଯୋଗ ଦେଇଥିଲେ। ରୋଟାରି କ୍ଲବ ଭୁବନେଶ୍ୱର ରୟାଲ ତରଫରୁ ନିର୍ମିତ ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ।

## ଦିଲେଶ୍ୱରଙ୍କ ସ୍ମୃତିରେ ଶୋକସଭା

ପାଲଲହଡ଼ା, (ଦିବ୍ୟଜ୍ୟୋତି ଦାଶ)– ପାଲଲହଡ଼ା ଦେବୋତ୍ତର ମାର୍କେଟ କମ୍ପ୍ଲେକ୍ସଠାରେ ସ୍ୱର୍ଗତ ଦିଲେଶ୍ୱର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ। ଆଇନଜୀବୀ ତନ୍ମୟ ସାହୁ, ଲିଙ୍ଗରାଜ ଦାସ ଏବଂ ଅନ୍ୟାନ୍ୟ ଅଧିକାରୀ ସ୍ମୃତିଚାରଣ କରିଥିଲେ।

# ୧୫ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ

ଢେଙ୍କାନାଳ,୩୧।୩
(ରତନ ନାୟାର)

ଢେଙ୍କାନାଳ ଜିଲାରେ ଯୋଗାଣ ବିଭାଗ ପକ୍ଷରୁ ସୋମବାର ଓ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୫ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। କଳାବଜାରୀ ପାଇଁ ଏହି ସିଲିଣ୍ଡରଗୁଡ଼ିକ ରଖାଯାଇଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ଯୋଗାଣ ବିଭାଗ ଅଧିକାରୀମାନେ ଚଢ଼ାଉ କରି ସିଲିଣ୍ଡରଗୁଡ଼ିକୁ ଜବତ କରିଛନ୍ତି। ଜିଲାର ଓଡ଼ାପଡା ବ୍ଲକ, ଗୁଡ଼ିଆକାଟେଣ ଛକରେ ଥିବା ଏକ ଦୋକାନ ପଛ ପାଖରୁ ରନ୍ଧନ ଗ୍ୟାସ୍ ଭରିଥିବା ଏହି ସିଲିଣ୍ଡରଗୁଡ଼ିକୁ ଜବତ କରାଯାଇଛି। ବେନିୟମ ଭାବେ ଯେଉଁମାନେ ଏହାକୁ କଳାବଜାର କରି ରଖିଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଜଣାଯିବ ବୋଲି ଅତିରିକ୍ତ ଜିଲା ଯୋଗାଣ ବିଭାଗ ଅଧିକାରୀ ବିଶ୍ୱ ଭୂଷଣ କରଙ୍କ ସୂଚନାରୁ ଜଣାପଡିଛି। ଜିଲା ଯୋଗାଣ ବିଭାଗ ଅଧିକାରୀ ରାମଚନ୍ଦ୍ର ଟୁଡୁଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିବା ଜଣାପଡିଛି।

# ବସ୍‌କୁ ଧକ୍କାଦେଲା ପାଉଁଶ ବୋଝେଇ ଟ୍ରକ

ଢେଙ୍କାନାଳ,୩୧।୩(ରତନ ନାୟାର)

ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ୫୫ନଂ ଜାତୀୟ ରାଜପଥର କଣ୍ଟାବଣିଆ ଛକ ନିକଟରେ ମଙ୍ଗଳବାର ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ବସ୍‌କୁ ବିପରୀତ ଦିଗରୁ ଆସୁଥିବା ଏକ ପାଉଁଶ ବୋଝେଇ ଟ୍ରକ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ଗୁରୁତର ହୋଇ ଅନୁଗୋଳ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଟାଟାଷ୍ଟିଲ ମେରାମଣ୍ଡଳୀର ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରୁଥିବା ଶ୍ରମିକ ଓ କର୍ମଚାରୀମାନଙ୍କୁ ନେବା ଆଣିବା କରୁଥିବା ବସ୍‌ଟି କମ୍ପାନୀରୁ କାମସାରି ଅନୁଗୋଳ ଅଭିମୁଖେ ଶ୍ରମିକମାନଙ୍କୁ ନେବା ନିମନ୍ତେ କଣ୍ଟାବଣିଆ ଛକଠାରେ ଜାତୀୟ ରାଜପଥ କଡରେ ଛିଡ଼ା ହୋଇଥିଲା। ସେହି ସମୟରେ ପାଉଁଶ ବୋଝେଇ ଟ୍ରକ୍‌ଟି ବ୍ରେକଫେଲ ହୋଇ ବସ୍‌କୁ ଧକ୍କା ଦେଇଥିଲା। ଖବରପାଇ କଣ୍ଟାବଣିଆ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ପିଲାଙ୍କୁ ମଣିଷ କରିବାରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଢେଙ୍କାନାଳ,୩୧।୩
(ରତନ ନାୟାର)

### ଶ୍ରୀଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଶ୍ରୀଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ।

ଢେଙ୍କାନାଳ ବାଇପାସ୍ଥିତ ଶ୍ରୀଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ 'ସମ୍ପ୍ରଭା' ସୋମବାର ସନ୍ଧ୍ୟାରେ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ଦୀପ ପ୍ରଜ୍ୱଳନ ସହିତ ସ୍ୱାଗତ ସଙ୍ଗୀତ ପରିବେଷଣ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଭାତ ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଡାଇରେକ୍ଟର ଅପରେଶନ ସ୍ୱାମୀ ସତ୍ୟଚୈତନ୍ୟ ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନରେ ଶୃଙ୍ଖଳା ଆବଶ୍ୟକ ବୋଲି କହିଥିଲେ। ଯୋଗ ଓ ଧ୍ୟାନ ଦ୍ୱାରା ପିଲାଙ୍କ ମଧ୍ୟରେ ଶୃଙ୍ଖଳା ଆସିଥାଏ। ପିଲାଙ୍କୁ ଭଲ ମଣିଷ କରିବାରେ ଶିକ୍ଷକ ଓ ମାତାପିତାଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଆର୍ଟ ଅଫ ଲିଭିଙ୍ଗ୍‌ର ସୁଜାତା ମହାନ୍ତି, କାମାକ୍ଷା ପ୍ରସାଦ ଲେଙ୍କା ଓ ପ୍ରଳୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାମନ୍ଦିରର ପ୍ରିନ୍ସିପାଲ ଡ. ସୁନିତା ଦେବୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ କମିଟି ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ଭାବଗ୍ରାହୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାମନ୍ଦିରର ଭାଇସ ପ୍ରିନ୍ସିପାଲ ସସ୍ମିତା ସିଂହ, ବରିଷ୍ଠ ଶିକ୍ଷକ ଜୟନ୍ତ ବେହେରା, ବରିଷ୍ଠ ଶିକ୍ଷୟିତ୍ରୀ ଜଲି ଲେଙ୍କା, ଭାବନା ସାକ୍ସେନା, ନିରୁପମା ସାହୁ, ସ୍ମିତାରାଣୀ ମିଶ୍ର, ମମତା ବିଶ୍ୱାଳ, ସ୍ମିତାଞ୍ଜଳି ଧୀରସାମନ୍ତ, ସସ୍ମିତା ନନ୍ଦ, ସତେନ୍ଦ୍ରଦେବ ଶତପଥୀ, ଜ୍ୟୋତିରୂପା ସେନାପତି, ସିଲା ପଟ୍ଟନାୟକ, ବିଜୟ କୁମାର ସ୍ୱାଇଁ, ନିର୍ମାଲ୍ୟ ମଲିକ, ପଦ୍ମାସିନୀ ନାୟକ, ସଙ୍ଗୀତାରାଣୀ ମିଶ୍ର, ପ୍ରିୟଙ୍କା ସିଂହ, ସର୍ବେଶ୍ୱର ପାଲ, ସୌରାଂଶୁ ଶେଖର ପ୍ରମୁଖ ସହଯୋଗ କରିଥିଲେ।

# ମା' ମଙ୍ଗଳାଙ୍କୁ ଦର୍ଶନ କଲେ ଏମ୍‌ପି


ମା' ମଙ୍ଗଳାଙ୍କୁ ଭେଟିବା ପରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି ଏମ୍‌ପି।

ଓଡ଼ାପଡ଼ା, ୩୧।୩ (ରଞ୍ଜିତ ନାୟକ)

ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ତେନ୍ତୁଳିଆପଡ଼ା ଗ୍ରାମରେ ମା' ସର୍ବମଙ୍ଗଳା ମନ୍ଦିରକୁ ଯାଇ ମଙ୍ଗଳବାର ମା'ଙ୍କ ଦର୍ଶନ କରିବା ଲୋକଙ୍କ ସମସ୍ୟା ବୁଝିଛନ୍ତି। ସଦାଶିବପୁର ରେଳ ଷ୍ଟେସନ ନିକଟରେ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକରେ ବଲ୍ ଲାଗୁ ନ ଥିବାରୁ ଲୋକେ ଅନ୍ଧାର ରାସ୍ତାରେ ଯିବା ଆସିବା ସମସ୍ୟା ଭୋଗୁଥିବା ଅଭିଯୋଗ କରିଥିଲେ। ଗ୍ରାମରେ ପାନୀୟଜଳ ସମସ୍ୟା ସମ୍ପର୍କରେ ମଧ୍ୟ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହିନ୍ଦୋଳ ରୋଡ ରେଲଷ୍ଟେସନ ପ୍ଲାଟଫର୍ମର ୧ ନଂ ଓ ୨ ନଂରେ ମାଲ ପରିବହନ କରୁଥିବା ମାଲଗାଡ଼ି ଠିଆହୋଇ ରହୁଥିବାରୁ ଯାତ୍ରୀବାହୀ ଟ୍ରେନଗୁଡ଼ିକ ଅନ୍ୟ ପ୍ଲାଟଫର୍ମରେ ରହୁଥିବାରୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ବ୍ୟକ୍ତିମାନେ ସିଡ଼ି ଚଢ଼ି ଯିବାଆସିବାରେ ସମସ୍ୟା ସୃଷ୍ଟି ହେଉଥିବା ଜଣାଇଥିଲେ। ଏ ସମ୍ପର୍କରେ ଏମ୍‌ପି ପାଣି ରେଳବାଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଏହା ସହିତ ପାନୀୟଜଳ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏମ୍‌ପିଙ୍କ ଗସ୍ତ ସମୟରେ ଭାଜପା ନେତା ତପନ ମହାପାତ୍ର, ରଣଜିତ ନାୟକ, ବିକାଶ କୁମାର ସାହୁ, ପ୍ରଦୀପ କୁମାର ସାହୁ, ସଂଗଜିତ ପଟ୍ଟନାୟକ, ଭାଗିରଥୀ ଦାସ, ଶିବଶକ୍ତି ମହାନ୍ତିଙ୍କ ସହ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦର ବସନ୍ତ ଉତ୍ସବ

ଢେଙ୍କାନାଳ,୩୧।୩
(ରତନ ନାୟାର)


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବିଧାରପୁର ମାୟାଧର ସ୍ମୃତି ସ୍ନାତକ ମହାବିଦ୍ୟାଳୟ ପରିସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଗଁଦିଆ ଶାଖାର ବସନ୍ତ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ପରିଷଦର ସଭାପତି ତଥା ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠାତା ଡ. ସମୀର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବାହାଦୁର ପାଟସାହାଣୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ମଠକରଗୋଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦାସ ଯୋଗଦେଇ ସାହିତ୍ୟ ଜୀବନ ଜୀବିକାର ପଥ ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଜିଲାଶାଖା ସଭାପତି ଡ. ଦୁର୍ଗାମାଧବ ପୃଷ୍ଟି, ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଉଦାହରଣ ଦେଇ ଋତୁରାଜ ବସନ୍ତର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ଫୋରମ ସଭାପତି ଶିକ୍ଷାବିତ୍ ହରିହର ସାହୁ, ଅବସରପ୍ରାପ୍ତ ଶିକ୍ଷକ ମଙ୍ଗୁଳି ଚରଣ ବିଶ୍ୱାଳ ପ୍ରମୁଖ ଓଡ଼ିଆ ଭାଷାର ପ୍ରଚାର ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ସମ୍ପାଦକ ପ୍ରମୋଦ କୁମାର ପରିଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଆୟୋଜିତ କବିତା ଆସରକୁ କବି ପ୍ରେମାନନ୍ଦ ରାଉତ, ଫକୀର ମୋହନ ସାହୁ, ଲଳିତ ମୋହନ ବେହେରା, କବୟିତ୍ରୀ ସୀମାରାଣୀ ମିଶ୍ରଙ୍କ ସଂଯୋଜନାରେ ୪୦ଜଣ କବି ସ୍ୱରଚିତ କବିତାପାଠ କରିଥିଲେ। ପରେ ସାହିତ୍ୟ ପରିଷଦର କର୍ମକର୍ତ୍ତା ଚୟନ ହୋଇଥିଲା। ପୁନର୍ବାର ସଭାପତି ଭାବେ ଡ. ସମୀର କୁମାର ସାହୁ ଓ ସାଧାରଣ ସମ୍ପାଦକ ହରିହର ସାହୁ ମନୋନୀତ ହୋଇଥିଲେ। ସେହିପରି ମଙ୍ଗୁଳି ଚରଣ ବିଶ୍ୱାଳ ଉପସଭାପତି, ଅମର କୁମାର ପ୍ରଧାନ କୋଷାଧ୍ୟକ୍ଷ, ଉମେଶଚନ୍ଦ୍ର ଧୀର ସହ ସମ୍ପାଦକ, ବିଶ୍ୱ ଭୂଷଣ ମହାନ୍ତି, ମଧୁସୂଦନ ବେହେରା, ରୋହିତ ସାହୁ, ରମାକାନ୍ତ ସାହୁ ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ମାର୍ଗଦର୍ଶକ ଭାବେ ସାମାଜିକ କର୍ମୀ ଗୋପାଳଚନ୍ଦ୍ର ରାଉତ ଓ ଡମ୍ବରୁଧର ସେଠୀ ମନୋନୀତ ହୋଇଥିଲେ। ପ୍ରତ୍ୟେକ ମାସରେ ବୈଠକ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଡ. ସମୀର କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

ଭୁବନ, ୩୧।୩
(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନଏସି ବହ୍ରାଟ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମୋଦିନୀ ମିଶ୍ରଙ୍କୁ ମଙ୍ଗଳବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଦୀର୍ଘ ୨୭ ବର୍ଷ ଧରି ଏହି ବିଦ୍ୟାଳୟରେ ଶିକ୍ଷାଦାନ କରିଆସୁଥିଲେ। ସେ ଜଣେ ମେଳାପି, ଛାତ୍ରବତ୍ସଳ ଓ ଛାତ୍ରୀଛାତ୍ରମାନଙ୍କୁ ନିଜ ପିଲାଙ୍କୁ ଠାରୁ ଅଧିକ ସ୍ନେହ ଦେଉଥିଲେ। ଏହି ଅବସରରେ ଏକ ସଭା ଆୟୋଜନ କରାଯାଇଥିଲା। ସେଥିରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଦୁଲାଳି ଦାସ ସଭାପତିତ୍ୱ କରିଥିବା ବେଳେ ଏବିଓ ସୁମତି ପ୍ରଧାନ ମୁଖ୍ୟ ଅତିଥି ଓ ଏବିଓ ରାଜଲକ୍ଷ୍ମୀ ଗୁରୁ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନର ସଭାପତି ବିପିନ ବିହାରୀ ସେଠୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମାୟାଧର ଗୁରୁ, ସିଆରସିସି ଆନନ୍ଦ ଚନ୍ଦ୍ର ମେହେଣା, ପୃଷ୍ଟିପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନମୋହନ ସାହୁ, ପ୍ରଧାନ ଶିକ୍ଷକ ନରୋତ୍ତମ ମିଶ୍ର, ଶିକ୍ଷକ ଯୁଧିଷ୍ଠିର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ରାଜେଶ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅବସର ନେଉଥିବା ଶିକ୍ଷୟିତ୍ରୀଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# କୃଷି ସେବା ସମବାୟ ସମିତିର ସାଧାରଣ ସଭା

ଗଁଦିଆ,୩୧।୩
(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବେଗା ପ୍ରାଥମିକ କୃଷି ସେବା ସମବାୟ ସମିତିର ସାଧାରଣ ସଭା ପଞ୍ଚାୟତ ପରିସରରେ ସରପଞ୍ଚ ରାହୁଲରାୟ ମହାଲିକଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବାୟ ଯୋଜନାର କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ପ୍ରଥମକରି ସେବା ସମବାୟ ସମିତି ଗଠନ ହୋଇଥିବାରୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ସରପଞ୍ଚ ରାହୁଲରାୟ ମହାଲିକଙ୍କୁ ସଭାରେ ଧନ୍ୟବାଦ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଅଭିମନ୍ୟୁ ମହାଲିକ, ସନ୍ତୋଷ ସାହୁ, ନାଏବ ସରପଞ୍ଚ ଝରଣା କବି, ବରିଷ୍ଠ ନାଗରିକ ଚନ୍ଦ୍ରକାନ୍ତ କାନୁନଗୋ, ରତନପୁର ସମବାୟ ସମିତିର ନିର୍ଦ୍ଦେଶକ ପ୍ରସନ୍ନ କୁମାର ଦାସ, ମହେଶ୍ୱର ରାଉତ ଓ ତ୍ରିନାଥ ବେହୁରା ଉପସ୍ଥିତ ଥିଲେ। ପଞ୍ଚାୟତର ବହୁ ସଂଖ୍ୟାରେ ଚାଷୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରି ନିଜର ମତାମତ ରଖିଥିଲେ। ରତନପୁର ସମବାୟ ସମିତି ସମ୍ପାଦକ ସୁଧାଂଶୁ ଶେଖର ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ଚାଳକ ଗୁରୁତର

ପରଜଙ୍ଗ,୩୧।୩
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ଅଧୀନ ୫୩ ନମ୍ବର ଜାତୀୟ ରାଜପଥର ସରାଙ୍ଗ କଲେଜ ଛକ ନିକଟସ୍ଥ ମାରୁତି ହୋଟେଲ ସମ୍ମୁଖରେ ମଙ୍ଗଳବାର ପୂର୍ବାହ୍ନରେ ଗୋଟିଏ କୁକୁର ସହ ବାଇକ୍ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ମୁକ୍ତାପଶି ଗ୍ରାମର ପବିତ୍ର ବେହେରା ଏବଂ ଜୟପୁରାକାଟେଣୀ ପଞ୍ଚାୟତ କନ୍ହେଇ ନଗରର ଗାନ୍ଧୀ କୁଜୁର ଏକ ବାଇକ୍ (ଓଡି୦୬ଏମ–୩୫୫୯)ରେ ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ହୋଇଥିଲା। ଘଟଣାସ୍ଥଳରେ ଗାନ୍ଧୀ କୁଜୁର ଓ କୁକୁରର ମୃତ୍ୟୁ ହୋଇଥିବା ବେଳେ ସରାଙ୍ଗ ଫାଣ୍ଡି ପୋଲିସ ଏବଂ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ପବିତ୍ରଙ୍କୁ ପ୍ରଥମେ ମଣ୍ଡାପାଳ ଚିକିତ୍ସାଳୟ ପଠାଇଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ଗୋଡ ଦୁଇଟି ଭାଙ୍ଗିଯାଇଛି। ପୋଲିସ ବାଇକ୍ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରିଛି।


**OCAC**
**ODISHA COMPUTER APPLICATION CENTRE**
**TENDER NOTICE**
**Enq.No.-OCAC-SEGP-INFRA-0028-2025-26022**

**No.16001/33/2526**:Odisha Computer Application Centre (OCAC) invites Request for Proposal (RFP) for Supply and Installation of LED Display, Video Conferencing Equipment & Sound Bar in the office of Chief Minister, Lokseva Bhavan, Bhubaneswar. For details please visit websites www.ocac.in & www.odisha.gov.in.
The bid shall be submitted in electronic mode only in the portal **https://enivida.odisha.gov.in** latest by **22.04.2026, 3:00 P.M.** OCAC reserves the right to accept/reject any/ all bids without assigning any reason thereof.
**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295
**OIPR-16001/16003/1/25-26/0024**



**Bhubaneswar Development Authority**
AKASH SHOVA BUILDING, PANDIT JAWAHARLAL NEHRU MARG
BHUBANESWAR-751001, ODISHA
Telephone (0674) 2396437, 2390998 2392801, FAX 0674- 2390633
**No. 6153/BDA** **Date: 23.03.2026**
**File No.- BDA-PPP-PLAN-0001-2026 (OSWAS)**

**Cancellation Notice**
**COMPOSITE COMMUNITY MARKET & HIGH-END RESIDENTIAL/COMMERCIAL FACILITIES over Prime land at Jharpada, Bhubaneswar on Public Private Partnership (PPP) – Call 2**
**RFP NO. 3701/BDA Dated 18.02.2026**

No. 13001/833/2526:- Secretary, BDA on behalf of Bhubaneswar Development Authority (BDA) hereby issues this notice to inform all prospective bidders that the bidding process in respect of the aforesaid tender stands cancelled with immediate effect.
The cancellation notice has been duly uploaded on the official website of BDA as well as on the Odisha e-procurement portal for information and compliance by all concerned.
**Sd./- Secretary-cum-Member Estate**
**OIPR-13001/13033/1/25-26/0058** **BDA, Bhubaneswar**



**Office of the Superintending Engineer**
**U.K.Head Works Division, Kolabnagar (K), PIN-764011**
e-mailid-seukhwdivision@gmail.com
**SHORT QUOTATION CALL NOTICE NO. 04/2025-26 Dated 26.03.2026**
**FOR HIRING OF PRIVATE VEHICLE FOR THE ADDITIONAL CHIEF ENGINEER, UPPER KOLAB PROJECT, BARINIPUT**

No. 32001/273/2526:- Sealed quotations are invited from interested reputed travel agencies/tour operatores or private individuals for providing 01 no. of Diesel driven vehicle (Scorpio N/ Creta/ Marazzo Equivalent) having sitting capacity not more than ten including driver, which shall conform to the Terms & Conditions for official use in the office of the Superintending Engineer, Upper Kolab Head Works Division, Kolabnagar, Dist.: Koraput on monthly rent basis. **1.** The application form of quotation containing General Bid Information & Terms and Condition for hiring of vehicles etc will be available with the Cashier of this office & can be obtained from **31.03.2026 to 07.04.2026 up to 16.00 Hours** on the working days during working hours on payment of **Rs. 1000/- (One thousand)** Only per set. **2.** The completed quotation in all respect should reach the undersigned on or before **07.04.2026 by 16.00 Hours** & shall be opened on the same day at **16.30 Hours** in presence of the bidders or their authorized representative who wish to be present. **3.** The authority reserves the rights to reject or all quotations without assigning any reason thereof.
**Sd./- (Er.Nilamani Gyanchand Behera)**
**Superintending Engineer**
**Upper Kolab Head Works Division**
**OIPR-32001/32015/1/25-26/0003** **At/PO: Kolabnagar, Koraput (O)**



**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address : semechcircle104@gmail.com
**e-Procurement Notice - Bid Identification No. - ACEM/MDL-58/2025-26**
No.32001/275/2526

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/MSME for Irrigation Shutters/Hydro mechanical gates.
4. Bid Identification No. : ACEM/MDL-58/2025-26
5. Estimated Cost : Rs.10,64,851/-
6. Period of Completion : 02 (Two) calendar months
7. Date & time of availability of bid documents in the Portal : From Dt.30.03.2026 (10.00 A.M.) to Dt.16.04.2026 (5.30 P.M.)
8. Last date/time for receipt of bid in the Portal : Dt.16.04.2026 (up to 5.30 P.M.)
9. Date and Place of opening of Bid : Dt.17.04.2026 (11.00 A.M. onwards in the O/o the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
**Sd./- Addl. Chief Engineer,**
**OIPR-32001/32405/1/25-26/0011** **Mechanical Circle, Bhubaneswar**



**ଆରକ୍ଷୀ ମହାନିର୍ଦ୍ଦେଶକ, ଓଡ଼ିଶା, କଟକ**
ସଂଖ୍ୟା 7977/ ହିସାବ ଉପବିଭାଗ ତା 02.03.2026 ରିଖ
**ନୋଟିସ**

No. 12001/58/2526:– ଏତଦ୍ୱାରା କଟକ ଏବଂ ଖୋର୍ଦ୍ଧା ଜିଲ୍ଲାର ପୋଲିସ ବିଭାଗର ସମସ୍ତ ପେନ୍‌ସନ୍ ଉପଭୋକ୍ତାମାନଙ୍କୁ ଜଣାଇ ଦିଆଯାଉଛି ଯେ, ଏ.ଜି. ଓଡ଼ିଶା ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା 2297 ତା09.03.2026ରିଖ ଅନୁସାରେ ଆସନ୍ତା ତା **08.04.2026 ରିଖ ସମୟ ପୂର୍ବାହ୍ନ 10 ଘଟିକାରେ ଭୁବନେଶ୍ୱର ସପ୍ତମ ବାଟାଲିୟନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର** ସଭା ଗୃହରେ ଏ.ଜି. ଓଡ଼ିଶା, ଭୁବନେଶ୍ୱର ଓ ଓଡ଼ିଶା ପୋଲିସ ମୁଖ୍ୟ କାର୍ଯ୍ୟାଳୟ ଆନୁକୂଲ୍ୟରେ ପେନ୍‌ସନ୍ ଅଦାଲତ ଅନୁଷ୍ଠିତ ହେବ । ତେଣୁ କଟକ ଏବଂ ଖୋର୍ଦ୍ଧା ଜିଲ୍ଲା ଅଧୀନସ୍ଥ ସମସ୍ତ ପୋଲିସ କାର୍ଯ୍ୟାଳୟର ଅବସରପ୍ରାପ୍ତ ପୋଲିସ କର୍ମଚାରୀ, ଯେଉଁମାନେ ଗ୍ରାଚୁଇଟି/ ଜି.ପି.ଏଫ୍./ ପେନ୍‌ସନ୍ ପାଇନାହାନ୍ତି, ସେହି ସମ୍ବନ୍ଧୀୟ ସମସ୍ୟା ଏହି ଅଦାଲତରେ ବିଚାର କରାଯିବ । ସମସ୍ତ ପେନ୍‌ସନ୍ ଅନୁମୋଦନ ଅଧିକାରୀମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ସେମାନେ ଧାର୍ଯ୍ୟ ତାରିଖରେ ଉପରୋକ୍ତ ସ୍ଥାନରେ ପହଞ୍ଚି ଏହି ସମ୍ବନ୍ଧୀୟ ଅଭିଯୋଗ ସମାଧାନ କରିବାରେ ସହଯୋଗ କରିବେ । ବକେୟା ଥିବା ଗ୍ରାଚୁଇଟି/ ଜି.ପି.ଏଫ୍./ ପେନ୍‌ସନ୍‌ର ତାଲିକା ଓଡ଼ିଶା ପୋଲିସ ୱେବସାଇଟ୍ **police.odisha.gov.in** ରେ ଉପଲବ୍ଧ ଅଛି ।
ସ୍ୱା./- ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଆଧୁନିକୀକରଣ),
ଓଡ଼ିଶା, କଟକ
**OIPR-12001/12029/1/25-26/0010**



**ZILLA SWASTHYA SAMITI, MALKANGIRI**
(Contractual engagement of different posts under NHM Program)
**Advt. No. 3855/2026** **Date : 26/03/ 2026**

**Contractual Engagement**

**No.10001/159/2526** : Zilla swasthya Samiti (ZSS), Malkangiri invites the application from the eligible candidates for different posts under NHM Programme. The eligibility criteria, vacancy, monthly remuneration, selection procedure, date of submission applications and application form can be downloaded from district website www.malkangiri.odisha.gov.in. The candidates fulfilling the eligibility criteria may apply in the prescribed application form & submit to the undersigned by Regd. Post/ Speed Post/Courier on or before **13.04.2026 by 5.00 P.M** with all relevant documents addressed to the Chief District Medical & Public Health Officer, MALKANGIRI, DNK Chowk, old medical road, Pin-764045. The undersigned is not responsible for any postal delay or in-conveyance. Application received after due date will be rejected. **The envelope containing the application should be superscripted clearly the name of the post applied for..................under NHM** otherwise it will be rejected. Application received after due date and time will be rejected without any notice. No Personal query will be entertained. Vacancies shown are provisional and subject to change during the time of appointment. In- complete applications in any form is liable for rejection. Separate application forms for each post must be submitted in separate envelopes if any candidate willing to apply for more than one post.
No. of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be hoisted in district website. The undersigned reserves the right to cancel/ reject any or all the applications without assigning any reason thereof.
**OIPR-10001/10086/1/25-26/0001** **Sd./- CDM&PHO Cum DMD, MALKANGIRI**



**ବିଜ୍ଞପ୍ତି**

**No. 8001/184/2526:-** ନିମ୍ନଲିଖିତ ଯାନମାନଙ୍କର ମାଲିକମାନଙ୍କୁ ଏହି ବିଜ୍ଞପ୍ତି ଦ୍ୱାରା ଜଣାଇଦିଆଯାଉଅଛି ଯେ ଏହି ଯାନଗୁଡ଼ିକ ବିଭିନ୍ନ ସମୟରେ ଜଙ୍ଗଲଜାତ ଦ୍ରବ୍ୟ ଓ ବନ୍ୟଜନ୍ତୁ ବେଆଇନ ଭାବେ ପରିବହନ/ଚାଲାଣ କରୁଥିବା ସମୟରେ ଧରାପଡ଼ିଛି ଏବଂ ସେହି ଗାଡ଼ି ତଥା ମାଲିକମାନଙ୍କ ବିରୁଦ୍ଧରେ ଜଙ୍ଗଲ ଆଇନ ୧୯୭୨ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଅଛି । ଅଧିକୃତ ଅଧିକାରୀଙ୍କ ଅଦାଲତ ବାରମ୍ବାର ନୋଟିସ କଲେ ମଧ୍ୟ ସମ୍ପୃକ୍ତ ଗାଡ଼ି ମାଲିକ ଆସି ହାଜିର ହେଉନାହାନ୍ତି ।
ତେଣୁ ଏହି ନୋଟିସ ପାଇବାର ୦୭ (ସାତ ଦିନ) ମଧ୍ୟରେ ନିଜେ ଗାଡ଼ି ମାଲିକ ଆସି ହାଜିର ହୋଇ ତାଙ୍କର ପକ୍ଷ ତଥା ଆବଶ୍ୟକୀୟ ପ୍ରମାଣପତ୍ର ଦାଖଲ କରିବେ ନଚେତ ଜଙ୍ଗଲ ଆଇନ, ୧୯୭୨ ଅନୁଯାୟୀ ଅଧିକୃତ ଅଦାଲତ ରାୟ ପ୍ରକାଶ କରିବେ ।
ଏହା ଅତ୍ୟନ୍ତ ଜରୁରୀ ।

| Sl. No. | Name of the Range | Year | Type of Vehicle | Registration No. |
|---|---|---|---|---|
| 1 | Daspalla | 2015-16 | India Yamaha RXZ | OR-16B-4609 |
| 2 | Daspalla | 2015-16 | TVS Star deluxe Motor Cycle | OR-25-6104 |
| 3 | Panchirida | 2015-16 | M/C Bajaj Pulsar | OR 02AB-7428 |
| 4 | Daspalla | 2016-17 | Bolero MAX Truck Plus Van | OD-06-8380 |
| 5 | Daspalla | 2017-18 | Mahindra MAX Pick-up Van (Navy Blue Colour) | OR 02AH-0122 |
| 6 | Panchirida | 2017-18 | Tractor & Trolley Trolley No. not visible | OR-25A-7912 |
| 7 | Panchirida | 2017-18 | TVS XL Motor Cycle | OR-25B-6374 |
| 8 | Nayagarh | 2018-19 | Paggio Auto | OR-25A-6343 |
| 9 | Nayagarh | 2018-19 | Hero Honda M/C | OD-25B-2931 |
| 10 | Mahipur | 2018-19 | H.Honda C.D. Deluxe | OR-25-6952 |
| 11 | Mahipur | 2018-19 | Suzuki Max M/C | OR-02S-2835 |
| 12 | Panchirida | 2019-20 | Max Pick up Van (White Colour) | OR-10C-4000 |
| 13 | Panchirida | 2022-23 | Hero Dextina 13 S Scooty | OD-13 X-6381 |
| 14 | Panchirida | 2022-23 | Bajaj Plantina TVS XL Super Heavy Duty | OD-02 H-0859 OD-25 C-4709 |

ସ୍ୱା./- କ୍ଷମତାପ୍ରାପ୍ତ ଅଧିକାରୀ
OIPR-8001/8026/1/25-26/0004 O/o ନୟାଗଡ଼ ବନଖଣ୍ଡ



No.6001/44/2526
**FISHERIES & ANIMAL RESOURCES DEVELOPMENT DEPARTMENT**
**GOVERNMENT OF ODISHA**
**DIRECTORATE OF FISHERIES, ODISHA, CUTTACK**
Website: https://fisheries.odisha.gov.in, https://dahvs.odisha.gov.in
Phone: 0671-2414061, Email: director.odifish@gmail.com
**REQUEST FOR PROPOSAL**
**RFP No.4220 Dated: 30.03.2026**

**Fisheries & Animal Resources Development Department, Odisha intends to engage a media consulting agency for social media management & creative productions** for smooth operation of IEC activities taken up by the two Directorates i.e. Directorate of Fisheries and Directorate of AH&VS under F&ARD Dept. Director of Fisheries, Odisha, Cuttack of Fisheries & Animal Resources Development Department, Odisha invites sealed proposals from eligible bidders for **"Media Consulting Agency for Social Media Management & Creative Productions"** under administrative control of Director of Fisheries, Odisha, Cuttack.
The RFP Document containing **details of scope of work, deliverables, eligibility criteria, professional requirements and other bidding parameters** can be accessed and downloaded from the website of F&ARD Department https://fard.odisha.gov.in, Directorate of Fisheries https://fisheries.odisha.gov.in and Directorate of Animal Husbandry & Veterinary Services https://dahvs.odisha.gov.in.
Important dates for the bidding process:

| Sl. No. | Critical Events | Time Line |
|---|---|---|
| 1. | Date of Issue of RFP | 31.03.2026 |
| 2. | Submission of Pre-Bid Queries | 07.04.2026 up to 5:30 PM |
| 3. | Pre-Bid Meeting | 08.04.2026 at 3:30 PM |
| 4. | Last Date and Time for Submission of Bid | 20.04.2026 up to 5:30 PM |
| 5. | Opening of Technical Bid | 22.04.2026 at 11:30 AM |
| 6. | Technical Presentation | 27.04.2026 at 11:30 AM |
| 7. | Opening of Financial Bid | 28.04.2026 at 11:30 AM |

The proposal complete in all respect in a sealed envelope clearly mentioning on top of it **"Selection of Media Consulting Agency for Social Media Management & Creative Productions"** must reach the undersigned through **Speed Post / Registered Post only** latest by **20.04.2026 up to 5:30 P.M.** The proposals received beyond the scheduled date and time shall not be considered and will be outrightly rejected. Further, the authority reserves the right to reject any/all proposals without assigning any reason thereof.
**OIPR-6001/6015/1/25-26/0003** **Sd./- Director of Fisheries**



**OHPC**
**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL), BALIMELA HYDRO ELECTRIC PROJECT**
AT/POST : BALIMELA, DIST. : MALKANGIRI, PIN-764051(ODISHA)
PHONE Nos : 06861-232581(O) / 232641(R), FAX No.-06861-232541, E-mail : unit.head_balimela@yahoo.com / bhep.balimela@gmail.com
**'e'-Procurement Notice**
**NOTICE INVITING TENDER NO. BHEP/76/2025-26 DATED-24.03.2026**

**No.4001/101/2526** : The Unit Head, Balimela Hydro Electric Project, Balimela, Dist-Malkangiri invites percentage rate bids in the **double cover system i.e. Cover-I (Technical Bid) & Cover-II (Price bid)** for the work through e-procurement as detailed in the table below.

| Sl. No. | Name of Work | Approx. Estimated cost in Rs. | E.M.D in Rs. | Class of Contractor | Cost of bid documents in Rs. | Period of Completion |
|---|---|---|---|---|---|---|
| 1 | Job contract for maintenance of Newly constructed Training Hostel at BHEP, Balimela for 01 (one) year | Rs.15,57,080.00 | Rs.16,000/- | 'C' or 'D' class registered contractors | 6000/- + GST @18% = 7080/- | 01 year (365 days) |

Availability of bid document in the portal : **From 11:00 Hrs of 31.03.2026 to 17:00 Hrs of 09.04.2026**
Last date & time of submission of bid : **Up to 17:00 Hrs of 09.04.2026**
The date & Time of opening of the bid : **12:30 Hrs onwards of 10.04.2026 (Only Technical bid)**
**Further details can be seen from the e-procurement portal https://tendersodisha.gov.in**
**Sd./- Unit Head**
**OIPR-4001/4019/1/25-26/0013** **BHEP, Balimela**



**OFFICE OF THE CDM&PHO-CUM-DISTRICT MISSION DIRECTOR, NHM, JHARSUGUDA**
**District Programme Management Unit (DPMU), NHM, Dist Headquarter Hospital**
**At : Malimunda, Post : OSAP Lane, Dist : Jharsuguda - PIN : 768204 (Odisha), e-mail : dpmujha@nic.in**
**Letter No. : 983/NHM/26** **Date : 25.03.2026**

**Corrigendum Notice**

**No.10001/153/2526** : This is for the general information of all the Bidders / NGOs / Trusts regarding their revisiting of the revised RFP document for **"Operation and Management of Maternity Waiting Home (Maa Gruhas) under DMF, Jharsuguda"**, floated in the RFP No-820 dt-13.03.2026. The revised RFP is available in district website and last date of the bid submission is also extended as given below.

| Availability of RFP | | Date & time of Closing of RFP | Date & time of Opening of RFP |
|---|---|---|---|
| From | To | | |
| 25.03.2026 at 10.00 A.M. | 08.04.2026 Upto 5.00 P.M. | 08.04.2026 till 5.00 P.M. | 09.04.2026 at 3.30 P.M. |

The revised RFP document available in district website - https:www.jharsuguda.odisha.gov.in
**Chief District Medical & Public Health Officer**
**OIPR-10001/10037/1/25-26/0012** **Jharsuguda**



**BOARD OF REVENUE, ODISHA, CUTTACK**
**(ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ)**
**(E-mail : exam.bor@gmail.com / exam2.bor@gmail.com)**
**File No.V-01/2026-164/Exam. Dated 25.03.2026**

**NOTIFICATION**

No. 24001/94/2526:- On-line applications are hereby invited from the prospective officers through the Proforma application to be made available in the Board of Revenue's website (https://boardodisha.nic.in) w.e.f. **2nd April, 2026 in respect of the 1st Half Yearly Departmental Examination of Officers, 2026** conducted by the Board of Revenue for all Departments of Govt. of Odisha to be held in the 2nd week of June, 2026.
The candidates are required to furnish application through Online only. No off-line application will be entertained. The link for submission of application online shall be made available from **02.04.2026 (Thursday) to 01.05.2026 (Friday)**. The candidates are requested to visit the Board's website and before proceeding for filling the online application form, they are required to go through the guidelines and instructions available in Board's website (Annexure- I).
The officers under training at the Gopabandhu Academy of Administration, Bhubaneswar / Madhusudan Das Regional Academy of Financial Management (MDRAFM), Bhubaneswar / any other institution should submit their application in the above manner through their Academy / Institute.
The detailed programme of the Examination Schedule (both Written & Viva-Voce) will be notified later on.

**DOCUMENTS TO BE UPLOADED:**
- Candidates must upload recent coloured passport size photo and scanned signature as per the instruction mentioned in Annexure-I.
- The forwarding letter duly signed or approved by the Head of office must be uploaded. Otherwise, the application without forwarding letter will be rejected by the software & the candidate will not be able to appear in the Departmental Examination. (If the head of office is an examinee, his / her application should duly be approved by the next Higher Authority).
- The officers, who want to be exempted from passing of ODIA in the Departmental Examination, should upload their HSC/ equivalent certificate. (Note: ODIA in M.E. Standard will not be considered for exemption). **Offline Application for Odia exemption or through E-mail shall not be entertained.**
- No need to upload HSC/ Equivalent certificate, if a candidate has already been exempted from passing Odia exam by this office.

**By order of Member, Board of Revenue, Odisha, Cuttack**
**Sd./- Secretary**
**OIPR-24001/24002/1/25-26/0002** **Board of Revenue, Odisha, Cuttack**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାବତ ବାପାଙ୍କୁ ଆଜୀବନ ଦଣ୍ଡାଦେଶ

## ୪ ବର୍ଷୀୟା ଶିଶୁକନ୍ୟା ବଳାତ୍କାର ମାମଲା

## ୨ ବର୍ଷ କାରାଦଣ୍ଡ ଭୋଗିବେ ମା'

ଝାରସୁଗୁଡ଼ା,୩୧।୩
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ଏକ ଶିଶୁ ବଳାତ୍କାର ମାମଲାର ରାୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ମଙ୍ଗଳବାର ଶୁଣାଇଛନ୍ତି। ୪ ବର୍ଷୀୟା ଶିଶୁକନ୍ୟାକୁ ବଳାତ୍କାର କରିବା ଅଭିଯୋଗରେ ଅଭିଯୁକ୍ତ ସାବତ ବାପାଙ୍କୁ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଦେୟ ନ ହେଲେ ୧ ବର୍ଷ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ସାବତ ବାପା ହେଲେ ପଙ୍କଜ ପୋଡ଼ । ଏହି ଘଟଣା ଜାଣି ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଏତଲା ନ ଦେବା ଅଭିଯୋଗରେ ପୀଡ଼ିତାଙ୍କ ମା' ଅନୁ ବାଗ୍‌ଙ୍କୁ ମଧ୍ୟ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନା ଆଦେଶ ହୋଇଛି।

ପ୍ରକାଶ ଯେ, ୨୦୨୫ ଜୁନ୍ ୨୭ରେ ପୀଡ଼ିତା ଶିଶୁକୁ ତାଙ୍କ ସାବତ ବାପା ରଥଯାତ୍ରା ଦେଖାଇବା ବାହାନାରେ ଘରୁ ନେଇଯାଇ ବଳାତ୍କାର କରିଥିଲେ। ତା'ପରଦିନ ଝିଅଟି ତା'ର ସମ୍ବେଦନଶୀଳ ସ୍ଥାନରେ କଷ୍ଟ ହେଉଥିବା ନେଇ ମା'ଙ୍କୁ କହିବାରୁ ତାକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଜଣକ ଏହା ଏକ ବଳାତ୍କାର ମାମଲା ବୋଲି ଜାଣିବାକୁ ପାଇଥିଲେ। ପରେ ଏ ନେଇ ବ୍ରଜରାଜନଗର ପୋଲିସକୁ ଖବର ଦିଆଯାଇଥିଲା। ଏ ସମ୍ପର୍କରେ ୩୦ ଜୁନ୍ ୨୦୨୫ରେ ବ୍ରଜରାଜନଗର ଥାନାରେ ଏକ ମାମଲା (ନଂ.୧୪୦/୨୫) ରୁଜୁ କରାଯାଇଥିଲା। ପୋଲିସ ଏହାର ତଦନ୍ତକରି ମୁଖ୍ୟ ଅଭିଯୁକ୍ତ ପଙ୍କଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ମାଜିଷ୍ଟ୍ରେଟ ପୂଜା ଷଡ଼ଙ୍ଗୀ ବିଚାର କରିଥିବା ବେଳେ ସରକାରୀ ଓକିଲ ରାଜକୁମାର ଶ୍ରୀବାସ ପୀଡ଼ିତାଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ। ଏହାସହିତ ପୀଡ଼ିତା ଶିଶୁକୁ ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ମାଜିଷ୍ଟ୍ରେଟ ଡିଏଲ୍‌ଏସ୍‌ଏକୁ ଆଦେଶ ଦେଇଥିବା ବେଳେ ପୀଡ଼ିତାକୁ ଝାରସୁଗୁଡ଼ା ଶେଲ୍‌ଟର ହାଉସ୍‌ରେ ରଖାଯାଇଛି।

# ମାଟାବାରି ଜଙ୍ଗଲରୁ ମାଓବାଦୀ ସାମଗ୍ରୀ, ବନ୍ଧୁକ ଜବତ

## ୮ରୁ ୯ ଜଣଙ୍କ ମଧ୍ୟରେ ଅଛନ୍ତି ଜଣେ ଓଡ଼ିଆ ମାଓବାଦୀ

ଫୁଲବାଣୀ, ୩୧।୩
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଦାରିଙ୍ଗିବାଡି ଥାନା ଅଞ୍ଚଳରେ କୋମ୍ବିଂ ଅପରେଶନ ବେଳେ ଯବାନମାନେ ମଙ୍ଗଳବାର ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜଙ୍ଗଲର ଏକ ଗୁପ୍ତ ସ୍ଥାନରୁ ଜବତ କରିଛନ୍ତି। ସେଠାରୁ ଗୋଟିଏ ଏସ୍‌ଏଲ୍‌ଆର୍ ରାଇଫଲ, ଗୋଟିଏ ୩୦୩ ରାଇଫଲ, ୨ଟି ୧୨ ବୋର ବନ୍ଧୁକ, ଦୁଇଟି ଏସ୍‌ବିଜିଏଲ୍ ରାଇଫଲ୍, ଗୋଟିଏ ଦେଶୀ ବନ୍ଧୁକ, ଜୀବନ୍ତ ଗୁଳି, ୧୦ଟି ଗ୍ରେନେଡ୍, ୩୦ ଡିଟୋନେଟର, ୱାକିଟକି, ସୋଲାର ପ୍ୟାନେଲ, ମେଡିସିନ ଆଦି ଜବତ ହୋଇଥିବା ଏସ୍‌ପି ହରିଶ ବିଶି କହିଛନ୍ତି।

ଜଙ୍ଗଲରେ ମାଓବାଦୀମାନେ ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିବା ନେଇ ସୂଚନା ମିଳିବା ପରେ ଏସ୍‌ଓଜି, ଡିଭିଏଫ୍ ଯବାନଙ୍କୁ ନେଇ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା। ଯବାନମାନେ ଜମାବାରି, ମାଟାବାରି, ଗାବୁରି, ପକାରି, ବାବୁଟି ଗ୍ରାମର ଜଙ୍ଗଲ ଅଞ୍ଚଳରେ ଅପରେଶନ ଚଳାଇଥିଲେ। ମାଟାବାରି ଜଙ୍ଗଲ ନିକଟରୁ ଗୋଟିଏ ଡମ୍ପ (ଗୁପ୍ତ ସ୍ଥାନ) ଯବାନମାନେ ଠାବ କରିଥିଲେ। ସେଠାରୁ ଉପରୋକ୍ତ ପରିମାଣର ବିସ୍ଫୋରକ ଦ୍ରବ୍ୟ ଓ ବନ୍ଧୁକ ମିଳିଛି ବୋଲି ଏସ୍‌ପି ବିଶି କହିଛନ୍ତି। ଯେଉଁ ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି ସେମାନଙ୍କ ସୂଚନାକୁ ଆଧାରକରି ଆମେ ଆଗାମୀ ଦିନରେ କୋମ୍ବିଂ ଅପରେଶନକୁ ଆହୁରି ଜୋରଦାର କରିବୁ। ଏବେ କନ୍ଧମାଳ ଜିଲାରେ ଆଉ ମାତ୍ର ୮ରୁ ୯ ଜଣ ମାଓବାଦୀ ଅଛନ୍ତି। ସେହି ଟିମ୍‌ରେ ଜଣେ ଓଡ଼ିଆ ରହିଛନ୍ତି। ତାଙ୍କ ନାମ ମଗ୍ଗୁ, ସେ ରାୟଗଡା ଜିଲା କାଶୀପୁର ଅଞ୍ଚଳର ବୋଲି ଜଣାପଡିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଶୀଲା ଏବଂ ବାକି ୭ରୁ ୮ ଜଣ ଛତିଶଗଡ଼ ଅଞ୍ଚଳର ମାଓବାଦୀ ଥିବା ବେଳେ ସେମାନଙ୍କ ମଧ୍ୟରେ ଦୁଇ ଜଣ ପୁରୁଷ, ଅନ୍ୟମାନେ ମହିଳା ମାଓବାଦୀ ରହିଛନ୍ତି। ପୂର୍ବରୁ ଅପରେଶନ ବେଳେ ଦୁଇ ଜଣ ମାଓବାଦୀଙ୍କୁ ଗୁଳି ଲାଗିଛି । ସମୟ ଅଛି ସେମାନେ ଆତ୍ମସମର୍ପଣ କରନ୍ତୁ। ସରକାରଙ୍କ ଥଇଥାନ ନୀତିରେ ସାମିଲହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ। ଅନ୍ୟପକ୍ଷରେ ଲୋକଙ୍କୁ ସଚେତନ ପାଇଁ ଆମେ ଗାଁ ଗାଁରେ ମିଟିଂ କରୁଛୁ। ମାଓବାଦୀଙ୍କ ସମ୍ପର୍କରେ ଜାଣିଲେ ତୁରନ୍ତ ପୋଲିସ ସହ ଯୋଗାଯୋଗ କରିବାକୁ କହୁଛୁ। ସେମାନଙ୍କ ପରିଚୟ ଗୁପ୍ତ ରଖାଯିବ ବୋଲି ମଧ୍ୟ ବୁଝାଉଛୁ ବୋଲି ଏସ୍‌ପି କହିଛନ୍ତି।




ଜବତ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ ।

## ୨୭ କି.ଗ୍ରା. ୬୦୦ ଗ୍ରାମ୍ ଗଞ୍ଜେଇ ଜବତ : ୩ ଗିରଫ

ଏରସମା, ୩୧।୩(ଦୀପ୍ତି ଖଣ୍ଡୁଆଳ)

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ନିମୋଳ ଗ୍ରାମରୁ ସୋମବାର ୨୭ କିଗ୍ରା ୬୦୦ ଗ୍ରାମ୍ ଚୋରା ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ନିମୋଳ ଗ୍ରାମର ସଚ୍ଚି ରଞ୍ଜନ ପଣ୍ଡା ଓରଫ୍ ପପୁ(୪୯), ତାଙ୍କ ସ୍ତ୍ରୀ ପ୍ରଭାତୀ ପଣ୍ଡା(୪୭) ଓ ଏରସମାର ଅଭିରାମ ଖଟୁଆ(୫୮)। ପପୁଙ୍କ ଘରୁ ଉପରୋକ୍ତ ଗଞ୍ଜେଇ ସହ ୧୪,୬୬୦ ଟଙ୍କା, ୩ ମୋବାଇଲ, ୩ ଓଜନ ମେଶିନ, ୧୨୦ ପଲିଥିନ ପ୍ୟାକେଟ୍ ସହ ଗୋଟିଏ କାର୍, ସ୍କୁଟି ଓ ବାଇକ୍ ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ.୧୧୬/୨୬) ରୁଜୁ କରାଯାଇଛି।

# ୧୦ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

## ବଳଦ ବିକ୍ରି ଟଙ୍କାକୁ କେନ୍ଦ୍ରକରି ହତ୍ୟା ମାମଲା

କେନ୍ଦୁଝର,୩୧।୩(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ସେସନ୍ସ ଜଜ୍ ଜି.ସି. ବେହେରା ମଙ୍ଗଳବାର ଏକ ହତ୍ୟା ମାମଲାର ଶୁଣାଣି କରି ୧୦ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ହଜାର ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ୨୦୧୯ରେ ପାଟଣା ଥାନା ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଦୋଷୀମାନେ ହେଲେ ଧନେଶ୍ୱର ମାଝୀ(୨୨), ବଳରାମ ମାଝୀ(୪୫), କାଦୁ ମାଝୀ(୭୦), ମିର୍ଜା ମାଝୀ(୪୫), ଭଜହରି ମାଝୀ(୨୨), ମାଙ୍ଗତା ମାଝୀ (୨୫), ଶୁକଦେବ ମାଝୀ(୨୨), ବେଞ୍ଜୁ ମାଝୀ(୨୧), ମାସଙ୍ଗ ମାଝୀ(୨୫) ଏବଂ ଶ୍ୟାମସୁନ୍ଦର ମାଝୀ(୫୮)।

ପ୍ରକାଶ ଯେ, ପାଟଣା ଥାନା ଅଧୀନ ଫୁଲ ପାହାଳି ଭାଲୁଘର ସାହିକୁ ଏକ ବଳଦ ପଳାଇ ଆସିଥିଲା। ଅଭିଯୋଗକାରୀ ଫାଗୁ ମାଝୀଙ୍କ ବାପା କାଦେ ବଳଦକୁ ତାଙ୍କ ଘରେ ବାନ୍ଧିରଖିବା ସହ ଖାଇବା ପିଇବା ବୁଝୁଥିଲେ। ଉକ୍ତ ବଳଦର ମାଲିକ କେହି ନ ଆସିବାରୁ ସେ ଆଉ ଖାଇବାକୁ ଦେଇ ନ ପାରିବା ଯୋଗୁ ୮ ହଜାର ଟଙ୍କାରେ ବିକି ଦେଇଥିଲେ। ବଳଦଟିକୁ କାହିଁକି ବିକିଦେଲେ ବୋଲି ଗ୍ରାମବାସୀ କାଦେଙ୍କୁ ପଚାରିଥିଲେ। ଏହାକୁ ନେଇ ଗାଁରେ ଜୁଲାଇ ୨୫ ସନ୍ଧ୍ୟାରେ ଏକ ସଭା ବସିଥିଲା। ସେଠାରେ ଗ୍ରାମବାସୀ ତାଙ୍କୁ ୮ ହଜାର ଟଙ୍କା ମାଗିଥିଲେ। ଟଙ୍କା ପାଇଁ ସେ ଘରକୁ ଆସିଥିଲେ। ତେବେ ଟଙ୍କା ଖର୍ଚ୍ଚ କରିଦେଇଥିବାରୁ ସେ ଯୋଗାଡ଼ କରିପାରି ନ ଥିଲେ। ଟଙ୍କା ଧରି ସଭାକୁ ଆସିବାରେ ବିଳମ୍ବ ହେବାରୁ ଗ୍ରାମବାସୀ ତାଙ୍କ ଘରକୁ ଯାଇ କାଦେଙ୍କୁ ସଭା ସ୍ଥଳକୁ ଘୋଷାରି ଘୋଷାରି ନେଇ ଯାଇଥିଲେ। ତାଙ୍କ ପଛେ ପଛେ ଫାଗୁଙ୍କ ମା' ମଧ୍ୟ ସଭାସ୍ଥଳକୁ ଯାଇଥିଲେ। ଗ୍ରାମବାସୀ ଫାଗୁଙ୍କ ବାପା ଓ ମା'ଙ୍କୁ ପିଟାପିଟି କରିଥିଲେ। ରାତି ପ୍ରାୟ ୧୦ଟାରେ ତାଙ୍କ ମା' ଭୟରେ ଘରକୁ ଫେରି ଆସିଥିଲେ। ପରଦିନ ସନ୍ଧ୍ୟାରେ କାଦେଙ୍କ ମୃତଦେହ ଘର ବାରଣ୍ଡାରେ ପଡ଼ିଥିବା ଫାଗୁଙ୍କ ସମେତ ପରିବାର ଲୋକେ ଦେଖିବାକୁ ପାଇଥିଲେ। ତାଙ୍କ ବାପାଙ୍କୁ ମାଡ଼ ମାରି ତଣ୍ଟି ଚିପି ହତ୍ୟା କରାଯାଇଥିବା ଫାଗୁ ୨୬ ତାରିଖରେ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା (ନଂ.୯୩/୧୯) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପରବର୍ତ୍ତୀ ସମୟରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୯ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ହୋଇଥିବା ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଦାସ କହିଛନ୍ତି। ସେହିପରି ମୃତକଙ୍କ ପିଲାମାନଙ୍କୁ ପୀଡ଼ିତା କ୍ଷତିପୂରଣ ସ୍କିମ୍ ଅନୁଯାୟୀ କ୍ଷତିପୂରଣ ଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ହୋଇଛି।



ଦୋଷୀ ସାବ୍ୟସ୍ତ ଅଭିଯୁକ୍ତଙ୍କୁ ଜେଲକୁ ନିଆଯାଉଛି।


# Classified Everyday
0674-2580101, 9692975378




## BRIDE WANTED

ବାହାହବା ପାଇଁ ଓକିଲ ଝିଅ ଦରକାର। N6- 44, I.R.C. Santosh Das, 8280582509. D-3794

ବାହାଘର ପାଇଁ ପୋଲିସ ଝିଅ ଦରକାର। N6-44, I.R.C. Mo- 7978120820 Kamala Das. D-3768

## GROOM WANTED

60 ବୟସ୍କା Pension Holder Widow ନିଜର Business କରୁଥିବା ଖଣ୍ଡାୟତ ଝିଅଙ୍କୁ ପୁଅ ଦରକାର। Urgent 8249280543. D-3770



## REAL ESTATE SALE

PRIME LAND FOR SALE AT ANGUL- Boundary wall plots near RIMIT College, just 100m from NH-16, 15ft. road, East/West facing. High growth area- perfect for home. Limited plots- grab fast! Best price. Contact: 8249696877. D-3781

କଟକ ଭୁବନେଶ୍ୱର ମଧ୍ୟଭାଗରେ ଥିବା Sum Hospital-2 ଏବଂ Grand Bazar NH- 16 ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି Sc/ General Plot କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8249422604. D-3800

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25




Newly open spa positively health benefits (Expert therapist). Kalpana - 8984846329. D-76957

All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

ମୁଁ, ଶ୍ରୀ ସନ୍ଦୀପ ରାୟ, ସା- କଲ୍ୟାଣୀ, ୟୁନିଟ୍-୮, ଗଭର୍ନର ହାଉସ ନିକଟ ଥାନା କ୍ୟାପିଟାଲ ଭୁବନେଶ୍ୱର, ପିନ୍- ୭୫୧୦୦୧, ଧଉଳି ଥାନାରେ ତା.୩୧।୦୩।୨୦୨୬ରିଖରେ କରିଥିବା ଅଭିଯୋଗ ଅନୁଯାୟୀ ଆପଣଙ୍କ ଗୋଚରାର୍ଥେ ଜଣାଉଅଛିକି ଗତ ତା.୨୦।୦୩।୨୦୨୬ରିଖରେ ମୁଁ ମୋର ଖାରବେଳ ନଗର ଘରୁ ଶ୍ରୀମତୀ ନୀଳିମା ରାୟଙ୍କର କବଲା ଏବଂ ପଟ୍ଟା ଅନ୍ୟ ଜିନିଷ କବଲା ନଂ.୪୫୦୯ ଯାହା ୧୯ ଅଗଷ୍ଟ ୧୯୯୭ ମସିହାରେ କୃଷ୍ଣପୁର ମୌଜାର ରାଜ କିଶୋର ରାଉତଙ୍କଠାରୁ କିଣିଥିଲି। ଯାହାର ଖାତା ନଂ. ୧୬୫/୧୫, ପ୍ଲଟ୍- ୨୬୨, ୨୭୫, ୨୬୩, ୩୫୫, ୩୫୬ ପ୍ଲଟ୍ ଥିଲା। ବାଟରେ ଆସିବା ସମୟରେ ଧଉଳି ଛକ ନିକଟରେ କେଉଁଆଡ଼େ ହଜିଯାଇଛି। ଯେଉଁ ସହୃଦୟ ବ୍ୟକ୍ତି ଏହା ପାଇଥିଲେ ନିମ୍ନ ମୋବାଇଲ ନମ୍ବରରେ ଜଣାଇବାକୁ ଅନୁରୋଧ। ମୋ. ୯୪୩୮୭୦୧୬୨୮। ଧ-୩୮୦୧

## AFFIDAVIT

By virtue of an affidavit sworn before the Executive Magistrate, Boudh, No.281, Dtd.- 30.03.26, I, Prafulla Naik, R/o. Village- Nagapali, P.O.- Khamaripada, P.S./Dist.- Boudh, Odisha, PIN- 762014 declare that I have changed the name of my daughter from Sangita Naik to Sanjukta Naik. Henceforth, she shall be known as Sanjukta Naik for all purposes.
Prafulla Naik
D-3799

## LEGAL NOTICE

IN THE COURT OF JUDGE, FAMILY COURT, BHUBANESWAR, C.P. No. 798/2025
Kanakalata Lenka .....Petitioner
Versus
Manojit Lenka .....Respondent
NOTICE U/O-5 RULE 20 OF CPC
To.
Manojit Lenka, aged about 45 years, S/o.- Late Patitapaban Lenka, At- Rananja, P.O.- Ranital, P.S.- Bhadrak (R), Dist.- Bhadrak, Odisha.

Whereas the above named petitioner has preferred this proceeding for divorce U/s- 13 of Hindu Marriage Act against you and despite issuance of summon through the court and registry post, you are keeping yourself out of way to avoid the service of summons.

You are hereby directed to appear before this Hon'ble Court in person or through a pleader duly instructed to answer the claim on 30.04.2026 at 10.30 AM.

Take notice in default of your appearance on the day before maintained the proceeding will be heard and determined in your absence.

Given under my hand and the seal of the Court this 25th day of March, 2026.
Sd./- Judge, Family Court, Bhubaneswar
D-3798

ଆମ୍ଭେ ମନୋରମା ବଟ୍ଟୁ, ସ୍ୱା- ସୁଦର୍ଶନ ବଟ୍ଟୁ, ପି: ସ୍ୱର୍ଗତ ବାସୁଦେବ ଉପାଧ୍ୟାୟ, ଗ୍ରା/ପୋ- ଗୋରୁଆଳ, ଥା- ପୁରୀ ସଦର, ଜିଲ୍ଲା- ପୁରୀ, ହା-ଠିକଣା: ସା- ବଡୁସାହି, ପୋ- ପୁରୁଣା ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ଘୋଷଣା କରୁଛୁକି, ଆମ୍ଭ ପିତାଙ୍କ ମୃତାନ୍ତେ ଆମ୍ଭେ ଓ ଆମ୍ଭର ଭାଇ ତପନ କୁମାର ଉପାଧ୍ୟାୟ ଉତ୍ତରାଧିକାରୀ ହୋଇଥିବାରେ ଆମ୍ଭ ପିତାଙ୍କ ସମସ୍ତ ସମ୍ପତ୍ତିର ଆମ୍ଭେ ୧/୨ ଅଂଶୀଦାର ସ୍ୱତ୍ତ୍ୱର ମାଲିକ ଅଟୁ। ମାତ୍ର ଆମ୍ଭ ବିନା ମଞ୍ଜୁରୀରେ ଆମ୍ଭର ଭାଇ ଆମ ଯୌଥ ପରିବାରର ସମ୍ପତ୍ତିକୁ ବିକ୍ରୟ ତଥା ଦାୟଗ୍ରସ୍ତ କରୁଥିବାରେ ଆମେ ବରିଷ୍ଠ ଦେୱାନୀ ଜଜ୍ ପୁରୀଙ୍କ ଅଦାଲତରେ ଏକ ବଂଟୁଆରା, ଘୋଷଣା ଓ ଅବୈଧ କିଣାବିକାକୁ ଅକାମୀ କରିବା ନିମନ୍ତେ ସିଏସ୍ ନଂ. ୫୩୭/୨୦୨୨ ନିମ୍ନ ସମ୍ପତ୍ତି ଉପରେ କେସ୍ ଦାୟର କରିଛୁ। ମାତ୍ର ବର୍ତ୍ତମାନ ଆମ୍ଭେ ବିଶେଷ ସୂତ୍ରରୁ ଅବଗତ ହେଉଛୁ ଯେ ଆମ ଭାଇ ଗୋରୁଆଳ ମୌଜ ଗ୍ରାମର ଆମ୍ଭ ପୈତୃକ ଘରଡିହ ସହ ଅନ୍ୟ ସମ୍ପତ୍ତିକୁ ବିକ୍ରୟ କରିବା ପାଇଁ ଗରାଖ ଖୋଜୁଛନ୍ତି।

ଆମ୍ଭେ ଏହି ନୋଟିସ ଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଉଛୁକି ଯଦି କେହି ବ୍ୟକ୍ତିବିଶେଷ ଆମ ବିନା ମଞ୍ଜୁରୀରେ ଆମ୍ଭର କୌଣସି ପୈତୃକ ସମ୍ପତ୍ତି କ୍ରୟ କରିବେ ବା କରାଇବେ ସେଥି ନିମନ୍ତେ ଆମ୍ଭର ଯାହା କ୍ଷତି ହେବ ସେଥିପାଇଁ ଉକ୍ତ ବ୍ୟକ୍ତି ଦାୟୀ ରହିବେ।

ସମ୍ପତ୍ତିର ବିବରଣୀ:
ଜିଲ୍ଲା- ପୁରୀ, ମୌଜା- ଗୋରୁଆଳ, ଖାତା- ୭୬୬, ପ୍ଲଟ୍- ୨୫୯୯, ଏରିଆ- ୦.୧୮ଡି., କିସମ- ଘରବାରି, ଜିଲ୍ଲା- ପୁରୀ, ମୌଜା- ତୋରଣ, ଖାତା- ୧୧୮୫/୯୩୬, ପ୍ଲଟ୍- ୨୩୮୯, ଏରିଆ- ଏ୦.୩୮ଡି., କିସମ- ସାରଦ-୧, ଜିଲ୍ଲା- ପୁରୀ, ମୌଜା- ତୋରଣ, ଖାତା- ୬୩୭/୨୦୭, ପ୍ଲଟ୍ ୧୭୦, ଏରିଆ- ଏ୧.୨୨ଡି., ଜିଲ୍ଲା- ପୁରୀ, ମୌଜା- ତୋରଣ, ଖାତା- ୭୩୭/୩୦୯, ପ୍ଲଟ୍- ୧୧୩୨, ଏରିଆ- ଏ୦.୪୪ଡି.
ସ୍ୱା./- ମନୋରମା ବଟ୍ଟୁ)
ଧ-୭୪୭୩୮

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ପୋଲିସ ବିରୋଧରେ ଅଭିଯୋଗ କଲେ ବିଧାୟିକା

## ନର୍ଲା ବିଧାୟିକାଙ୍କ ଝରକା ଭାଙ୍ଗି ପୋଲିସ ପଶିବା ଘଟଣା

ଭୁବନେଶ୍ୱର,୩୧।୩(ତ୍ରିନାଥ ମହାନ୍ତି)

ନର୍ଲା ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ଘର ଝରକା ଭାଙ୍ଗି ନର୍ଲା ପୋଲିସ ପଶିବା ଘଟଣାରେ ଖାରବେଳନଗର ଥାନାରେ ଅଭିଯୋଗ ହୋଇଛି। ବିଧାୟିକା କେସିଙ୍ଗା ଏସ୍‌ଡିପିଓ ଓ ଅନ୍ୟ ଦୁଇ ପୋଲିସ ଅଫିସରଙ୍କ ନାଁରେ ଅଭିଯୋଗ କରିଛନ୍ତି। ପୋଲିସ ବିଧାୟିକଙ୍କ ଅଭିଯୋଗକୁ ଗ୍ରହଣ କରି ଏକ ଷ୍ଟେଶନ ଡାଏରୀ କରି ତଦନ୍ତ କରୁଛି। ବିଧାୟିକା ଅଭିଯୋଗରେ ଦର୍ଶାଇଛନ୍ତି, ବିନା ଅନୁମତିରେ ପୋଲିସ ତାଙ୍କ ଘରେ ପ୍ରବେଶ କରିଛି। ସେ ଘରେ ନ ଥିବାବେଳେ କବାଟ ଝରକା ଭାଙ୍ଗି ପୋଲିସ ଘରେ ପଶିଥିଲା। ବିଧାନସଭା ଚାଲିଥିବାବେଳେ ବାଚସ୍ପତିଙ୍କ ଅନୁମତି ନ ନେଇ କେମିତି ପୋଲିସ ପଶିଲା ବୋଲି ବିଧାୟିକା ପ୍ରଶ୍ନ କରିଛନ୍ତି। ଝିଅ ଓ ମହିଳା ସହକର୍ମୀ ପୋଷାକ ବଦଳାଉଥିବା ବେଳେ ତାଙ୍କ ପ୍ରତି ଦୁର୍ବ୍ୟବହାର ହୋଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

ପ୍ରକାଶ ଯେ, ନର୍ଲା ତହସିଲଦାର ବିଭୁପ୍ରସାଦ ସିଂଙ୍କ ଅଭିଯୋଗ ଆଧାରରେ ନର୍ଲା ଥାନାରେ ଏକ ମାମଲା ହୋଇଥିଲା। ନର୍ଲା ବିଧାୟିକାଙ୍କ ସ୍ୱାମୀ ତଥା ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ବିଭିନ୍ନ ସରକାରୀ କାମରେ ହସ୍ତକ୍ଷେପ କରିବା ସହ ବାଧା ସୃଷ୍ଟି କରି ଆସୁଥିଲେ, ଯାହାକୁ ତହସିଲଦାର ବିରୋଧ କରିବା ପରେ ବ୍ଲକ ଅଧ୍ୟକ୍ଷ ତହସିଲଦାରଙ୍କୁ ଫୋନ୍ କରି ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ। ଜଣେ ଲୋକ ପ୍ରତିନିଧିଙ୍କ ସରକାରୀ କର୍ମଚାରୀଙ୍କ ପ୍ରତି ଏଭଳି ଆଚରଣ ସୁରକ୍ଷା ପ୍ରତି ଏବଂ ସମ୍ବିଧାନ ପ୍ରତି ପ୍ରଶ୍ନବାଚୀ ବୋଲି ନର୍ଲା ତହସିଲଦାର ଅଭିଯୋଗରେ ଦର୍ଶାଇଥିଲେ, ଯାହାକୁ ନେଇ ନର୍ଲା ଥାନାରେ କେସ୍ ନଂ-୭୨/୨୬ରେ ମାମଲା ରୁଜୁ କରାଯାଇଥିଲା। ଏହି ମାମଲା ଆଧାରରେ ନର୍ଲା ପୋଲିସ ସିଧା ବିଧାୟିକାଙ୍କ ଘରେ ଗତ ୨୬ ତାରିଖରେ ଚଢଉ କରିଥିଲା। ବିଧାୟିକାଙ୍କ ଘରର କବାଟ କେହି ନ ଖୋଲିବାରୁ ଝରକା ଭାଙ୍ଗି ପୋଲିସ ଘର ଭିତରକୁ ପଶିଥିଲା। ଖବର ପାଇ ଖାରବେଳନଗର ଥାନା ପୋଲିସ ବିଧାୟିକାଙ୍କ ଘରେ ପହଞ୍ଚି ନର୍ଲା ପୋଲିସକୁ ସହଯୋଗ କରିଥିଲେ। ଘର ଭିତରେ ଖୋଜିଥିଲେ ମଧ୍ୟ ବିଧାୟିକାଙ୍କ ସ୍ୱାମୀ ଦୁର୍ଗା ପ୍ରସାଦଙ୍କୁ ପାଇ ନ ଥିଲେ। ତେବେ ଘରୋଇ ସହାୟିକା ଏବଂ ତାଙ୍କ ଝିଅ ପୋଷାକ ବଦଳାଉଥିବା ବେଳେ ପୋଲିସ ପଶି ଦୁର୍ବ୍ୟବହାର କରିଥିବା ବିଧାୟିକା ଅଭିଯୋଗ କରିଛନ୍ତି। ଏନେଇ ଖାରବେଳନଗର ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି, ନର୍ଲା ପୋଲିସ ତାଙ୍କ ଝରକା ଭାଙ୍ଗି ଘରକୁ ପଶିବା ସହ ଝିଅ ଏବଂ ମହିଳା ସହାୟିକାଙ୍କୁ ଦୁର୍ବ୍ୟବହାର କରିଥିବା ବିଧାୟିକା ଅଭିଯୋଗରେ ଲେଖିଛନ୍ତି। ଆମେ ଅଭିଯୋଗ ରଖି ଏକ ଷ୍ଟେଶନ ଡାଏରୀ କରି ତଦନ୍ତ କରୁଛୁ ବୋଲି ସେ କହିଛନ୍ତି।

# ୨ ଡକାୟତ ଗିରଫ, ବାଇକ୍ ସହ ମାରଣାସ୍ତ୍ର ଜବତ

ସନ୍ତ୍ରୀଛକ, ୩୧।୩(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ମହୀଧରପୁର ଫାଣ୍ଡି ପୋଲିସକୁ ସଫଳତା ମିଳିଛି। ଏକ ଡକାୟତି ଗ୍ୟାଙ୍ଗର ୨ଜଣ ସାନକେରଜେଙ୍ଗ ଗ୍ରାମର ଅର୍ଜ୍ଜୁନ ନାଏକ (୧୯) ଓ ନିଶା ଥାନା ଡାବରଗୁଆ ଗ୍ରାମର ରୋହନ ନାଏକ (୧୯)ଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ମାରଣାସ୍ତ୍ର, ୨ଟି ବାଇକ୍, ମୋବାଇଲ ଫୋନ୍ ସହ ଗୋଟିଏ ଓଜନ କଣ୍ଟା ଜବତ କରାଯାଇଛି। ସୂଚନା ଅନୁଯାୟୀ, କିଛିଦିନ ହେବ ମହୀଧରପୁର ଓ ଏହାର ଆଖପାଖ ଅଞ୍ଚଳରେ ଲୁଟେରାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଥିଲା। ମଙ୍ଗଳବାର ସକାଳେ ବିଶ୍ୱସ୍ତସୂତ୍ରରୁ ଖବରପାଇ ମହୀଧରପୁର ଫାଣ୍ଡି ଅଧିକାରୀ ମାନସ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗିରଫ କରିଥିଲା। ପୋଲିସକୁ ଦେଖି ଡକାୟତ ଖସିଯିବାକୁ ଚେଷ୍ଟା କରୁଥିବାବେଳେ, ପୋଲିସ ସେମାନଙ୍କୁ ଗୋଡ଼ାଇ କାବୁ କରିଥିଲା।

# ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

ବନ୍ତଳା, ୩୧।୩(ସୁଶିତ ସାହୁ)

ପ୍ରେମରେ ପ୍ରତାରଣା ଅଭିଯୋଗରେ ବନ୍ତଳା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ଯୁବତୀ ତୁରଙ୍ଗରେ ରହୁଥିଲେ। ସେହି ସମୟରେ ଅନୁଗୋଳ ବ୍ଲକ କଞ୍ଜା ଗାଁର ସୁବ୍ରତ ସାହୁଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସୁବ୍ରତ ପୂର୍ବରୁ ବିବାହିତ ଥିବା ଯୁବତୀ ଜଣଙ୍କ ଜାଣିବା ପରେ ତାଙ୍କ ନିକଟରୁ ଦୂରେଇ ଯାଇଥିଲେ। ଏ ନେଇ ଯୁବକ ସଫେଇ ଦେବାକୁ ବଡ଼କେରା ହନୁମାନ ମନ୍ଦିର ନିକଟକୁ ଯୁବତୀଙ୍କୁ ଡାକିଥିଲେ। ସେଠାରେ ଯୁବତୀଙ୍କ ସହ ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିବା ନେଇ ସୋମବାର ଯୁବତୀ ଜଣଙ୍କ ବନ୍ତଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବନ୍ତଳା ପୋଲିସ ତଦନ୍ତ ଆରମ୍ଭ କରି ମଙ୍ଗଳବାର କଞ୍ଜା ଗାଁରୁ ସୁବ୍ରତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ବିଭୂତି ପ୍ରଧାନ ପ୍ରକାଶ କରିଛନ୍ତି।

# ହାଇୱା ପଛକୁ ଧକ୍କାଦେଲା ଟ୍ରକ୍, ଚାଳକ ଗୁରୁତର

ଭୁବନ, ୩୧।୩
(ବିପିନ ବିହାରୀ ସେଠୀ)

ଭୁବନ ଥାନା ସାମଲ ଛକ ନିକଟସ୍ଥ ଜାତୀୟ ରାଜପଥ ୫୩ରେ ମଙ୍ଗଳବାର ଭୋର ସମୟରେ ଏକ ହାଇୱା ପଛରେ ଅନ୍ୟ ଏକ କୋଇଲା ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ କୋଇଲା ଟ୍ରକରେ ଥିବା ପରଜଙ୍ଗ ଅଞ୍ଚଳ ଦଦରାଘାଟୀ ଗ୍ରାମର ହିମାଂଶୁ ସାହୁ ଗୁରୁତର ହୋଇଥିଲେ। ତାଙ୍କର ଗୋଡ଼ ଭାଙ୍ଗି ଯାଇଥିଲା। ସ୍ଥାନୀୟ ଲୋକମାନେ ଭୁବନ ପୋଲିସ ଓ ଦମକଳବାହିନୀକୁ ଜଣାଇଥିଲେ। ଦମକଳବାହିନୀ କର୍ମଚାରୀ ପହଞ୍ଚି ଟ୍ରକ୍‌କୁ କଟରରେ କାଟି ହିମାଂଶୁଙ୍କୁ ବାହାର କରିବା ପରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ଅବଧି ପୂରିଲା, ଧାର୍ଯ୍ୟଲକ୍ଷ୍ୟ ପୂରଣ ହେଲାନି

- ଢେଙ୍କାନାଳ ଜିଲାରେ ଧାନକିଣାରେ ଅବ୍ୟବସ୍ଥା
- ଚିନ୍ତାରେ ପ୍ରଶାସନ ଓ ଯୋଗାଣ ବିଭାଗ

ଢେଙ୍କାନାଳ,୩୧।୩
(ରତନ ନାୟାର)

ଢେଙ୍କାନାଳ ଜିଲାରେ ଚଳିତବର୍ଷ ଚାଷୀଙ୍କଠାରୁ ଧାନ କ୍ରୟରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି। ସରକାରଙ୍କ ପକ୍ଷରୁ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଧାନକ୍ରୟ ସରିବ ବୋଲି ନିଷ୍ପତ୍ତି ହୋଇଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ସୂଚନାରୁ ଜଣାପଡିଛି, ଧାନକିଣା ଧାର୍ଯ୍ୟଲକ୍ଷ୍ୟ ପୂରଣ ହୋଇପାରିଲା ନାହିଁ। ଧାନକିଣାରେ ଅବ୍ୟବସ୍ଥା ଯୋଗୁ ସମଗ୍ର ଜିଲାରେ ଚାଷୀମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତକରିବା ସହ ବିଭିନ୍ନ ସ୍ଥାନରେ ଧାରଣା ଦେଇଥିବା ଦେଖାଯାଇଛି। ଫଳରେ ଜିଲା ପ୍ରଶାସନ ଓ ଜିଲା ଯୋଗାଣ ବିଭାଗର ଚିନ୍ତା ବଢିବାରେ ଲାଗିଛି।



ମଣ୍ଡିରେ ଧାନବସ୍ତା ପଡ଼ିରହିଛି।

ମିଳିଥିବା ସୂଚନାରୁ ଜଣାପଡିଛି, ଚଳିତବର୍ଷ ଜିଲାରେ ୧୬ଲକ୍ଷ ୫୫ କୁଇଣ୍ଟାଲ ଧାନ କ୍ରୟ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। କିନ୍ତୁ ଶେଷ ତାରିଖ ସୁଦ୍ଧା ୧୫ଲକ୍ଷ ୭୭ ହଜାର କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ କିଣା ହୋଇଥିବା ଜିଲା ଯୋଗାଣ ବିଭାଗ ସୂତ୍ରରୁ ଜଣାପଡିଛି। ୫୫,୮୯୭ ଜଣ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୫୨ହଜାର ଚାଷୀଙ୍କଠାରୁ ଧାନକିଣା ହୋଇଥିବା ବିଭାଗୀୟ ସୂଚନାରୁ ଜଣାପଡ଼ିଛି। ବିଶେଷକରି ଜିଲାର ଆଦିବାସୀ ବହୁଳ ବ୍ଲକ କଙ୍କଡ଼ାହାଡ଼, ପରଜଙ୍ଗ, ଭୁବନ ଓ ହିନ୍ଦୋଳ ବ୍ଲକରେ ଚାଷୀଙ୍କଠାରୁ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ବଳକା ଧାନ କିପରି ଚାଷୀଙ୍କଠାରୁ କିଣାଯିବ ଏହାକୁ ନେଇ ଯୋଗାଣ ବିଭାଗ ଓ ଜିଲା ପ୍ରଶାସନର ଚିନ୍ତା ବଢିବାରେ ଲାଗିଛି। ଧାନ କିଣାରେ ଅବ୍ୟବସ୍ଥା ଯୋଗୁ ଜିଲାର ବିଭିନ୍ନ ସ୍ଥାନରେ ସମବାୟ ସମିତି ସମେତ ୫୫ନଂ ଓ ୫୩ନଂ ଜାତୀୟ ରାଜପଥ, ଜିଲାପାଳଙ୍କ କାର୍ଯ୍ୟାଳୟ ଆଦିରେ ଚାଷୀମାନେ ଧାରଣା ଦେଇଥିବା ଦେଖାଯାଇଥିଲା। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ବିଭାଗ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି, ସନ୍ଧ୍ୟା ୬ଟା ସୁଦ୍ଧା ୫୨ହଜାର ଚାଷୀଙ୍କର ୧୫ଲକ୍ଷ ୭୭ ହଜାର କୁଇଣ୍ଟାଲ ଧାନ କିଣାଯାଇଛି। ରାତି ୧୨ଟା ଯାଏ ଧାନକିଣା ଜାରିରହିବ। ବୁଧବାର ସକାଳେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିବ। ଧାନ କିଣା ପାଇଁ ଦୁଇଦିନ ସମୟ ବଢିପାରେ ବୋଲି ଶୁଣିବାକୁ ମିଳୁଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ନିର୍ଦ୍ଦେଶ ଆସିନାହିଁ ବୋଲି ଯୋଗାଣ ଅଧିକାରୀ କହିଛନ୍ତି।

# ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ

## ଏମ୍‌ପି ନିଶିକାନ୍ତଙ୍କ କୁଶପୁତ୍ତଳିକା ଦାହ




ବିଜୁ ଯୁବ ଛାତ୍ର ଜନତାଦଳ ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ କରାଯାଉଛି।

ଢେଙ୍କାନାଳ,୩୧।୩
(ରତନ ନାୟାର)

ବିଜୁପଟ୍ଟନାୟକଙ୍କ ପ୍ରତି ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଦେଇଥିବା ମିଥ୍ୟା ଅପମାନସୂଚକ ମନ୍ତବ୍ୟ ପ୍ରତିବାଦରେ ମଙ୍ଗଳବାର ସନ୍ଧ୍ୟାରେ ଢେଙ୍କାନାଳ ବିଜୁ ଯୁବ ଛାତ୍ର ଜନତାଦଳ ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇ ସହରସ୍ଥିତ ଗଣେଶ ବଜାରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏମ୍‌ପି ନିଶିକାନ୍ତ ଦୁବେ ନିଃସର୍ତ୍ତ କ୍ଷମାପ୍ରାର୍ଥନା ଦାବି କରି ତାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବ ବିଜେଡି ଉପସଭାପତି ସତ୍ୟଜିତ ପଟ୍ଟନାୟକ, ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡା, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡଙ୍ଗୀ, ଉପସଭାପତି ଅଜୟ ଭଞ୍ଜ, ନଗର ବିଜେଡି ସଭାପତି ବିନୋଦ ମହାନ୍ତିଙ୍କ ସମେତ ବାପୁନି ନନ୍ଦ, ମକରଧ୍ୱଜ ବିଶ୍ୱାଳ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ କୁଳଦୀପ ମହାପାତ୍ର, କାଉନସିଲର ସାକିର ମହମ୍ମଦ, କାମାକ୍ଷାନଗର ବ୍ଲକ ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ଜିଲା ଛାତ୍ର ବିଜେଡି ଆରୟାନ ଦାସ, ପ୍ରମୁଖଙ୍କ ସମେତ ଦଳୀୟ କର୍ମକର୍ତ୍ତା ଓ ନେତୃବୃନ୍ଦ ଯୋଗଦେଇଥିଲେ।

# ପାଇଖାନା ଟାଙ୍କିରୁ ଉଦ୍ଧାର ହେଲା ହାତୀ



ପାଇଖାନା ଟାଙ୍କିରେ ପଡିଥିବା ହାତୀ

ଢେଙ୍କାନାଳ,୩୧।୩(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ରେଞ୍ଜ ସଦର ଥାନା ଖାରଗାଡିଆ ଫାଣ୍ଡି ଚାଇଁପୁର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଏକ ମାଈହାତୀ ପାଇଖାନା ଟାଙ୍କି ମଧ୍ୟକୁ ଖସିପଡ଼ିଥିଲା। ସ୍ଲାବ୍ ଭାଙ୍ଗିଯିବାରୁ ହାତୀଟି ଟାଙ୍କି ଭିତରେ ପଡ଼ିଯାଇଥଲା। ଖବରପାଇ ବନବିଭାଗ କର୍ମଚାରୀମାନେ ଜେସିବି ସହାୟତାରେ ମାଟିଖୋଳି ବହୁ କଷ୍ଟରେ ହାତୀଟିକୁ ଉଦ୍ଧାର କରିଥିଲେ। ହାତୀଟିର ବୟସ ୭ରୁ ୮ବର୍ଷ ହେବ ବୋଲି ଜଣାପଡ଼ିଛି। ସୋମବାର ରାତିରେ ହାତୀଟି ଗ୍ରାମ ମଧ୍ୟକୁ ପଶିଆସିଥିବା ବେଳେ ଏହି ଘଟଣା ଘଟିଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି, ପାଇଖାନା ଟାଙ୍କିରେ ପଡ଼ିଥିବା ହାତୀଟିକୁ ଉଦ୍ଧାର କରାଯାଇଥିଲା। ହାତୀଟି ସୁସ୍ଥ ଅଛି। ଉଦ୍ଧାର ପରେ ହାତୀଟି ଜଙ୍ଗଲ ମଧ୍ୟକୁ ପଳାଇଛି।

# ଜାଳେଣି କାଠ ଯୋଗାଇବା ସହିତ ସାର ସଙ୍କଟ ଦୂର କରାଯାଉ

## କଂଗ୍ରେସର ଦାବିପତ୍ର ପ୍ରଦାନ

ଢେଙ୍କାନାଳ,୩୧।୩ (ରତନ ନାୟାର)





ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ଭାରପ୍ରାପ୍ତ ସଭାପତି ବିନୟ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଥିବା ଯୋଗୁ ରନ୍ଧନ ଗ୍ୟାସ ଅଭାବ ଏବଂ ସାର ସଙ୍କଟ ଉତ୍କଟ ହେବାରେ ଲାଗିଛି। ଗରିବଙ୍କଠାରୁ ମଧ୍ୟବିତ୍ତ ପରିବାର ଘରେ, ଜଳଖିଆ ଦୋକାନରେ, ହଷ୍ଟେଲ କ୍ୟାଣ୍ଟିନରେ ଚୁଲି ଜଳିପାରୁନାହିଁ। ଗାଁ ଗଣ୍ଡାରେ ଲୋକେ ଶୁଖିଲା ପତ୍ର, ତାଳ ବରଡ଼ା ଜାଳି ରୋଷେଇ କରୁଛନ୍ତି। ଏହି ସମସ୍ୟାର ସମାଧାନ ନିମନ୍ତେ ଜିଲା କଂଗ୍ରେସ ଦାବିପତ୍ର ପ୍ରଦାନ କରିଛି। ଜିଲାର ପ୍ରତ୍ୟେକ ପଞ୍ଚାୟତରେ ଏବଂ ସହରାଞ୍ଚଳରେ ସରକାରଙ୍କ ପକ୍ଷରୁ କାଠଗୋଲା କରି ସୁଲଭ ମୂଲ୍ୟରେ ଜାଳେଣିକାଠ ଯୋଗାଇ ଦେବା ନିମନ୍ତେ ଦାବି କରାଯାଇଛି। ଏହା କରା ନ ଗଲେ ଲୋକେ ବାଧ ହୋଇ ଜଙ୍ଗଲରୁ ଗଛ କାଟି ନେବେ ବୋଲି ନେତୃବୃନ୍ଦ ଜିଲାପାଳ ଏବଂ ଜିଲା ବନଖଣ୍ଡ ଅଧିକାରୀଙ୍କୁ ଭେଟି ଜଣାଇଛନ୍ତି। ବିଦେଶରୁ ସାର ଆମଦାନୀ ହୋଇ ପାରୁନାହିଁ। ଗ୍ୟାସ୍ ଅଭାବରୁ ୟୁରିଆ ଓ ଡିଏପି ସାର ଦେଶରେ ଥିବା କାରଖାନାରେ ଉତ୍ପାଦନ ହୋଇପାରୁନାହିଁ। ଖରିଫ୍ ଋତୁରେ ଆବଶ୍ୟକ ପରିମାଣର ସାର ଯେପରି ଉପଲବ୍ଧ ହୋଇପାରିବ, ସେ ଦିଗରେ ପ୍ରଶାସନ ତତ୍ପରତା ଦେଖାଇବାକୁ ଦାବି କରାଯାଇଛି। ରେଙ୍ଗାଳି କେନାଲରେ ଖରାଟିଆ ଫସଲ ପାଇଁ ଜଳ ଯୋଗାଣ ଏବଂ ମଣ୍ଡି ସ୍ଥାପନରେ ଡେରି ଯୋଗୁ ପଛରେ ରହିଯାଇଥିବା ଚାଷୀମାନଙ୍କ ଧାନକୁ କ୍ରୟ କରିନେବା ନିମନ୍ତେ କଂଗ୍ରେସ ମଧ୍ୟ ଦାବିକରିଛି। ଦଳର ବରିଷ୍ଠ ନେତା ଡାକ୍ତର ତୁଷାରକାନ୍ତି ନାୟକ, ବିପ୍ରବର ସାହୁ, ସରୋଜ ଶତପଥୀ, ରୁଦ୍ରପ୍ରକାଶ ଶରଣ, ସ୍ମିତାରାଣୀ ସାମଲ, ରୁମେନା ବେଗମ୍, ଅଜିତାନନ୍ଦ ବିହାରି ପ୍ରମୁଖ ଜିଲାପାଳ, ବନଖଣ୍ଡ ଅଧିକାରୀ ଓ ମୁଖ୍ୟ କୃଷି ଅଧିକାରୀଙ୍କୁ ଭେଟି ସମସ୍ୟାର ସମାଧାନ ନିମନ୍ତେ ଆଲୋଚନା କରିଥିଲେ।

# ଭାରସାମ୍ୟ ହରାଇ ଓଲଟିଲା ଟ୍ରକ୍, ୩ ଆହତ

ଗଁଦିଆ,୩୧।୩(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ଥାନା ଦେଓଗାଁ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଏକ ଲୁହାତାର ବୋଝେଇ ଓଡି୩୫ଏଫ୍-୮୧୧୨ ଟ୍ରକ୍‌ଟି ଭାରସାମ୍ୟ ହରାଇ ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡ଼କୁ ଓଲଟି ପଡିଥିଲା। ଦୁର୍ଘଟଣା ଘଟିବା ଦେଖି ସେହି ସମୟରେ ବାଇକ୍‌ରେ ଯାଉଥିବା ସୁଆଖାଇକାଟେଣୀ ଗ୍ରାମର ଶେଷଦେବ ନାୟକ ଓ ଅବନ୍ତି ନାୟକ ଭୟରେ ନିକଟରେ ଥିବା ଏକ ନାଳ ଭିତରେ ପଡ଼ିଯିବାରୁ ସେମାନେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଦୁର୍ଘଟଣା ପରେ ଆହତ ଟ୍ରକ ଚାଳକ ବିଶ୍ୱଜିତ ଦେହୁରୀ(୨୫)ଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଦେଓଗାଁ ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।








ଛତିଶଗଡ଼ରେ ଚାଲିଥିବା ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ୫୭ କେଜି ଫ୍ରିଷ୍ଟାଇଲ କୁସ୍ତିର ସ୍ୱର୍ଣ୍ଣ ପଦକ ଲଢ଼େଇ ଅବସରରେ ଓଡ଼ିଶାର ଅଜିତ ଭୂୟାଁ (ଡାହାଣ)।

# ପଞ୍ଜାବର ରୋମାଞ୍ଚକ ବିଜୟ

**ଚଣ୍ଡିଗଡ଼,୩୧।୩**

ବୋଲରଙ୍କ ଦମଦାର ପ୍ରଦର୍ଶନ ପରେ କୁପର କନୋଲିଙ୍କ ଅର୍ଦ୍ଧଶତକ ବଳରେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ମଙ୍ଗଳବାର ଖେଳାଯାଇଥିବା ଏକ ରୋମାଞ୍ଚକ ଆଇପିଏଲ୍ ମ୍ୟାଚ୍‌କୁ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ୩ ଉଇକେଟରେ ଜିତି ନେଇଛି। ଏଥିସହ ପଞ୍ଜାବ ବିଜୟ ସହିତ ଅଭିଯାନ ଆରମ୍ଭ କରିଛି।

ପଞ୍ଜାବର ପେସରଙ୍କର ମୁଖ୍ୟତଃ ଶର୍ଟ ପିଚ୍ ଓ ବାଉନ୍ସର ରଣନୀତି ଯୋଗୁ ଗୁଜରାଟ ବ୍ୟାଟରମାନେ କଦାପି ହାତଖୋଲି ବ୍ୟାଟିଂ କରିପାରି ନ ଥିଲେ। ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୬୨ ରନ କରିଥିଲା। ଦଳ ପାଇଁ ଶୁବମନ ଗିଲ୍ ୨୭ ବଲରେ ୩୯ (୬ ଚୌକା), ଖରାପ ଫର୍ମ ଦେଇ ଗତି କରୁଥିବା ବଟଲର ୩୩ ବଲରେ ୩୮ (୩ ଚୌକା ଓ ୨ ଛକା), ଗ୍ଲେନ ଫିଲିପ୍ସ ୧୭ ବଲରେ ୨୫ (୧ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ୨୦ତମ ଓଭରରେ ଅର୍ଶଦୀପ ସିଂ ୪ ୱାଇଡ୍ ଓ ୧ ନୋ ବଲ୍ ସମେତ ୧୧ ବଲ୍ ପକାଇ ୧୨ ରନ୍ ବ୍ୟୟ କରିଥିଲେ। ପଞ୍ଜାବ ପାଇଁ ବିଜୟକୁମାର ବ୍ୟଶାକ ୩ ଓ ୟୁଜବେନ୍ଦ୍ର ଚହଲ ୨ ଉଇକେଟ ନେଇଥିଲେ। ଜବାବରେ ପଞ୍ଜାବ ଆରମ୍ଭରୁ ପ୍ରିୟାଂଶ ଆର୍ଯ୍ୟ (୭)ଙ୍କ ଉଇକେଟ ହରାଇଥିଲା। ନଂ-୩ରେ କୁପର କନୋଲି ଓ ଅନ୍ୟତମ ଓପନର ପ୍ରଭସିମରନ ସିଂ ଦ୍ୱିତୀୟ ଉଇକେଟରେ ୭୬ ରନ ଯୋଡ଼ିଥିଲେ। ସେଟ୍ ହୋଇସାରିଥିବା ପ୍ରଭସିମରନ ୨୪ ବଲରେ ୩୭ (୧ ଚୌକା ଓ ୪ ଛକା) ରନ କରି ଆଉଟ୍ ହୋଇଥିଲେ। ଅଧିନାୟକ ଶ୍ରେୟସ ଆୟାର (୧୮ ରନ, ୨ ଛକା) ପାଇଥିବା ଭଲ ଆରମ୍ଭକୁ ବଡ଼ ଇନିଂସରେ ପରିଣତ କରିବାରେ ବିଫଳ ହୋଇଥିବା ବେଳେ ନେହାଲ ୱାଧେରା (୩), ଶଶାଙ୍କ ସିଂ (୪), ମାର୍କସ ଷ୍ଟୋଇନିସ (୦) ନିରାଶ କରିଥିଲେ। ଫଳରେ ଏକଦା ୧୧୦ ରନରେ ୨ ଉଇକେଟ ହରାଇ ସୁବିଧାଜନକ ସ୍ଥିତିରେ ଥିବା ପଞ୍ଜାବ ୮ ରନ ମଧ୍ୟରେ ପରବର୍ତ୍ତୀ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏହାପରେ ମାର୍କୋ ଜାନସେନ (୯) ଓ ଜାଭିଅର ବାର୍ଟଲେଟ୍ (୧୧)ଙ୍କ ସହ କନୋଲି ମିଶି ଦଳକୁ ଜିତାଇଥିଲେ। ପଞ୍ଜାବ ୧୯.୧ ଓଭରରେ ୭ ଉଇକେଟ ହରାଇ ୧୬୫ ରନ କରି ନେଇଥିଲା। ପଦାର୍ପଣକାରୀ କନୋଲି ୪୪ ବଲରେ ୫ ଲେଖାଏ ଚୌକା ଓ ଛକା ସହିତ ୭୨ ରନ କରି ଅପରାଜିତ ରହିଥିଲେ। ଗୁଜରାଟ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୩ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ କୁପର କନୋଲି।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ଲକ୍ଷ୍ନୌ ବନାମ ଦିଲ୍ଲୀ

ସ୍ଥାନ: ଲକ୍ଷ୍ନୌ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ: ୨୦ ଓଭରରେ ୧୬୨/୬ (ଶୁବମନ ଗିଲ-୩୯, ଜୋଶ ବଟଲର-୩୮, ୟୁଜବେନ୍ଦ୍ର ଚହଲ-୨/୨୮, ବିଜୟକୁମାର ବୈଶାକ-୩/୩୪, ମାର୍କୋ ଜାନସେନ-୧/୨୦)। ପଞ୍ଜାବ କିଙ୍ଗ୍ସ: ୧୯.୧ ଓଭରରେ ୧୬୫/୭ (କୁପର କନୋଲି-୭୨*, ପ୍ରଭସିମରନ ସିଂ-୩୭, ପ୍ରସିଦ୍ଧ କ୍ରିଷ୍ଣା-୩/୨୯, ୱାଶିଂଟନ ସୁନ୍ଦର-୧/୨୭)।

# ମହିଳା ୧୦୦ମି. ହର୍ଡଲ୍ସରେ ବାସନ୍ତିଙ୍କୁ ସ୍ୱର୍ଣ୍ଣ



ସ୍ୱର୍ଣ୍ଣ ପଦକ ସହ ବାସନ୍ତି ମାଝି।

**ଭୁବନେଶ୍ୱର, ୩୧।୩(ତପନ ସ୍ୱାଇଁ)**

**ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ**

ଛତିଶଗଡ଼ରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସର ମହିଳା ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ବାସନ୍ତି ମାଝି ସ୍ୱର୍ଣ୍ଣ ଓ କବିତା ଡାଡିଙ୍ଗୀ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ଏ ଦୁହେଁ କିଟ୍-କିସ୍‌ର ଛାତ୍ରୀ। ପୁରୁଷ ୪୦୦ ମିଟର ରେସ୍‌ରେ ରୌପ୍ୟ ଜିତିଛନ୍ତି ନୋବାଲ କୁମାର କିଷାନ। ସେ ୪୯.୩୪ ସେକେଣ୍ଡ ସମୟ ନେଇଥିଲେ। ସେହିପରି ଓଡ଼ିଶା ଲଙ୍ଗ୍‌ଜମ୍ପର ଭୀମା ସର୍ଦ୍ଦାର ରୌପ୍ୟ ଓ ଜିଓ୍ୱନମୁକ୍ତି ବିଲୁଙ୍ଗ୍ ବ୍ରୋଞ୍ଜ ପଦକ ପାଇଛନ୍ତି। ପୁରୁଷ ଡିସ୍‌କସ୍ ଥ୍ରୋରେ ବ୍ରୋଞ୍ଜ୍ ପଦକ ଜିତିଛନ୍ତି ଓଡ଼ିଶାର ଚନ୍ଦନେ ମୁନ୍ନା। ସେ ୩୩.୮୭ ମିଟର ଥ୍ରୋ କରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହିଳା ୪x୧୦୦ ମିଟର ରିଲେରେ କିଟ୍-କିସ୍ ଦଳ ରୌପ୍ୟ ପଦକ ହାସଲ କରିଛି। ଯମୁନା ଟୁଡୁ, ରାମେଶ୍ୱରୀ ଗଣ୍ଡ ଓ ବାସନ୍ତି ମାଝି ପୋଡିୟମ ଫିନିଶ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଆଥଲେଟ୍‌ଙ୍କ ଚମତ୍କାର ପ୍ରଦର୍ଶନ ସହାୟତାରେ ଓଡ଼ିଶା ଦଳ ପଦକ ତାଲିକାର ଦ୍ୱିତୀୟ ସ୍ଥାନରେ ନିଜ ସ୍ଥିତିକୁ ସୁଦୃଢ଼ କରିଛି। ୧୩ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୫ ବ୍ରୋଞ୍ଜ ସହ ଓଡ଼ିଶା ପ୍ରତିନିଧି ଦଳ ମୋଟ ୩୭ ପଦକ ହାସଲ କରିଛି। ପଦକ ବିଜୟୀ ପ୍ରତିଯୋଗୀଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

## ଅଜିତ୍ ସ୍ୱର୍ଣ୍ଣ ବିଜୟୀ

**କଟକ,୩୧।୩(କୁମାରଶ୍ରୀ)**

ଛତିଶଗଡ଼ ଅମ୍ବିକାପୁର ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ ୫୭ କେଜି ଫ୍ରିଷ୍ଟାଇଲ କୁସ୍ତି ଇଭେଣ୍ଟରେ ଓଡ଼ିଶାର ଅଜିତ୍ ଭୂୟାଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫାଇନାଲ ରାଉଣ୍ଡରେ ମହାରାଷ୍ଟ୍ରର ପାରସ ସୁଭାଷଙ୍କୁ ମାତ୍ର ୫୫ ସେକେଣ୍ଡରେ ୧୦-୦ ପଏଣ୍ଟରେ ଅଜିତ୍ ହରାଇ ଏହି ସଫଳତା ପାଇଛନ୍ତି। ଓଡ଼ିଶା କୁସ୍ତି ସଂଘ ସମ୍ପାଦକ କିଶୋର ବେହେରା ଅଜିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତା ରାଜ୍ୟର ଅନ୍ୟ କୁସ୍ତି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବ ବୋଲି କିଶୋର କହିଛନ୍ତି।

# ପିଏସ୍‌ଏଲ୍‌ରେ ବଲ୍ ଟାମ୍ପରିଂ: ଜମାନ ୨ ମ୍ୟାଚ୍‌ରୁ ବାସନ୍ଦ

**କରାଚୀ,୩୧।୩**

ପାକିସ୍ତାନର ଭେଟେରାନ୍ ବ୍ୟାଟର ଫଖର ଜମାନ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍)ରେ ବଲ୍ ଟାମ୍ପରିଂ ଘଟଣାରେ ଦୋଷୀସାବ୍ୟସ୍ତ ହୋଇଛନ୍ତି। ଏଥିଯୋଗୁ ତାଙ୍କୁ ଦୁଇଟି ମ୍ୟାଚ୍‌ରୁ ବାସନ୍ଦ କରାଯାଇଛି।

ଜମାନ ଗତ ରବିବାର ଲାହୋର କଲନ୍ଦର୍ସ ଓ କରାଚୀ କିଙ୍ଗ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ଉଦ୍ଦିଷ୍ଟ କୋଡ୍ ଅଫ୍ କଣ୍ଡକ୍ଟର ଧାରା ୨.୧୪ ଉଲ୍ଲଂଘନ କରିଥିଲେ। ଏଥିଯୋଗୁ ତାଙ୍କୁ ପିଏସ୍‌ଏଲ୍‌ର ଦୁଇଟି ମ୍ୟାଚ୍‌ରୁ ବାସନ୍ଦ କରାଯାଉଛି। ମ୍ୟାଚ୍ ରେଫରି ରୋଶନ ମହାନାମା ବଲ୍ ଟାମ୍ପରିଂ ଘଟଣାର ପ୍ରମାଣକୁ ଯାଞ୍ଚ କରିବା ପରେ ଶୃଙ୍ଖଳାଗତ ଶୁଣାଣି କରିଥିଲେ ବୋଲି ପିଏସ୍‌ଏଲ୍ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୧୨୯ ରନ୍ ଟାର୍ଗେଟ୍‌ର ପିଛା କରୁଥିବା କରାଚୀ କିଙ୍ଗ୍ସକୁ ଅନ୍ତିମ ଓଭରରେ ଜିତିବା ପାଇଁ ୧୪ ରନ୍ ଦରକାର ଥିଲା। ଓଭର ଆରମ୍ଭ ହେବା ପୂର୍ବରୁ ଜମାନ ବୋଲର ହାରିସ୍ ରୌଫ ଓ ଅଧିନାୟକ ଶାହିନ ଶାହ ଆଫ୍ରିଦିଙ୍କ ସହ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା। ଏହାର କିଛି ସମୟ ପରେ ସେମାନଙ୍କଠାରୁ ଅମ୍ପାୟର ଫଇଜଲ ଆଫ୍ରିଦି ବଲ୍ ମାଗିଥିଲେ। ଅନ୍ୟ ଫିଲ୍ଡ ଅମ୍ପାୟରଙ୍କ ସହ ବଲ୍ ଯାଞ୍ଚ କରିବା ପରେ ବଲ୍‌ର କଣ୍ଡିଶନରେ ପରିବର୍ତ୍ତନ କରାଯାଇଥିବା ଜଣାପଡ଼ିଥିଲା। ବଲ୍ କଣ୍ଡିଶନରେ ପରିବର୍ତ୍ତନ କରିବା ଲାଗି ଅମ୍ପାୟରମାନେ କଲନ୍ଦର୍ସ ଦଳକୁ ୫ ରନ୍‌ର ପେନାଲ୍ଟି ଦେଇଥିଲେ ଏବଂ ବଲ ବଦଳାଇଥିଲେ।

# ଅଭୟ, ଅନାହତଙ୍କୁ ଏସିଆନ୍ ସ୍କ୍ୱାଶ୍ ପୁରସ୍କାର

**ନୂଆଦିଲ୍ଲୀ, ୩୧।୩(ପି.ଟି.)**

ଭାରତର ଅଭୟ ସିଂ ଏସିଆନ୍ ସ୍କ୍ୱାଶ୍ ଫେଡେରେଶନ ଦ୍ୱାରା ପୁରୁଷ ବିଭାଗରେ ୨୦୨୫ ବର୍ଷ ପାଇଁ 'ପ୍ଲେୟର ଅଫ୍ ଦି ଇୟର' ବିବେଚିତ ହୋଇଛନ୍ତି। ସେହିପରି ଅନାହତ ସିଂ ବାଳିକା ବିଭାଗ(ଜୁନିୟର)ରେ ଏହି ସମ୍ମାନ ଲାଭ କରିଛନ୍ତି। ଏସିଆନ୍ ସ୍କ୍ୱାଶ୍ ଫେଡେରେଶନ(ଏଏସ୍‌ଏଫ୍) ଦ୍ୱାରା ପ୍ରକାଶିତ ପୁରସ୍କାର ବିଜେତା ତାଲିକାରେ ଇଜିପ୍ଟରେ ୨୦୨୫ ୱାର୍ଲ୍ଡ ଜୁନିୟର ଟିମ୍ ଚାମ୍ପିୟନଶିପ୍ ବ୍ରୋଞ୍ଜ୍ ବିଜେତା ଭାରତୀୟ ବାଳକ ଦଳକୁ ପୁରୁଷ ଟିମ୍ ଆୱାର୍ଡ ମିଳିଛି। ଅଭୟ ବର୍ତ୍ତମାନ ବିଶ୍ୱର ୨୫ତମ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ଖେଳାଳି। ସେ ହେଉଛନ୍ତି ଏକାଧିକ ଥର ଏସିଆନ୍ ଗେମ୍ସ ପଦକ ଏବଂ ଏସିଆନ୍ ଚାମ୍ପିୟନଶିପ୍ ବିଜେତା।

# ପ୍ରଥମ ବାଉଟ୍ ଜିତିଲେ ବିବାଦୀୟ ଲିନ୍

**ଉଲାନବାତାର,୩୧।୩(ଏପି)**

**ଏସିଆନ୍ ବକ୍ସିଂ ଚାମ୍ପିୟନଶିପ୍**

ତାଇୱାନ୍‌ର ବିବାଦୀୟ ବକ୍ସର ଲିନ୍ ୟୁ-ଟିଙ୍ଗ୍ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ପରେ ଏସିଆନ୍ ଚାମ୍ପିୟନଶିପ୍‌ରେ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ବାଉଟ୍ ଜିତିଛନ୍ତି। ଚାମ୍ପିୟନଶିପ୍‌ରେ ଭାଗନେବା ପୂର୍ବରୁ ତାଙ୍କୁ ଲିଙ୍ଗ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥିଲା ବୋଲି ୱାର୍ଲ୍ଡ ବକ୍ସିଂ ପ୍ରକାଶ କରିଛି। ତାଇୱାନ୍‌ର ପ୍ରଥମ ବକ୍ସିଂ ଚାମ୍ପିୟନ ୬୦ କେଜି ରାଉଣ୍ଡ ଅଫ୍ ୧୬ରେ ଥାଇଲାଣ୍ଡର ଥାନାନ୍ୟାଙ୍କୁ ୫-୦ରେ ହରାଇ ଦେଇଥିଲେ। ଲିନ୍ ବର୍ତ୍ତମାନ କ୍ୱାର୍ଟର ଫାଇନାଲରେ ଫେଭରିଟ୍ ଜାପାନର ଆୟାକା ତାଗୁଚିଙ୍କୁ ଭେଟିବେ। ୩୦ ବର୍ଷୀୟା ଲିନ୍ ଦୁଇ ସପ୍ତାହ ପୂର୍ବରୁ ଏସୀୟ ଟାଇଟଲରେ ଅଂଶଗ୍ରହଣ ପାଇଁ ଅନୁମତି ପାଇ ନ ଥିଲେ। ଗତବର୍ଷ ବିଶ୍ୱ ବକ୍ସିଂ କ୍ରୀଡ଼ାର ଅଲିମ୍ପିକ୍‌ସ୍ତରୀୟ ପରିଚାଳନା ସଂସ୍ଥା ଭାବେ ଦାୟିତ୍ୱ ଗ୍ରହଣ କରିଥିଲା ଏବଂ ଗତ ଅଗଷ୍ଟରେ ଏକ ଲିଙ୍ଗ ଯୋଗ୍ୟତା ନୀତି କାର୍ଯ୍ୟକାରୀ କରିଥିଲା, ଯେଉଁଥିରେ ସମସ୍ତ ବକ୍ସରଙ୍କୁ 'ୱାଇ' କ୍ରୋମୋଜୋମ୍‌ର ଉପସ୍ଥିତି ଚିହ୍ନଟ କରିବା ପାଇଁ ଥରେ ଜେନେଟିକ୍ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ସୂଚନାଯୋଗ୍ୟ, ଗତ ଡିସେମ୍ବରରେ ପ୍ୟାରିସ୍ ଅଲିମ୍ପିକ୍ସ ୬୦ କେଜି ଶ୍ରେଣୀରେ ବ୍ରୋଞ୍ଜ୍ ବିଜେତା ତଥା ଦୁଇଥର ବିଶ୍ୱ ଚାମ୍ପିୟନ ଲିନ୍ ନିଜ ଦେଶର ଉ ଶିହ୍-ୟିଙ୍କୁ ପରାସ୍ତ କରି ଏସିଆନ୍ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। କିନ୍ତୁ ୱାର୍ଲ୍ଡ ବକ୍ସିଂ ମାର୍ଚ୍ଚ ୧୯ ପର୍ଯ୍ୟନ୍ତ ଲିନ୍‌ଙ୍କ ଯୋଗ୍ୟତା ନିଶ୍ଚିତ କରି ନ ଥିଲା। ବିବୃତିରେ କେବଳ ବିଶ୍ୱ ବକ୍ସିଂ ପ୍ରତିଯୋଗିତାରେ ଅଂଶଗ୍ରହଣ ବିଷୟରେ ଉଲ୍ଲେଖ କରାଯାଇଥିଲା। ଲିନ୍ ଯଦି ଅଲିମ୍ପିକ୍ସରେ ପୁଣି ଭାଗନେବାକୁ ଚାହାନ୍ତି ତେବେ ତାଙ୍କୁ ଲିଙ୍ଗ ପରୀକ୍ଷଣର ସାମ୍ନା କରିବାକୁ ପଡ଼ିବ କି ନା ତାହା ସ୍ପଷ୍ଟ କରାଯାଇନାହିଁ। ଆଇଓସି ଗତବର୍ଷ ଏହାର ନୂଆ ନିୟମ ଘୋଷଣା କରିଥିଲା। ଏଥିରେ ଟ୍ରାନ୍ସଜେଣ୍ଡରଙ୍କ ଅଂଶଗ୍ରହଣକୁ ବାରଣ କରାଯାଇଥିଲା।



# ନିର୍ଯାତନା ଅଭିଯୋଗ: ପ୍ରତିକ୍ରିୟା ରଖିଲେ ଚୌବେ

**ନୂଆଦିଲ୍ଲୀ,୩୧।୩:** ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ର କାର୍ଯ୍ୟକାରୀ ସଦସ୍ୟା ଭାଲଙ୍କା ଆଲେମାଓ ଆଣିଥିବା ନିର୍ଯାତନା ଓ ସ୍ୱର ଚାପିବାକୁ ଉଦ୍ୟମ ଅଭିଯୋଗ ସମ୍ପର୍କରେ ସଭାପତି କଲ୍ୟାଣ ଚୌବେ ମଙ୍ଗଳବାର ପ୍ରତିକ୍ରିୟା ରଖିଛନ୍ତି। କାର୍ଯ୍ୟକାରୀ କମିଟି ସହ ଫିଫା ଓମେନ୍ସ ଡେଭେଲପ୍‌ମେଣ୍ଟ କମିଟିରେ ସଦସ୍ୟ ଥିବା ଆଲେମାଓ ଫିଫା ଏଥିକ୍ସ କମିଟି ଚେୟାରମ୍ୟାନ୍ ମାର୍ଟିନ ଏନ୍‌ଗୋଗା ଓ ଫିଫାର ମହିଳା ଫୁଟ୍‌ବଲ କମିଟି ଚେୟାରମ୍ୟାନ ଲୌରା ଜର୍ଜେସ୍‌ଙ୍କୁ ମେଲ୍ କରି ଘଟଣାର ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଲାଗି ଅନୁରୋଧ କରିଛନ୍ତି। ଚୌବେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଜଣେ କାହାକୁ 'ହେକେଲ' ଶବ୍ଦର ଅର୍ଥ ପଚାରିବା ଦରକାର। ବୋର୍ଡରୁମ୍‌ରେ ୧୩ କାର୍ଯ୍ୟକାରୀ କମିଟି ସଦସ୍ୟ ଥିଲେ। ଏଣୁ ହେକେଲର ଅର୍ଥ କ'ଣ, ତାହା ମୁଁ ଜାଣିବାକୁ ଚାହେଁ। ବ୍ଲାକ୍‌ମେଲ କରିବା ଉଦ୍ଦେଶ୍ୟରେ ଏହି ଅଭିଯୋଗ କରାଯାଇଛି। ଫେଡେରେଶନରେ ବୋର୍ଡର ସମସ୍ତ ସଦସ୍ୟଙ୍କୁ ସମ୍ମାନ ଦିଆଯାଏ। ବୋର୍ଡ ସଦସ୍ୟଙ୍କ ମଧ୍ୟରେ ମିଜୋରାମ୍‌ର କ୍ରୀଡ଼ାମନ୍ତ୍ରୀ ରହିଛନ୍ତି। ତେବେ କିଏ କାହିଁକି କାହା ସ୍ୱର ଚାପିବାକୁ ଉଦ୍ୟମ କରିବ। ସେ ପ୍ରଥମେ ସଭାପତି, ଉପସଭାପତି, ଉପ ସମ୍ପାଦକ ଓ କମିଟି ସଦସ୍ୟଙ୍କୁ ଚିଠି ଲେଖିଥିଲେ। ଉକ୍ତ ଚିଠିରେ ସେ ଦର୍ଶାଇଥିଲେ ଯେ, ଉପସମ୍ପାଦକ ତାଙ୍କ ସହ ଉଚ୍ଚସ୍ୱରରେ କଥା ହୋଇଥିଲେ। ବୋର୍ଡରେ କିଏ କେତେ ଉଚ୍ଚସ୍ୱରରେ କଥା ହେବ, ତାହାର କିଛି ନିର୍ଦ୍ଦିଷ୍ଟ ନିୟମ ଅଛି କି। ମୋ ବିରୋଧରେ କୌଣସି ଅଭିଯୋଗ ନାହିଁ। ମୋତେ ନିଜକୁ ଡିଫେଣ୍ଡ କରିବାର କିମ୍ବା କିଛି ସ୍ପଷ୍ଟୀକରଣ ଦେବାର ଆବଶ୍ୟକ ନାହିଁ। କେବଳ ଏତିକି ମନେରଖନ୍ତୁ, ବୋର୍ଡ ମିଟିଂରେ କୌଣସି ହେକେଲିଂ, ନିର୍ଯାତନା କିମ୍ବା ଲିଙ୍ଗଗତ ଭେଦଭାବ ହୋଇନାହିଁ।

# ବିନା ପାଣିରେ ରୋଇଂ ଚାମ୍ପିୟନଶିପ୍

**କଟକ, ୩୧।୩(କୁମାରଶ୍ରୀ)**

**ଭାଗନେବେ ଦେଶର ୬୦୦ ପ୍ରତିଯୋଗୀ**

ବିନା ପାଣି ଏବଂ ବିନା ଡଙ୍ଗାରେ ଜାତୀୟ ରୋଇଂ ପ୍ରତିଯୋଗିତା ହେବ। କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆସନ୍ତା ୮ରୁ ଏଭଳି ପ୍ରତିଯୋଗିତା ଆୟୋଜନ କରାଯିବ। ଭାରତୀୟ ରୋଇଂ ଫେଡେରେଶନ ଏବଂ ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ମିଳିତ ସହଯୋଗରେ ହେବାକୁଥିବା ଏହି ଜାତୀୟ ପ୍ରତିଯୋଗିତା ପ୍ରଥମ ସର୍ବଭାରତୀୟ ଇନ୍‌ଡୋର ରୋଇଂ ଚାମ୍ପିୟନଶିପ୍। ଏହା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ଦେଶରୁ ମୋଟ ୬୦୦ ପ୍ରତିଯୋଗୀ ଭାଗନେବେ। ଡଙ୍ଗା ଭଳି ଏକ ମେଶିନ ଜରିଆରେ ପ୍ରତିଯୋଗୀମାନେ ମୁକାବିଲା କରିବେ। କେତେ ସମୟରେ କେତେ ଦୂରତା ଅତିକ୍ରମ କରିହେବ ତାହା ମେଶିନ୍‌ରୁ ଜଣାପଡ଼ିବ। ସେହି ଅନୁସାରେ ପ୍ରତିଯୋଗିତାର ଫଳାଫଳ ନିର୍ଣ୍ଣୟ କରାଯିବ। ପ୍ରଥମଥର ହେବାକୁଥିବା ଏଭଳି ଅଭିନବ ଜଳକ୍ରୀଡ଼ା ରୋମାଞ୍ଚକ ହେବ ବୋଲି ଅନୁମାନ କରାଯାଉଛି। ବୁଧବାର ଚାମ୍ପିୟନଶିପ୍ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯିବ ବୋଲି ଓଡ଼ିଶା ଆସୋସିଏଶନ ଫର୍ ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାସ କହିଛନ୍ତି।


# ବିବିସିଏ, ଆଇଆଇସି କ୍ୱାର୍ଟର ଫାଇନାଲରେ

**ଭୁବନେଶ୍ୱର, ୩୧।୩(ତପନ ସ୍ୱାଇଁ)**

**ରାମକୃଷ୍ଣ ମହାପାତ୍ର ମେମୋରିଆଲ କ୍ରିକେଟ**

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ହାଇଟେକ୍ ମେଡିକାଲ କଲେଜ ଖେଳପଡ଼ିଆରେ ଚାଲିଥିବା ପଣ୍ଡିତ ରାମକୃଷ୍ଣ ମହାପାତ୍ର ମେମୋରିଆଲ(୧୭ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟର ୨ଟି ପ୍ରି-କ୍ୱାର୍ଟର ଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଯଦୁପୁର କ୍ରିକେଟ ଏକାଡେମୀ ବିପକ୍ଷରେ ୪୨ ରନ୍‌ରେ ବିଜୟୀ ହୋଇ ଭରତ ଭୂଷଣ କ୍ରିକେଟ ଏକାଡେମୀ (ବିବିସିଏ) କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ବିପକ୍ଷରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ରିକେଟ(ଆଇଆଇସି)କୁ ବିଜେତା ଘୋଷଣା କରାଯାଇଛି।

ଯଦୁପୁର କ୍ରିକେଟ ଏକାଡେମୀ ଟସ୍ ଜିତି ଫିଲ୍ଡିଂ ନେଇଥିଲା। ବିବିସିଏ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୨୧ ରନ୍ କରିଥିଲା। ଦଳ ପକ୍ଷରୁ ସ୍ୱରିତ ଦାଶ ସର୍ବାଧିକ ୫୨ ରନ୍ କରିଥିବାବେଳେ ବିପକ୍ଷ ସେକ୍ ଏସ୍ ଉଦ୍ଦିନ ୨୬ ରନ୍ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ଜବାବରେ ଯଦୁପୁର କ୍ରିକେଟ ଏକାଡେମୀ ୧୭ ଓଭରରେ ୭୮ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ଅମିତେଶ ସାହୁ ୧୨ ରନ୍‌ରେ ୪ଟି ଉଇକେଟ ନେଇଥିଲେ। ଭରତ ଭୂଷଣ ଦାସ ଓ ଜିତୁ ମହାପାତ୍ର ଅତିଥି ଭାବେ ଯୋଗଦେଇ ସ୍ୱରିତ ଦାସଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପରବର୍ତ୍ତୀ ପ୍ରି-କ୍ୱାର୍ଟର ଫାଇନାଲରେ ଟସ୍ ଜିତି ବ୍ୟାଟିଂ କରିଥିବା ମୁକ୍ତେଶ୍ୱର ୨୦ ଓଭରରେ ୯ ଉଇକେଟ ହରାଇ ୧୦୬ ରନ୍ କରିଥିଲା। କେ. ଦୀପକ ପାତ୍ର ସର୍ବାଧିକ ୩୨ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଉଦିତ ନାରାୟଣ ଜଟା ୪ ଓଭରରେ ମାତ୍ର ୭ ରନ୍‌ଦେଇ ୨ ଉଇକେଟ ନେଇଥିଲେ। ଜବାବରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ରିକେଟ ୧୦.୧ ଓଭରରେ ୪ ଉଇକେଟ ହରାଇ ୨୫ ରନ୍ କରିଥିବା ସମୟରେ ଏକ ଅପ୍ରୀତିକର ଘଟଣା ଘଟିଥିଲା। ବୟସାଧିକ ଖେଳାଳିଙ୍କୁ ସୁଯୋଗ ଦିଆଯାଇଥିବା ଅଭିଯୋଗ କରି ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌ର ଅଧିନାୟକ ଏବଂ ମ୍ୟାନେଜର ଖେଳିବାକୁ ମନା କରିଦେଇଥିଲେ। ଦୁଇ ଅମ୍ପାୟରଙ୍କ ନିଷ୍ପତ୍ତି ଅନୁସାରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ରିକେଟ ଦଳକୁ ମ୍ୟାଚ୍ ବିଜେତା ଘୋଷଣା କରାଯାଇଥିଲା। ଉଦିତ ନାରାୟଣ ଜଟାଙ୍କୁ ଅତିଥି ତଥା କ୍ରିକେଟ ସଂଗଠକ ମନୋଜ କୁମାର ମହାପାତ୍ର ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କ୍ଲବ୍‌ର ଦୀପ୍ତିରଞ୍ଜନ ପଣ୍ଡା ଓ ବିନୋଦ ବାରିକ୍ ଉପସ୍ଥିତ ଥିଲେ।



ଉଦିତ ନାରାୟଣ ଜଟାଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଭାଜପାରେ ଯୋଗଦେଲେ ପେସ୍

**ନୂଆଦିଲ୍ଲୀ,୩୧।୩(ପି.ଟି.)**

ଭାରତର ଟେନିସ୍ କିମ୍ବଦନ୍ତୀ ଲିଆଣ୍ଡର ପେସ୍ ମଙ୍ଗଳବାର ଭାରତୀୟ ଜନତା ପାର୍ଟି (ଭାଜପା)ରେ ଯୋଗଦେଇଛନ୍ତି। ପଶ୍ଚିମବଙ୍ଗରେ ହେବାକୁଥିବା ବିଧାନସଭା ନିର୍ବାଚନ ପୂର୍ବରୁ ୫୧ ବର୍ଷୀୟ ପେସ୍ ବିରୋଧୀ ଦଳରେ ଯୋଗଦେଇଛନ୍ତି। କୌତୂହଳର ବିଷୟ ହେଲା, ପେସ୍ ୨୦୨୧ରେ ବର୍ତ୍ତମାନ ସରକାର ଥିବା ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ଯୋଗଦେଇଥିଲେ। ଏପରିକି ୨୦୨୨ରେ ଗୋଆ ନିର୍ବାଚନ ବେଳେ ସେ ଟିଏମ୍‌ସି ଲାଗି ପ୍ରଚାର କରିଥିଲେ।

ପେସ୍ ଦୀର୍ଘ ୩ ଦଶନ୍ଧି ଧରି ଭାରତୀୟ ଟେନିସ୍‌ର ଚେହେରା ହୋଇ ରହିଥିଲେ। ସେ ୧୯୯୬ ଆଟ୍‌ଲାଣ୍ଟା ଅଲିମ୍ପିକ୍ସରେ ପୁରୁଷ ସିଙ୍ଗଲ୍ସ ବର୍ଗରେ ବ୍ରୋଞ୍ଜ୍ ପଦକ ଜିତି ଇତିହାସ ରଚିଥିଲେ। ତାଙ୍କର ଏହି ଉପଲବ୍ଧି ସହ ଅଲିମ୍ପିକ୍‌ର ବ୍ୟକ୍ତିଗତ ଇଭେଣ୍ଟରେ ଭାରତର ପଦକ ଆଶା ଶେଷ ହୋଇଥିଲା। ତାଙ୍କ ନାମରେ ୧୮ ଗ୍ରାଣ୍ଡସ୍ଲାମ ଟାଇଟଲ ରହିଛି। ପୁରୁଷ ଡବଲ୍ସରେ ୮ଟି ଓ ମିକ୍ସଡ୍‌ରେ ୧୦ଟି ଗ୍ରାଣ୍ଡସ୍ଲାମ ଜିତିଥିଲେ। ଏପରିକି ସେ ମିକ୍ସଡ୍ ଡବଲ୍ସରେ କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରା କରିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଭାରତୀୟ ଡେଭିସ୍ କପ୍ ଦଳ ଉଚ୍ଚ ର୍‍ୟାଙ୍କ୍‌ଧାରୀ ଦଳ ବିପକ୍ଷରେ ଅନେକ ସ୍ମରଣୀୟ ବିଜୟ ହାସଲ କରିଥିଲା। ଟେନିସ୍‌ରୁ ଅବସର ନେବାପରେ ସେ ନିକଟରେ ବେଙ୍ଗଲ ଟେନିସ୍ ଆସୋସିଏଶନ(ବିଟିଏ)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ନୂଆ ଜାତୀୟ କ୍ରୀଡ଼ା ପ୍ରଶାସନ ଆଇନ ଅନୁଯାୟୀ, ସମ୍ବିଧାନରେ ପରିବର୍ତ୍ତନ ପରେ ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏଶନ (ଏଆଇଟିଏ) ନିର୍ବାଚନରେ ପେସ୍ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି।




ଭାଜପା ନେତୃବୃନ୍ଦଙ୍କ ସହ ଲିଆଣ୍ଡର ପେସ (ମଝି)।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ